ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୮୨
୯ ଡିସେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 182
9th December, 2025 Tuesday
Bhubaneswar

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2006/23033    Postal Regd. No. : BN/169/13-15    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ନ ଦୈବମପି ସଂଚିନ୍ତ୍ୟ ତ୍ୟଜେଦୁଦ୍ୟୋଗମାତ୍ମନଃ**
**ଅନୁଦ୍ୟୋଗେନ ତୈଳାନି ତିଳେଭ୍ୟୋ ନାପ୍ତୁମର୍ହତି**

ଭାଗ୍ୟରୁ ସବୁ ହୁଏ, ପରିଶ୍ରମ କିଛି ନୁହେଁ – ଏପରି ଚିନ୍ତାକରି ଉଦ୍ୟମରୁ ବିରତ ହେବା ଅନୁଚିତ । ତିଳରୁ ତେଲ ବାହାରେ ସତ, କିନ୍ତୁ ଉଦ୍‌ଯୋଗ ନକଲେ ତିଳରୁ ତେଲ ବାହାରିବା ସମ୍ଭବ ନୁହେଁ ।

# କଟାମୁଣ୍ଡ ନମିଳିବାରୁ ହିଂସା ତେଜୁଛି

**ମାଲକାନଗିରି,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଭସ୍ତ ହତ୍ୟାକାଣ୍ଡକୁ ନେଇ ୨ ଦିନ ହେଲା ଲାଗି ରହିଛି ମାଲକାନଗିରିରେ ବ୍ୟାପକ ହିଂସାକାଣ୍ଡ। ମହିଳାଙ୍କ କଟାମୁଣ୍ଡ

## ମାଲକାନଗିରି ଅଶାନ୍ତ



ନ ମିଳିବା ନେଇ ଦୁଇଗୋଷ୍ଠୀ ମଧ୍ୟରେ ଥମୁନି ଗଣ୍ଡଗୋଳ। ଏମ୍‌ଭି-୨୬ ଗାଁରେ ଆଜି ପୁଣି ବ୍ୟାପକ ଭଙ୍ଗାରୁଜା ଓ ପୋଡାଜଳା କରିଛନ୍ତି ହଜାର ହଜାର ଅସ୍ତ୍ରଶସ୍ତ୍ରଧାରୀ ଲୋକ। ତା ପୁଣି ପୁଲିସ ଆଖି ଆଗରେ। ସ୍ଥିତି ଶାନ୍ତ କରିବାକୁ ବିଏନ୍‌ଏସ୍-୧୬୩ ଧାରା ଲାଗୁ ହେବା ସହ, ୨୪ ଘଣ୍ଟା ପାଇଁ ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ ରଖାଯାଇଛି। ସେପଟେ ମୃତ ମହିଳାଙ୍କ କଟାମୁଣ୍ଡ ଖୋଜା ଚାଲିଛି ଏବଂ ହତ୍ୟାକାଣ୍ଡରେ ସଂପୃକ୍ତି ସନ୍ଦେହରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଘଟଣାସ୍ଥଳକୁ ରବିବାର ରାତିରେ ଡିଆଇଜି ପରିଦର୍ଶନ କରି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ମାଲକାନଗିରି ଜିଲ୍ଲା ସଦର କୋରକୁଣ୍ଡା ଥାନାସ୍ଥ ଡୁଡାମେଟଲା ଗ୍ରାମ ପୋଟେରୁ ନଦୀରୁ ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତ ଦେହ ଗତ ୪ ଦିନ ତଳେ ଉଦ୍ଧାର ହୋଇଥିଲା । ସେହି ଘଟଣାକୁ ନେଇ ରଖେଲଗୁଡା ଓ ଏମ୍‌ଭି ୨୬ ଗ୍ରାମ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ହତ୍ୟା କିଏ କରିଛି ତାହା ଅସ୍ପଷ୍ଟ ରହିଛି। ନିଖୋଜ ଥିବା ମୁଣ୍ଡକୁ ଉଦ୍ଧାର କରିବା ସହିତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ରାଖେଲଗୁଡା ଗ୍ରାମବାସୀଙ୍କ ସମେତ ଆଦିବାସୀ ସଂଘ ପୁଲିସ ପ୍ରଶାସନ ନିକଟରେ ଦାବୀ କରିଥିଲେ। ଦୀର୍ଘ ୪ ଦିନ ହେବ କୌଣସି ସୁଫଳ ନ ମିଳିବାରୁ ଏହାକୁ ନେଇ ରବିବାର ଏମ୍‌ଭି-୨୬ ଏବଂ ରାଖାଲଗୁଡା ଗ୍ରାମ ଓ ଆଦିବାସୀ ସଂଘ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। କିଛି ଲୋକ ଏମ୍‌ଭି ୨୬ ଗ୍ରାମରେ ନିଆଁ ଲଗାଇ ଦେବା ସହ ଘର ଭାଙ୍ଗି ଦେଇଥିଲେ। ଘଟଣା ସ୍ଥଳରେ ଡିଆଇଜି, ଏସପି, ଜିଲ୍ଲାପାଳ ଓ ଅନ୍ୟାନ ଅଧିକାରୀ ପହଞ୍ଚି ଉଭୟ ଗ୍ରାମବାସୀଙ୍କୁ ବୁଝାଇଥିଲେ।

ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉଭୟ ଗୋଷ୍ଠୀଙ୍କୁ ଡାକି ଶାନ୍ତି କମିଟି ଗଠନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ସୋମବାର ସକାଳେ ଆଦିବାସୀ ସମାଜ ମହାସଂଘର ସଭାପତି ସହିତ ଅନ୍ୟାନ ଆଦିବାସୀ ନେତାମାନେ ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲ୍ଲା ବଙ୍ଗାଳୀ ସମାଜ ପକ୍ଷରୁ ପ୍ରାୟ ୧୦ହଜାର ଲୋକ ଏମଭି୩ କୃଷ୍ଣ ମନ୍ଦିର ଠାରୁ ୫ କିଲୋମିଟର ଶାନ୍ତିପୂର୍ଣ ପଦଯାତ୍ରାରେ ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାହା ଫଳରେ ପ୍ରାୟ ଦୁଇ ଘଣ୍ଟାରୁ ଉର୍ଦ୍ଧ ସମୟ ମାଲକାନଗିରି-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ପାଇଁ ୨୪ ଘଣ୍ଟା ସମୟ ମଗା ଯିବା ପରେ ବଙ୍ଗାଳି ସମାଜ ପକ୍ଷରୁ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲ।

ଘଟଣାସ୍ଥଳରେ ପରିସ୍ଥିତି ନିୟନ୍ତ୍ରଣ ଥିଲେ ମଧ ଉଭୟ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ଲାଗିରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରି ଦିଆଯାଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ଶାନ୍ତି ଫେରାଇ ଆଣିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଅନ୍ୟପକ୍ଷରେ ୪ ଦିନ ପରେ ମୁଣ୍ଡ ବିହୀନ ମହିଳାର ଶବ ବ୍ୟବଚ୍ଛେଦ କରା ଯାଇଥିଲେ ମଧ ମୁଣ୍ଡ ନଥିବାରୁ ପରିବାର ଲୋକେ ନେଉନଥିବାରୁ ହସ୍ତାନ୍ତର କରାଯାଇ ପାରିନାହିଁ, ହସ୍ପିଟାଲରେ ଶବକୁ ସୁରକ୍ଷିତ ରଖାଯାଇଛି।

# ନୋଟାରି ଜାଲିଆତି ରୋକିବ ଅଟୋମେସନ ପୋର୍ଟାଲ୍




**ଭୁବନେଶ୍ୱର,୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ନୋଟାରିମାନଙ୍କ ଦ୍ୱାରା ହେଉଥିବା ଜାଲିଆତି ରୋକିବା ପାଇଁ ଆଇନ୍ ବିଭାଗର ବଡ଼ ପଦକ୍ଷେପ। ଆସନ୍ତା ଜାନୁଆରୀ ୧ ତାରିଖରୁ ନୋଟରି ଅଟୋମେସନ ପୋର୍ଟାଲ କାର୍ଯ୍ୟ କରିବ। ମୋବାଇଲ ଆପ ଜରିଆରେ ପ୍ରତିଦିନ ରିପୋର୍ଟ ଦାଖଲ କରିବେ। ଯାହାକୁ ଆଜି ଆଇନ୍ ମନ୍ତ୍ରୀ ଏହି ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି। ନୋଟାରି ପଞ୍ଜିକରଣ, ନୋଟାରି ମାନକ କାର୍ଯ୍ୟର ତଦାରଖ, ସ୍ୱଚ୍ଛତା ବାବଦରେ ଏଣିକି ଆଇନ୍ ବିଭାଗ ଜାଣିପାରିବ। ପ୍ରତିଦିନ ନୋଟରିରେ ହେଉଥିବା କାର୍ଯ୍ୟର ତଦାରଖ ସହ ବେଆଇନ୍ କାର୍ଯ୍ୟକୁ ଏହାଦ୍ୱାରା ରୋକଯାଇପାରିବ। ଅନେକ ସମୟରେ ନୋଟାରିମାନଙ୍କ ଦ୍ୱାରା ହେଉଥିବା ଏଗ୍ରିମେଣ୍ଟ ଏବଂ ଜମିବାଡ଼ି ରେଜିଷ୍ଟ୍ରେସନ ସମ୍ପର୍କିତ ଦୈନନ୍ଦିନ କାର୍ଯ୍ୟ ଏଥିରେ ଉପଲବ୍ଧ ହେବ। ବିଭିନ୍ନ ଡକ୍ୟୁମେଣ୍ଟକୁ ସାର୍ଟିଫାଏଡ଼ କରିବାରେ ନୋଟାରିମାନଙ୍କର ଭୂମିକା ରହିଥାଏ।

# ଅଚଳାବସ୍ଥାର ପ୍ରକୃତ କାରଣ ଜାଣିବା କଷ୍ଟକର: ଇଣ୍ଡିଗୋ

**ନୂଆଦିଲ୍ଲୀ,୮।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିମାନ ଚଳାଚଳରେ ଅଚଳାବସ୍ଥା ସମ୍ପର୍କରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ)ଙ୍କ କାରଣ ଦର୍ଶାଅ ନୋଟିସର ଉତ୍ତର ଦେଇଛି ବିମାନ ସେବା କମ୍ପାନି ଇଣ୍ଡିଗୋ। ନିଜ ଉତ୍ତରରେ, ଇଣ୍ଡିଗୋ କହିଛି ଯେ ଏତେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ପ୍ରକୃତ କାରଣ ପ୍ରକାଶ କରିବା କଷ୍ଟକର ହେବ।

ଡିଜିସିଏଙ୍କ ନୋଟିସରେ ଇଣ୍ଡିଗୋକୁ ପଚରାଯାଇଥିଲା ଯେ କାହିଁକି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ସରକାର ପୂର୍ବରୁ କହିସାରିଛନ୍ତି ଯେ ଇଣ୍ଡିଗୋର ସିଇଓ ଏବଂ ସିଓଓ ସେମାନଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ପାଳନ କରିନାହାଁନ୍ତି ଏବଂ ଯଦି ଡିଜିସିଏ ଉତ୍ତରରେ ସନ୍ତୁଷ୍ଟ ନହୁଏ, ତେବେ ଏହା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

ଏହାର ଉତ୍ତରରେ ଡିଜିସିଏକୁ ଇଣ୍ଡିଗୋ କହିଛି ଯେ ଏତେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ପ୍ରକୃତ କାରଣ ପ୍ରକାଶ କରିବା କଷ୍ଟକର ହେବ। ଡିଜିସିଏ ନିୟମାବଳୀ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ୧୫ ଦିନ ସମୟ ପ୍ରଦାନ କରେ। ସମ୍ପୂର୍ଣ୍ଣ ରିପୋର୍ଟ ସମ୍ପୂର୍ଣ୍ଣ ହେବା ମାତ୍ରେ ଡିଜିସିଏ ନିକଟରେ ଦାଖଲ କରାଯିବ। ଇଣ୍ଡିଗୋ ଏହା ମଧ୍ୟ କହିଛି ଯେ ସେମାନେ ପୂର୍ବରୁ ଡିଜିସିଏ ସହିତ ଏହି ନୂତନ ଏଫଡିଟିଏଲ୍ ନିୟମ ବିଷୟରେ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ

**ଭୁବନେଶ୍ୱର,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ବିଧାନସଭାରେ ୧୭,୪୪୦ କୋଟିର ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହୋଇଛି। ବିଲ୍ ଉପରେ ଏକ ଜୋରଦାର ଆଲୋଚନା ହୋଇଥିଲା। ବିରୋଧୀ ଦଳ ବିଜେଡି ଏବଂ କଂଗ୍ରେସର ବିଧାୟକମାନେ ଆର୍ଥିକ ପରିଚାଳନା, ଆଇନ ଶୃଙ୍ଖଳା, ମହିଳା ସୁରକ୍ଷା ଏବଂ ବଜେଟ୍ ଖର୍ଚ୍ଚ ବିଫଳତାକୁ ନେଇ ବିଜେପି ସରକାରଙ୍କୁ ଘେରି ଥିଲେ।

ବିଜେଡି ବିଧାୟକ ଅରୁଣ କୁମାର ସାହୁ ଆଲୋଚନା ଆରମ୍ଭ କରି ସରକାରଙ୍କ ଉପରେ ଦୁର୍ବଳ ଆର୍ଥିକ ପରିଚାଳନାର ଅଭିଯୋଗ ଆଣିଥିଲେ। ସେ ଯୁକ୍ତି ଦର୍ଶାଇଥିଲେ ଯେ ପ୍ରଶାସନ ଋଣ ମାଧ୍ୟମରେ ବଜେଟ୍ ପରିମାଣ ବୃଦ୍ଧି କରିଛି କିନ୍ତୁ ପ୍ରଭାବଶାଳୀ ଭାବରେ ଖର୍ଚ୍ଚ କରିବାରେ ବିଫଳ ହୋଇଛି।

ସେ ମହିଳାମାନଙ୍କ ବିରୋଧରେ ବଢୁଥିବା ଅପରାଧ ଉପରେ ଆଲୋକପାତ କରିଥିଲେ ଏବଂ ସୌମ୍ୟଶ୍ରୀ ଆତ୍ମହତ୍ୟା, ଗୋପାଳପୁର ଗଣଦୁଷ୍କର୍ମ, ଏବଂ ବଳଙ୍ଗା ଏବଂ ମାଲକାନଗିରିରେ ଶିଶୁ ନିର୍ଯାତନା ମାମଲା ଭଳି ଘଟଣାଗୁଡ଼ିକର ଉଦାହରଣ ଦେଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଓଡ଼ିଶାରେ ଏବେ ପ୍ରତିଦିନ ପ୍ରାୟ ୧୫ ବଳାତ୍କାର ମାମଲା ରିପୋର୍ଟ ହେଉଛି, ଯାହା ମହିଳାଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଛି।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠି ତୀବ୍ର ପ୍ରତିବାଦ କରି ଗୃହକୁ ୨୪ ବର୍ଷର ବିଜେଡି ଶାସନର ମନେ ପକାଇ ଦେଇଥିଲେ। ସେ କହିଛନ୍ତି ଯେ ବିଜେଡି ନେତାମାନେ ବିଫଳତା ସ୍ୱୀକାର କରିଛନ୍ତି ଏବଂ ଦଳ ଶୀତଳ ଭଣ୍ଡାର, ପାନୀୟ ଜଳ ଯୋଗାଣ, ଚାଷୀ ବୋନସ ଏବଂ ଯୁବ ନିଯୁକ୍ତି ଉପରେ ପ୍ରତିଶ୍ରୁତି ଭାଙ୍ଗିବାର ଅଭିଯୋଗ କରିଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଓଡ଼ିଶା ଭୋଟରମାନେ ସାମ୍ପ୍ରତିକ ନିର୍ବାଚନରେ ବିଜେଡିକୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି ଏବଂ ଦଶନ୍ଧି ଧରି କ୍ଷମତାକୁ ଫେରିବେ ନାହିଁ ବୋଲି ପୂର୍ବାନୁମାନ କରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ବଜେଟକୁ 'ଏକ ଭ୍ରମ' ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଅର୍ଥନୈତିକ ଆଲୋଚନା ରାଜନୈତିକ ବୟାନବାଜିକୁ ସ୍ଥାନ ଦେଇଛି। ସେ ନୀତି ଆୟୋଗର ତଥ୍ୟକୁ ଉଲ୍ଲେଖ କରି ଯୁକ୍ତି ଦେଇଥିଲେ ଯେ ଓଡ଼ିଶା ଥରେ ଦେବାଳିଆ ପରିସ୍ଥିତିର **(ଶେଷ ପୃଷ୍ଠା ଦେଖନ୍ତୁ)**

# ଜନ୍ମ ସାର୍ଟିଫିକେଟ ଦାଖଲ ନ ହେବା ଯୋଗୁ ଜିମାରୁ ବଞ୍ଚିତ ହେବେନି ବାପା

**କଟକ,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ନିଜ ପିତୃତ୍ୱ ପ୍ରମାଣ ପାଇଁ ଜନ୍ମ ସାର୍ଟିଫିକେଟ ଦାଖଲ କରି ନ ପାରିବା କାରଣରୁ ବାପାଙ୍କୁ ଶିଶୁପୁତ୍ରର ଜିମାରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ପତ୍ନୀଙ୍କ ମୃତ୍ୟୁ ସାର୍ଟିଫିକେଟ ଓ ଶିଶୁପୁତ୍ରର ଜନ୍ମ ସାର୍ଟିଫିକେଟ ଦାଖଲ କରିବାରେ ବିଫଳ ହେବାରୁ ସନ୍ତାନର ଜିମା ପାଇବା ପାଇଁ ବାପା ଦାଏର କରିଥିବା ଆବେଦନକୁ ଖାରଜ କରି ଭଦ୍ରକ ପରିବାର ଅଦାଲତ ୨୦୨୨, ଜୁଲାଇ ୭ରେ ପ୍ରଦାନ କରିଥିବା ରାୟକୁ ହାଇକୋର୍ଟ ଖାରଜ କରିଛନ୍ତି। ପରିବାର ଅଦାଲତରେ ଆବେଦନକାରୀଙ୍କ ଶ୍ୱଶୁର ଦାଖଲ କରିଥିବା ଜବାବରୁ ଶିଶୁପୁତ୍ରର ସେ ବାପା ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା। ପରିବାର ଅଦାଲତ ଏହି ତଥ୍ୟକୁ ବିଚାରକୁ ନ ନେଇ ତଥା ଜନ୍ମ ସାର୍ଟିଫିକେଟ ଦାଖଲ କରାଯାଇ ନଥିବା କାରଣରୁ ଆବେଦନକାରୀଙ୍କ ଦରଖାସ୍ତକୁ ଖାରଜ କରିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତ ଦେବା ସହିତ ଏହାକୁ ଖାରଜ କରିଛନ୍ତି।

ଏଥି ସହିତ ଆବେଦନକାରୀଙ୍କୁ ଶିଶୁପୁତ୍ରର ଜିମା ହସ୍ତାନ୍ତର କରିବାକୁ ଶିଶୁର ଅଜାଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଘରେ ଶିଶୁକୁ ଅଜା ଯେତେବେଳେ ଚାହିଁବେ ଭେଟି ପାରିବେ। ଏଥି ପାଇଁ ଅଜା ତାରିଖ ଓ ସମୟ ସଂପର୍କରେ ଆବେଦନକାରୀଙ୍କୁ ଆଗୁଆ ସୂଚନା ଦେବେ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି ଯେ ଯଦି ଆବେଦନକାରୀଙ୍କୁ ଶିଶୁର ଜିମା ପ୍ରଦାନ କରାନଯାଏ ତେବେ ଉଭୟ ବାପା-ପୁଅ ପରସ୍ପରର ସ୍ନେହ ମମତାରୁ ବଞ୍ଚିତ ହେବେ।

ମା'ଙ୍କ ମୃତ୍ୟୁ ହେବା ବେଳେ ଶିଶୁଟି ଅତି ଛୋଟ ଥିଲା ଓ ଏବେ ତାକୁ ସାଢେ ୫ବର୍ଷ ବୟସ। ଏଭଳି ସ୍ଥିତିରେ ଶିଶୁର ପସନ୍ଦ ଆକଳନ କରାଯାଇ ପାରିବ ନାହିଁ। ଅଜାଙ୍କୁ ଶିଶୁର ଜିମା ତାର ବାପାଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଉଛି ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ ସଂଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂପର୍କିତ ମାମଲାର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଆବେଦନକାରୀଙ୍କ ବିବାହ ୨୦୧୯ରେ ହୋଇଥିଲା।

ପତ୍ନୀ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ପତ୍ନୀ ଶିଶୁ ସହିତ ବାପଘରେ ଥିବା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ଶିଶୁପୁତ୍ର ତାର ଅଜାଙ୍କ ଘରେ ରହୁଥିଲା। ପୁଅର ଜିମା ପାଇଁ ଆବେଦନକାରୀ ୨୦୨୧ରେ ଭଦ୍ରକ ପରିବାର ଅଦାଲତରେ ମାମଲା ଦାୟର କରିଥିଲେ। ମାମଲାରେ ଅଜା ଦାଖଲ କରିଥିବା ଜବାବରେ ଆବେଦନକାରୀଙ୍କ ବିବାହ ଓ ଶିଶୁପୁତ୍ରର ଜନ୍ମ ପ୍ରସଂଗ ସ୍ୱୀକାର କରାଯାଇଥିଲା। କିନ୍ତୁ ଆବେଦନକାରୀ ପତ୍ନୀଙ୍କ ମୃତ୍ୟୁ ସାର୍ଟିଫିକେଟ ଓ ପୁଅର ଜନ୍ମ ସାର୍ଟିଫିକେଟ ଉପସ୍ଥାପନ କରିବାରେ ବିଫଳ ହୋଇଥିଲେ। ଏହାପରେ ପରିବାର ଅଦାଲତ ଆବେଦନକାରୀଙ୍କ ଦରଖାସ୍ତକୁ ୨୦୨୨, ଜୁଲାଇ ୭ରେ ଖାରଜ କରିଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ପଲି ପ୍ୟାକିଂ କମ୍ପାନୀରେ ଅଗ୍ନିକାଣ୍ଡ

**କଟକ,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତପୁର ଥାନା ଅନ୍ତର୍ଗତ ଗୁଜରପୁର ଠାରେ ଥିବା ଏକ ପଲି ପ୍ୟାକିଂ କାରଖାନାରେ ଭୟାବହ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଜଳିପୋଡ଼ି ଭସ୍ମୀଭୂତ ହୋଇଯାଇଛି । ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ନିଆଁକୁ ଆୟତ୍ତ କରିବା ସମ୍ଭବପର ହୋଇପାରିନଥିଲା । ଯାହା ଫଳରେ ଅଗ୍ନିକାଣ୍ଡରେ କାରଖାନାରେ ଥିବା କଂଚା ମାଲ ସମେତ ବିଭିନ୍ନ ଯନ୍ତ୍ରାଂଶ ଓ ପଲିଥିନ ବ୍ୟାଗ ଆଦି ଭସ୍ମୀଭୂତ ହୋଇଯାଇଛି । ସୂଚନା ମୁତାବକ ଜଗତପୁର ଥାନା ଅନ୍ତର୍ଗତ ଇମାମନଗର ଗୁଜରପୁର ବସନ୍ତବିହାର ଠାରେ ଜଗାକାଳିଆ ନାମକ ଏକ ପଲି ପ୍ୟାକିଂ କାରଖାନା ରହିଛି । ଉକ୍ତ କାରଖାନାରେ ସୋମବାର ପୂର୍ବାହ୍ନ ପ୍ରାୟ ୯ ଘଟିକା ସମୟରେ ନିଆଁ ଲାଗି ଯାଇଥିଲା । ନିଆଁର ବେଗ ଏତେ ପ୍ରଖର ଥିଲା ଯେ, ଚାହୁଁ ଚାହୁଁ ନିଆଁ ସମଗ୍ର କାରଖାନାକୁ ବ୍ୟାପି ଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ୫ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରି ନଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଗୋଟିଏ ପ୍ରିଂଟିଂ ମେସିନ, ଗୋଟିଏ କଟିଂ ମେସିନ, ଗୋଟିଏ ସିଲେଇ ମେସିନ, ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଜରି ବଣ୍ଡଲ, ବ୍ୟାଗ ସହ ଲକ୍ଷାଧିକ ଟଙ୍କାର କଂଚା ମାଲ ଓ କାରଖାନା ଟିଣ ଆଜବେଷ୍ଟସ ଛାତ ଜଳି ଭସ୍ମୀଭୂତ ହୋଇଯାଇଛି । ଯଦି ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇନଥାନ୍ତା ତେବେ ସ୍ଥାନୀୟ ଅଂଚଳ ଜଳିପୋଡ଼ି ଛାରଖାର ହୋଇଯାଇଥାନ୍ତା । ଅଗ୍ନିକାଣ୍ଡର ପ୍ରକୃତ କାରଣ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଭିଜିଲାନ୍ସ ହାତରେ ଏଏସଆଇ

**ଯାଜପୁର,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଥାନାର କାର୍ଯ୍ୟରତ ଏଏସ୍‌ଆଇ ନନ୍ଦ କିଶୋର ଦାସ ଏକ ଜମିଜମା ବିବାଦ ସମାଧାନ କରିବାକୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଯାଜପୁର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଧରାପଡ଼ିବା ପରେ ଭିଜିଲାନ୍ସ ବିଭାଗ ଲାଞ୍ଚ ଟଙ୍କା ଜବତ କରିବା ସହ ରହୁଥିବା ଘର ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଯାଜପୁର ବଡ଼ବଜାର ଅଞ୍ଚଳର ରସାନନ୍ଦ ସାହୁ ଓ ତାଙ୍କ ସାନ ଭାଇ ଦୋଳ ଗୋବିନ୍ଦ ସାହୁଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ୨୦୧୫ ମସିହାରେ ବିବାଦ ଦେଖା ଦେଇଥିଲା। ଏପରିକି ବିବାଦ ଉଚ୍ଚ



ନ୍ୟାୟାଳୟକୁ ଯାଇଥିଲା। ଉଚ୍ଚ ନ୍ୟାୟାଳୟରେ ଦୀର୍ଘ ୧୦ ବର୍ଷ ଧରି ମାମଲା ଚାଲିଥିବା ବେଳେ ସାନଭାଇ ଦୋଳଗୋବିନ୍ଦଙ୍କ ସପକ୍ଷରେ ରାୟ ପ୍ରକାଶ ପାଇଥିଲା। ଏ ନେଇ ଦୋଳ ଗୋବିନ୍ଦ ସୀମା ନିର୍ଦ୍ଧାରଣ ପାଇଁ ଉପଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଅନ୍ୟ ପକ୍ଷରେ ବଡ଼ ଭାଇ ରସାନନ୍ଦ ସାହୁ ଏହି ରାୟ ବିରୁଦ୍ଧରେ ପୁନର୍ବାର ଉଚ୍ଚ ନ୍ୟାୟାଳୟରେ ପୁନଃ ବିଚାର ନିମନ୍ତେ ଆବେଦନ କରିଥିଲେ। ଉଚ୍ଚ ନ୍ୟାୟାଳୟ ଯାଜପୁର ତହସିଲଦାରଙ୍କୁ ସୀମା ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ତହସିଲଦାର ସୀମା ନିର୍ଦ୍ଧାରଣ ସମୟରେ ଉଭୟ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିବା ଯୋଗୁ ସୀମା ନିର୍ଦ୍ଧାରଣ ସ୍ଥଗିତ ରହିଥିଲା। ଏ ନେଇ ଯାଜପୁର ଥାନାରେ **(ଶେଷ ପୃଷ୍ଠା ଦେଖନ୍ତୁ)**

# ସନ୍ଦିଗ୍ଧ ଚୀନ୍ ନାଗରିକ ଗିରଫ: ମୋବାଇଲରୁ ମିଳିଲା ସମ୍ବେଦନଶୀଳ ତଥ୍ୟ

**ଶ୍ରୀନଗର,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜମ୍ମୁକାଶ୍ମୀରରେ ବିନା ଅନୁମତିରେ ବୁଲୁଥିବା ଜଣେ ଚୀନ୍ ନାଗରିକଙ୍କୁ ଗିରଫ କରିଛନ୍ତି ସୁରକ୍ଷା ଏଜେନ୍ସି। ଲଦାଖ ଏବଂ କାଶ୍ମୀରର ସମ୍ବେଦନଶୀଳ ଅଞ୍ଚଳରେ ସେ ବୁଲୁଥିଲେ। ୨୯ ବର୍ଷୀୟ ଚୀନ୍ ନାଗରିକ ନଭେମ୍ବର ୧୯ରେ ଟୁରିଷ୍ଟ ଭିସାରେ ଭାରତ ଆସିଥିଲେ। ତାଙ୍କୁ ବାରଣାସୀ, ଆଗ୍ରା, ନୂଆଦିଲ୍ଲୀ, ଜୟପୁର, ସାରନାଥ, ଗୟା ଏବଂ ଖୁସିନଗରରେ ଥିବା ବୌଦ୍ଧ ଧର୍ମସ୍ଥଳକୁ ଯିବାକୁ ଅନୁମତି ଥିଲା। କିନ୍ତୁ ହୁ କୋଙ୍ଗତାଇ ନଭେମ୍ବର ୨୦ରେ ଦିଲ୍ଲୀରୁ ବିମାନ ଯୋଗେ ଲେହରେ ପହଞ୍ଚିଥିଲେ। ସେଠାରୁ ସେ ଲଦାଖରେ ପହଞ୍ଚିଥିଲେ।

ଲେହ ଏହାରପୋର୍ଟରେ ଥିବା ବିଦେଶୀ ରିଜିଓନାଲ୍ ପଞ୍ଜିକରଣ କାର୍ଯ୍ୟାଳୟକୁ ଯାଇନଥିଲେ। ନିୟମ ଅନୁସାରେ ଯେକୌଣସି ବିଦେଶୀ ନାଗରିକଙ୍କୁ ଏୟାରପୋର୍ଟରେ ଥିବା ଏଫ୍‌ଆର୍‌ଆର୍‌ଓ କାଉଣ୍ଟରରେ ପଞ୍ଜିକରଣ କରିବା ଆବଶ୍ୟକ। କିନ୍ତୁ କୋଙ୍ଗତାଇ ଏଭଳି କରିନଥିଲେ। ସେ ଜଂସ୍କାର ଅଞ୍ଚଳରେ ୩ ଦିନ ବୁଲାବୁଲି କରିଥିଲେ। ଏହା ପରେ କୋଙ୍ଗତାଇ ଶ୍ରୀନଗରର ବିଭିନ୍ନ ସ୍ଥାନକୁ ଯାଇଥିଲେ। ତାଙ୍କ ପାଖରୁ ମିଳିଥିବା ଫୋନରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇଛି।

ସେ ସିଆରପିଏଫ ଯବାନ କେଉଁ ସ୍ଥାନରେ ମୁତୟନ ହୋଇଛନ୍ତି, ସେନେଇ ସେ ତଥ୍ୟ ଯୋଗାଡ କରୁଥିଲେ। ଏବେ ତାଙ୍କୁ ଗିରଫ କରାଯାଇଥିବା ବେଳେ ବିଭିନ୍ନ ସୁରକ୍ଷା ଏଜେନ୍ସି ତାଙ୍କୁ ପଚରା ଉଚରା କରୁଛନ୍ତି। କୋଙ୍ଗତାଇ ଭାରତୀୟ ସିମ୍ କାର୍ଡ ଯୋଗାଡ଼ କରି ବ୍ୟବହାର କରୁଥିବା ଜଣାପଡ଼ିଛି। ଶ୍ରୀନଗରରେ ସେ ବେଆଇନ୍ ଭାବରେ ଏକ ଗେଷ୍ଟ ହାଉସ୍‌ରେ ରହୁଥିବା ନେଇ ଜାଣିବାକୁ ପାଇଛନ୍ତି ସୁରକ୍ଷା ଏଜେନ୍ସି।

ଚୀନ୍ ନାଗରିକ ହରୱାନର ଏକ ବୌଦ୍ଧ ଧର୍ମସ୍ଥଳକୁ ବି ଯାଇଥିଲେ। ଗତବର୍ଷ ସେହି ସ୍ଥାନରେ ଏନକାଉଣ୍ଟରରେ ଜଣେ ଲସ୍କର ଏ-ତୋଇବାର ଜଣେ ଆତଙ୍କବାଦୀ ପ୍ରାଣ ହରାଇଥିଲା। କୋଙ୍ଗତାଇଙ୍କ ପାଖରୁ ମିଳିଥିବା ଭିସାରୁ ଜଣାପଡ଼ିଛି, ସେ ଆମେରିକା, ନ୍ୟୁଜିଲାଣ୍ଡ, ବ୍ରାଜିଲ୍, ଫିଜି ଏବଂ ହଙ୍ଗକଙ୍ଗ ସମେତ ବହୁ ଦେଶ ଯାତ୍ରା କରିଛନ୍ତି। ଭିସା ନିୟମରେ ସେ ଗୁରୁତର ଉଲ୍ଲଂଘନ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଚିଲିକାକୁ ବିପତ୍ତି ରାଜଧାନୀର ବର୍ଜ୍ୟ

**ଭୁବନେଶ୍ୱର,୮।୧୨: ତଥ୍ୟ**

ଏସିଆର ବୃହତ୍ତମ ପ୍ରାକୃତିକ ଲବଣାକ୍ତ ହ୍ରଦ ଚିଲିକା ପାଇଁ ରାଜଧାନୀ ଭୁବନେଶ୍ୱର ଏବେ ପାଲଟିଛି ପ୍ରମୁଖ ବିପତ୍ତିର କାରଣ। ଭୁବନେଶ୍ୱରରୁ ନିର୍ଗତ ନାଳ, ନର୍ଦ୍ଦମା ସମେତ ସହରର ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ଗଙ୍ଗୁଆ ଓ ଦୟା ନଦୀ ବାଟ ଦେଇ ଚିଲିକାରେ ମିଶୁଥିବାରୁ ଏହାର ଜଳ ପ୍ରଦୂଷିତ ହେବାରେ ଲାଗିଛି ।

ଏଠାରେ ଉଲ୍ଲେଖନୀୟ ଯେ ଗଙ୍ଗୁଆ ଓ ଦୟାର ଜଳ ବ୍ୟବହାର ଉପଯୋଗୀ ନୁହେଁ ବୋଲି କର୍ତ୍ତୃପକ୍ଷ ବାରମ୍ବାର ସତର୍କ କରାଇ ଆସୁଛନ୍ତି। ଗଙ୍ଗୁଆର ଜଳ ଏଭଳି ବିଷାକ୍ତ ହେଲାଣି ଯେ ଏଥିରେ ଆଉ ମାଛ ଓ ଅନ୍ୟ ଜଳଜୀବ ବଞ୍ଚିବା ମୁସ୍କିଲ । ସେହିପରି ଦୟା ନଦୀରେ ବି ପୂର୍ବ ତୁଳନାରେ ବିଶେଷ ମାଛ ଦେଖାଯାଉ ନାହାନ୍ତି। ଫଳରେ ରାଜଧାନୀବାସୀ ଏହାର ନିକଟରେ ପ୍ରବାହିତ ଗଙ୍ଗୁଆ, ଦୟା, କୁଆଖାଇ, ଭାର୍ଗବୀ ଆଦି ନଦୀର ମଧୁର ମାଛ ଖାଇବାରୁ ବଞ୍ଚିତ ହେଉଛନ୍ତି ।

କେବଳ ରାଜଧାନୀର ବର୍ଜ୍ୟବସ୍ତୁ ନୁହେଁ, ଏହିସବୁ ନଦୀ ପ୍ରବାହିତ ହେଉଥିବା ଅଞ୍ଚଳରେ ବ୍ୟବହାର କରାଯାଉଥିବା ବିପଦଜନକ କୀଟନାଶକ ଓ ରସାୟନିକ ସାରର ପ୍ରଭାବ ବି ନଦୀଜଳରେ ରହୁଥିବା ପରିବେଶବିଜ୍ଞାନୀମାନେ ବାରମ୍ବାର କହୁଛନ୍ତି । ଦୟା ଓ ଗଙ୍ଗୁଆ ବଞ୍ଚାଅ ଅଭିଯାନ ପକ୍ଷରୁ ବି ଏହି ଦୁଇ ନଦୀର ପୁନରୁଦ୍ଧାର ଓ ସୁରକ୍ଷା



ଲାଗି ବାରମ୍ବାର ଦାବି ହେଉଛି । ଉପରମୁଣ୍ଡରୁ ଜଳ ପ୍ରଦୂଷଣ ହେଉଥିବା ପରିପ୍ରେକ୍ଷୀରେ ତଳମୁଣ୍ଡରେ କଣାସ ଅଞ୍ଚଳରେ ବାରମ୍ବାର ଏହାର ପ୍ରଭାବରେ ଲୋକେ ରୋଗବ୍ୟାଧିରେ ପଡୁଥିବା ଘେନି ବି ନଜର ରହିଛି ।

ଚିଲିକାରେ ମିଶିଥିବା ୧୩ଟି ନଦୀ ନାଳର ଉପରମୁଣ୍ଡରେ ବ୍ୟାପକ ମୃତ୍ତିକା କ୍ଷୟ ଲାଗି ରହିଛି । ବିଶେଷକରି ଉପର ଅଞ୍ଚଳରୁ ଜଙ୍ଗଲ ସଫା ହେବା ସହିତ କଂକ୍ରିଟ ନିର୍ମାଣ ବଢ଼ି ଚାଲିବା ଫଳରେ କ୍ଷୟ ହେଉଥିବା ମୃତ୍ତିକାର ପ୍ରମୁଖ ଅଂଶ ଏସବୁ ନଦୀ ନାଳ ଦେଇ ଚିଲିକା ହ୍ରଦରେ ଜମୁଥିବା ଘେନି ବାରମ୍ବାର ପରିବେଶ ବିଶେଷଜ୍ଞମାନେ ଚେତାବନୀ ଦେଇ ଆସୁଛନ୍ତି ।

ଚିଲିକାର ସାମୁଦ୍ରିକ ମୁହାଣ ପୋତିହୋଇ ଆସୁଥିବା ସହିତ ହ୍ରଦ ଭିତରେ ବି ବିଭିନ୍ନ ଗୁଳ୍ମରାଜି ପଚିବା କାରଣରୁ ହ୍ରଦ ପୋତିହୋଇ ପଡୁଛି । ଅବଶ୍ୟ ଗତ ୪୦ ବର୍ଷ ଭିତରେ ଚିଲିକା ହ୍ରଦରୁ ପଙ୍କୋଦ୍ଧାର ସହିତ ମୁହାଣ ଖନନ କାର୍ଯ୍ୟ ବାରମ୍ବାର ହୋଇଛି । ତେବେ ଚିଲିକାର ଗୋଟିଏ ଅଞ୍ଚଳରୁ ପଙ୍କ ବାହାର କରି ହ୍ରଦ ଭିତରେ ଅନ୍ୟ ଅଞ୍ଚଳରେ ଗଦାକରି ରଖିବା ଫଳରେ ତାହା ପୁଣି ହ୍ରଦକୁ ପୋତୁଛି ।

ଚିଲିକା ଉପରେ ନିର୍ଭର କରୁଥିବା ଲକ୍ଷାଧିକ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଉପରେ ପ୍ରଶ୍ନ ଉଠୁଥିବାରୁ ଅନେକ ପାରମ୍ପାରିକ ମାଛଧରା କାମ ଛାଡି କାମଧନ୍ଧା ଅନ୍ୱେଷଣରେ ଅନ୍ୟତ୍ର ପଳାଉଛନ୍ତି। ଅନେକ ମତ୍ସ୍ୟଜୀବୀ ସ୍ୱୀକାର କରୁଛନ୍ତି ଯେ ୩୦/୪୦ ବର୍ଷ ତଳେ ଚିଲିକାରେ ଯେତେ ମାଛ, ଚିଙ୍ଗୁଡି ଓ କଙ୍କଡା ଆଦି ଉତ୍ପାଦନ ହେଉଥିଲା ଏବେ ତାହାର ପରିମାଣ ଢେର କମିଯାଇଛି ।

ଚିଲିକାକୁ ଅବଶ୍ୟ ପର୍ଯ୍ୟଟକଙ୍କ ସଂଖ୍ୟା ବଢିବାରେ ଲାଗିଛି । ତେବେ ପର୍ଯ୍ୟଟକଙ୍କ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୯ ଡିସେମ୍ବର ୨୦୨୫ ମଙ୍ଗଳବାର




## ପୋଖରୀରେ ପଡି ଯୁବକ ମୃତ

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଗଡିଶାଗୋଦା ପଞ୍ଚାୟତ ନୂଆଗାଁ ଗ୍ରାମର ନିବାଶ ଜେନା ୩୦ ବର୍ଷ ପୋଖରୀରେ ବୁଡି ମୃତ୍ୟୁ ହୋଇଥିବା ଜଣାପଡିଛି । ନିବାଶ ପ୍ରତିଦିନ ପରି ଶୌଚ ହେବା ପାଇଁ ପଦ୍ମ ପୋଖରୀ ଖନ୍ଦକୁ ଯାଇଥାଏ । ଆଜି ମଧ୍ୟ ଉକ୍ତ ପୋଖରୀକି ଶୋଚ ହେବା ପାଇଁ ଯାଇଥିବାବେଳେ ଗୋଡ ଖସିଯିବାରୁ ଗଭୀର ଜଳରେ ବୁଡି ଯାଇଥିଲା । ପରିବାର ଲୋକ ଘରକୁ ଫେରିବା ଡେରି ହେବାରୁ ବହୁ ଖୋଜା ଖୋଜି ପରେ ନିଭାସର ନିସ୍ତେଜ ଶରୀର ଫୋଖରୀରୁ ଉଧାର କରି ଡାକ୍ତର ଖାନାକୁ ନେଇଥିଲେ । ଡାକ୍ତର ନିବାଶ ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ । ଗଡିଶାଗୋଦା ପୁଲିସ ନିବାଶର ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଦେଇଥିବା ଜଣାପଡିଛି ।

## ଜବତ ଟ୍ରାକ୍ଟରକୁ ଛାଡିବା ଘଟଣାରେ ବଦଳିଲେ ୨ ବନପାଳ

**ଖଣ୍ଡପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବନାଞ୍ଚଳର ସିଙ୍ଘାପଡ଼ା ସେକ୍ସନ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚଳାଚଳ କରୁଥିବା ଏକ ଟ୍ରାକ୍ଟରକୁ ବନବିଭାଗ କର୍ତ୍ତୃପକ୍ଷ ଗତ ୩ ଦିନ ତଳେ ଜବତ କରିଥିଲେ । ପରେ ରାଜନୈତିକ ଚାପରେ ଜବତ ଟ୍ରାକ୍ଟର ଟି କୁ ବନବିଭାଗ କର୍ତ୍ତୃପକ୍ଷ ଛାଡି ଦେଇଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଏ ସଂର୍ପକରେ ଖବର ପ୍ରକାଶ ପାଇଥିଲା । ତେବେ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ନୟାଗଡ ବନଖଣ୍ଡ ଅଧିକାରୀ । ସିଂଘାପଡା ବନପାଳ କୈଳାସ ପ୍ରଧାନଙ୍କୁ ଗଣିଆ ବନାଞ୍ଚଳ କାର୍ଯ୍ୟାଳୟକୁ ବଦଳି କରା ଯାଇଥିବା ବେଳେ ଅନୁରୁପ ଭାବେ ଦୀର୍ଘବର୍ଷ ଧରି ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସିଙ୍ଘାପଡ଼ା ସେକ୍ସନରେ କାର୍ଯ୍ୟରତ ବନପାଳ ପ୍ରଫୁଲ୍ଲ କୁମାର ନାୟକଙ୍କୁ ମହିପୁର ବନାଞ୍ଚଳ ଅଧିନକୁ ବଦଳି କରାଯାଇଥିବା ନୟାଗଡ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି । ଏହି ଘଟଣା ଖଣ୍ଡପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଛାତରୁ ପଡି ବିଏସଏଫ୍ ଜବାନଙ୍କ ମୃତ୍ୟୁ

**ପୁରୁଷୋତ୍ତମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ଥାନା ଅର୍ନ୍ତଗତ ଜଗନ୍ନାଥପୁର ଗ୍ରାମରେ ଛାତରୁ ପଡି ଜଣେ ବିଏସଏଫ ଜବାନଙ୍କ ଚିକିତ୍ସାଧିନ ଅବସ୍ଥାରେ ମତ ଘଟିଛି । ମୃତ ଜବାନ ଜଣକ ପଶ୍ଚିମବଙ୍ଗ କଲ୍ୟାଣ ଅଞ୍ଚଳ (୧୪୩)ବାଟାଲାନ ର ବିଏସଏଫ ଜବାନସେ ନିଜ ଘର ତିଆରି କରିବା ପାଇଁ ୧୦ ଦିନ ପୂର୍ବରୁ ଆସିଥିଲେ । ଘର ଛାତ ପଡିଥିବା ବେଳେ ପାଣି ପକୁଉଥିବା ସମୟରେ କୌଣସି କାରଣ ବଶତଃ ଛାତରୁ ପଡିଯାଇଥିଲେ ପଡିଯିବା ଫଳରେ ଲୁହାରଡଟିଦେହରେ ପଶିଯାଇଥିଲା । ଘଟଣାଟି ଗତ ୩ତାରିଖରେ ସକାଳେ ଘଟିଥିଲା । ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ ଚିକିତ୍ସା ଚାଲିଥିବା ବେଳେ ଶନିବାର ସକାଳେ ତାଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁର ଖବର ପାଇ ଗ୍ରାମରେ ଲୋକର ଛାୟା ଖେଳି ଯାଇଛି । ତାଙ୍କର ସ୍ତ୍ରୀ, ଗୋଟିଏ ପୁଅ(୨୦) ଓ ଝିଅ (୨୨) ରହିଥିବା ସୂଚନା ମିଳିଛି ।

## ସୋଆରେ 'ସ୍ମାର୍ଟ ଆଣ୍ଡ ନୋବେଲ ମ୍ୟାଟେରିଆଲ୍ସ ଫର୍ ନେକ୍ସଟ ଜେନେରେସନ' ଶୀର୍ଷକ ସମ୍ମିଳନୀ

**ଭୁବନେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ ପଦାର୍ଥ ବିଜ୍ଞାନ ବିଭାଗ ଓ ଇନ୍ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସର ମିଳିତ ଆନୁକୂଲ୍ୟରେ ଏକ ତ୍ରିଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ନିକଟରେ ଆୟୋଜିତ ହୋଇଯାଇଛି। ଏହି ଆନ୍ତର୍ଜାତିକ ସମ୍ମିଳନୀର ଶୀର୍ଷକ ରହିଥିଲା 'ସ୍ମାର୍ଟ ଆଣ୍ଡ ନୋବେଲ ମ୍ୟାଟେରିଆଲ୍ସ ଫର୍ ନେକ୍ସଟ ଜେନେରେସନ'। ଏହି ଆନ୍ତର୍ଜାତିକ ସମ୍ମିଳନୀରେ ସମଗ୍ର ଭାରତ ବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଆନ୍ତର୍ଜାତିକ ଗବେଷଣା ବିଭାଗର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିବା ସହ ବିଜ୍ଞାନର ଯଥୋଚିତ ବ୍ୟବହାରରେ ସମଗ୍ର ବିଶ୍ୱକୁ ଏକ ନୂତନ ଦିଗଦର୍ଶନ ଦେବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।



ଏହି ସମ୍ମିଳନୀରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଡିନ୍ ପ୍ରଫେସର ପି.କେ. ସାହୁ, ସମ୍ମିଳନୀର ଚେୟାରମ୍ୟାନ ପ୍ରଫେସର ସୁଶାନ୍ତ କୁମାର କାମିଲା, କନ୍‌ଭେନର ପ୍ରଫେସର ଜ୍ୟୋତିର୍ମୟୀ ନନ୍ଦ ଏବଂ ଅର୍ଗାନାଇଜିଂ ସେକ୍ରେଟାରୀ ଡକ୍ଟର ସନ୍ତୋଷ କୁମାର ପରିଡ଼ା ଉପସ୍ଥିତ ଥିଲେ। ଏଥିରେ ମିଚିଗାନ୍ ଷ୍ଟେଟ ୟୁନିଭର୍ସିଟିର ପ୍ରଫେସର ଏସ୍.ଡି. ମହାନ୍ତି, ନାଇଜରର ପ୍ରଫେସର ଶୁଭଙ୍କର ବେଦାନ୍ତ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ଏହି ସମ୍ମିଳନୀର ଦ୍ୱିତୀୟ ଓ ତୃତୀୟ ଦିନରେ ଆଇଆଇଟି, ବିଏଚ୍‌ୟୁର ପ୍ରଫେସର ଅଖିଳେଶ ସିଂହ, ଆଇଆଇଟି ପାଟନାର ଡକ୍ଟର ମନୋରଂଜନ କର, ନାଇଜରର ପ୍ରଫେସର କାର୍ତ୍ତିକେଶ୍ୱର ସେନାପତି, ୟୁନିଭର୍ସିଟି ଅଫ୍ ଜୋହନ୍ସବର୍ଗ ସାଉଥ ଆଫ୍ରିକାର ପ୍ରଫେସର କୌଶିକ ମଲ୍ଲିକ, ଆଇଆଇଟି ଭୁବନେଶ୍ୱରର ଡକ୍ଟର ସଚିଦାନନ୍ଦ ରଥ, ଜର୍ମାନୀର ଜୋହନ୍ସ ଗ୍ୱାଟେନର୍ବଗ ୟୁନିଭର୍ସିଟିର ପ୍ରଫେସର ହର୍ଶିତ ଅଗ୍ରୱାଲ, ୟୁଏଇ ୟୁଜିସିର ଡକ୍ଟର ଭି. ସାଠେ, ୟୁଜିସି, ଡିଏଇ ମୁମ୍ବାଇର ସେଂଟର ଡାଇରେକ୍ଟର ଡକ୍ଟର ପି.ଡି ବାବୁ, ୟୁଜିସି, ଡିଏଇ ଇନ୍ଦୋରର ସେଂଟର ଡାଇରେକ୍ଟର ଡକ୍ଟର ଆର. ଜେ. ଚୌଧୁରୀ, ଆଇଆଇଏମ୍‌ଟି, ସିଏସ୍‌ଆଇଆରର ଡକ୍ଟର ଏମ୍. କେ. ଦଳାଇ, ନର୍ଥ ଟେକ୍ସାସ୍, ଆମେରିକାର ପ୍ରଫେସର ବିଭୁତି ରାଉତ ଏବଂ ଏନ୍‌ଆଇଟି ପାଟନାର ଡକ୍ଟର ଦେବ କେ. ମହାତୋ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଭିଆରଆର ମେଦିଚେର୍ଲା, ପ୍ରଫେସର ଦିଲୀପ କୁମାର ମିଶ୍ର, ଡକ୍ଟର କମଳ ଲୋଚନ ମହାନ୍ତ, ପ୍ରଫେସର ସୁରେଶ କୁମାର ପାତ୍ର, ଡକ୍ଟର ରବିନାରାୟଣ ପଣ୍ଡା, ପ୍ରଫେସର ଶେଖର ଚନ୍ଦ୍ର ରାୟ, ପ୍ରଫେସର ନଚିକେତା ଶର୍ମା, ପ୍ରଫେସର ଆର. କେ. ପରିଡା, ଡକ୍ଟର ପ୍ରଜ୍ଞା ମହାନ୍ତି, ଡକ୍ଟର ରିତା ମହାପାତ୍ର, ଡକ୍ଟର ପ୍ରିୟମ୍ବଦା ନାୟକ, ଡକ୍ଟର ଦେବାଶିଷ ପଣ୍ଡା ଏବଂ ଡକ୍ଟର ସୁଧାଂଶୁ ଶେଖର ହୋତା ଓ ବିଭିନ୍ନ ବିଭାଗର ପ୍ରଫେସରମାନେ ଯୋଗଦାନ କରି ଏହି ସମ୍ମିଳନୀକୁ ପରିଚାଳନା କରିଥିଲେ ।

## ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ମହାପରିନିର୍ବାଣ ଦିବସ

ଭୁବନେଶ୍ୱର **: ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଆଜି ଏହାର ମୁଖ୍ୟାଳୟ ଖୋର୍ଦ୍ଧା ରୋଡ଼, ଜଟଣୀ ଠାରେ ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ଦିବସ ପାଳିତ ହୋଇଯାଇଅଛି । ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି.ଆର.ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍‌ଫ୍ରା) ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳମଣ୍ଡଳର ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବିଭିନ୍ନ ଷ୍ଟେସନ ଓ କାର୍ଯ୍ୟାଳୟମାନଙ୍କରେ ଅଧିକାରୀ ଓ କର୍ମଚାରୀମାନେ ମହାପରିନିର୍ବାଣ ଦିବସ ପାଳନ କରିବା ଅବସରରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

## ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କୁ ସାକ୍ଷାତ କଲେ ସ୍ୱାକ ସଦସ୍ୟ

**ଘୁ.ଉଦୟଗିରି : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲାର ଘୁ.ଉଦୟଗିରି ବ୍ଲକ ଓ ଟିକାବାଲି ବ୍ଲକର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ବହୁତ ମାତ୍ରାରେ ଖରାପ ଥିବା ହେତୁ ଜିଲ୍ଲାପାଳଙ୍କୁ ସ୍ୱାକ ସଦସ୍ୟମାନଙ୍କ ଦ୍ୱାରା ପୁନର୍ବାର ଦାବି ଉପସ୍ଥାପନ କରାଯାଇଥିବା ଜଣାଯାଇଛି । ଘୁ.ଉଦୟଗିରି ବ୍ଲକର ରଟିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପଦା ଛକ ଠାରୁ ଭାୟା ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ, ମାଳିକାପଡ଼ି ପଞ୍ଚାୟତର ବାଡେନାୟୁ ଛକ ଠାରୁ ଭାୟା ସୁଜେଲି ଗ୍ରାମ ଦେଇ ରାଇପଦା ପର୍ଯ୍ୟନ୍ତ, ରାଇକଲା ପଞ୍ଚାୟତର ଶ୍ରୀକଲା ଠାରୁ ଭାୟା ରାଇକଲା, ଖାରିଆପଡ଼ା ଦେଇ ଯାକାମାହା ପର୍ଯ୍ୟନ୍ତ ଏବଂ ଘୁ.ଉଦୟଗିରି ନିକଟସ୍ଥ ସୁକାନାଣ୍ଡା ଛକ ଠାରୁ ଭାୟା ତେଲିଙ୍ଗିଆ, ଗଦଗୁଡ଼ା, ଗସାଗୁଡ଼ା, ବ୍ରେକା ଓ ପିକରଡ଼ି ଦେଇ ଟିକାବାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ମୁଖ୍ୟ ରାସ୍ତା ନିର୍ମାଣ କରିବା ନିମନ୍ତେ ଦାବି କରାଯାଇଛି । ରାଜ୍ୟରେ ସବୁଠାରୁ ଥଣ୍ଡାର ସହର ଭାବେ ପରିଚିତ ଘୁ.ଉଦୟଗିରି ସହର ଯାହାକୁ ଓଡ଼ିଶାର ଦାର୍ଜେଲିଂ ମଧ୍ଯ କୁହାଯାଏ । ବର୍ତ୍ତମାନ ଏହି ଅଞ୍ଚଳରେ ଶୀତ ଅଧିକ ହେଉଥିବା ଯୋଗୁଁ ଅତ୍ୟଧିକ ଜାଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏଣୁ ସରକାରଙ୍କ ବ୍ୟବସ୍ଥା ଅନୁସାରେ ଘୁ.ଉଦୟଗିରିରେ ଥିବା ଅସହାୟ ଗରିବ ଲୋକଙ୍କୁ ଚିହ୍ନଟ କରି କମ୍ବଳ ବଣ୍ଟନ କରିବା ସହିତ ଘୁ.ଉଦୟଗିରି ଅଞ୍ଚଳରେ ଜଣେ ମାନସିକ ଅସହାୟ ବୃଦ୍ଧା ମହିଳା ସଂପୂର୍ଣ୍ଣ ଉଲଗ୍ନ ଅବସ୍ଥାରେ ରାଜ ରାସ୍ତାରେ ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଦୃଶ୍ୟକୁ ଦୃଷ୍ଟିରେ ରଖି ତାଙ୍କୁ ସ୍ଥାୟୀ ଥଇଥାନର ବ୍ୟବସ୍ଥା କରିବା ପାଇଁ ସ୍ୱାକ ସଦସ୍ୟଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି । ଏହି ସାମୁହିକ ସମସ୍ୟାଗୁଡ଼ିକ ପ୍ରଶାସନ ପକ୍ଷରୁ ତୁରନ୍ତ ସମାଧାନ କରିବା ପାଇଁ ସଂଗଠନର ସଭାପତି ଆମନ ଚନ୍ଦ୍ର ନାୟକ, ଉପସଭାନେତ୍ରୀ ସସ୍ମିତା ମଲ୍ଲିକ, ସମ୍ପାଦକ ହୃଷିକେଶ ପ୍ରଧାନ ଓ ସହ ସମ୍ପାଦକ ସଞ୍ଜୀବ ଦିଗାଲ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସମାଜସେବୀ ସ୍ୱର୍ଗତ ଗୁରୁଚରଣ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ

**କେନ୍ଦ୍ରାପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରଚାରକ, ଭାରତୀୟ ଜନ ସଙ୍ଘ ଓ ଭାରତୀୟ ଜନତା ପାର୍ଟିର ନେତା, ସାମ୍ବାଦିକ ମହାକାଳପଡ଼ା ସହାବାଜପୁର ନିବାସୀ ସ୍ୱର୍ଗତ ଗୁରୁ ଚରଣ ଦାସଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧବାର୍ଷିକୀ ଓ ସମ୍ବର୍ଦ୍ଧନା ସଭା ଜିଲ୍ଲା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁଚରଣ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଜେପି ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନା କରିଥିଲେ । ସ୍ମୃତି କମିଟି ସଭାପତି ବୈଦ୍ୟନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ସ୍ୱର୍ଗତ ଗୁରୁଚରଣ ଦାସ କେବଳ ସ୍ୱୟଂ ସେବକ ନ ଥିଲେ ବରଂ ଏକାଧାରରେ ସେ ଜଣେ ରାଷ୍ଟ୍ରବାଦୀ ନେତା, ମିଶାବନ୍ଦୀ, ସୁସଂଗଠକ, ଦେଶ ଭକ୍ତ, ପ୍ରବୀଣ ସାମ୍ବାଦିକ ଥିଲେ। ସେହିପରି ମୁଖ୍ୟ ବକ୍ତାଭାବେ ରାଜ୍ୟ ସମବାୟ ଓ ବୟନଶିଳ୍ପ, ହସ୍ତତନ୍ତ, କୁଟୀରଶୀଳ୍ପ ବିଭାଗ ମନ୍ତ୍ରୀ ପ୍ରଦୀପ ବଳସମନ୍ତ, ସମ୍ମାନିତ ଅତିଥି ଭାବେ ଓଡ଼ିଶାର ପୂର୍ବତନ ଖାଦ୍ୟ ଯୋଗାଣ ନିଗମର ଅଧକ୍ଷ ତଥା ବିଜେପି ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ମହାକାଳପଡ଼ାର ବିଧାୟକଦୁର୍ଗା ପ୍ରସନ ନାୟକ ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗତ ଦାସଙ୍କ ରାଷ୍ଟ୍ର ଭକ୍ତି, ନିସ୍ୱାର୍ଥ ପୂର୍ଣ୍ଣ ଜନସେବା, ସଂଘର୍ଷମୟ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜରେ ଉଦାହରଣୀୟ ୨୫ ଜଣ ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ, ମାନପତ୍ର, ଉପଢୌକନ ଓ ନାରିକେଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସ୍ମୃତି ସଭାରେ କୈଳାସ ଚନ୍ଦ୍ର ଦାସ, ନୃସିଂହ ଚରଣ ପତ୍ରି, ପ୍ରଫୁଲ୍ଲ ଦାସ, ଉମାଶଙ୍କର ଦାସ, ବିଷ୍ଣୁ ଚରଣ ବେହେରା, ସରୋଜକାନ୍ତ ସାହୁ, ରବିନାରାୟଣ ପତି, ଗୀତାଞ୍ଜଳି ସେଠି, ଗୌରୀ ପ୍ରସାଦ ରଥ, ସୁଲେଖ ପ୍ରଧାନ, ଶରତ ଷଡ଼ଙ୍ଗୀ, ଉପିନ ରାଉତ, ସାମ୍ବାଦିକ ଜଗନ୍ନାଥ ଦାସ, ପ୍ରଦୀପ୍ତ ମହାପାତ୍ର, କବିୟତ୍ରୀ ଅନୁସୟା ମିଶ୍ର, ସର୍ବେଶ୍ୱର ମିଶ୍ର, ଦିପକ ରଥ, ଅନ୍ତର୍ଯ୍ୟାମୀ ବେଜ, ଗୋଲେଖ ଚନ୍ଦ୍ର ବେହେରା ପ୍ରମୁଖ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ତଥା ତାଙ୍କ ସୁପୁତ୍ର ବିଷ୍ଣୁ ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ବିଜେପି ନେତା ସୁନାକର ବେହେରା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ରାଜ୍ୟ ସଂଖ୍ୟାଲଘୁ ସେଲ ଉପସଭାପତି ସଲିମ ଖାନ, ପୂର୍ବର୍ତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, କରୁଣାକର ସାହୁ, ସଚ୍ଚିଦାନନ୍ଦ ବେହେରା, ପ୍ରଶାନ୍ତ ସେଠି, ଇଂ ରୁଦ୍ର ନାରାୟଣ ମୁଦୁଲି, ଇଂ ଚନ୍ଦ୍ରକାନ୍ତ ସ୍ୱାଇଁ, ସିଲୁପ୍ରସାଦ ମହାରଣା, ଇଂ ସୋନୁ ପ୍ରସାଦ ଦଳାଇ, ବିଘ୍ନେଶ ସେଠି, ଯଶୋବନ୍ତ ପାତ୍ର, ଅଶୋକ ସ୍ୱାଇଁ, ବଳରାମ ବେହେରା, ନାରାୟଣ ପ୍ରସାଦ ସିଂହ, ବିଜେପି ସଂଖ୍ୟାଲଘୁ ନେତା ସୟଦ ଫରମାନ ଅଲ୍ଲୀ, ମହାକାଳପଡା ବିକାଶ ମଞ୍ଚ ସଭାପତି କାଶନାଥ ରାଉତରାୟ, ବିନୋଦ ଦାସ, ପ୍ରତାପ ତ୍ରିପାଠୀ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିକ୍ରମ ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କମିଟିର ସମ୍ପାଦକ ବିରଞ୍ଚି ନାରାୟଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।




## ସାମ୍ବାଦିକଙ୍କୁ ଆକ୍ରମଣ, ସୋରଡ଼ା ପ୍ରେସକ୍ଲବ ପକ୍ଷରୁ ଗିରଫ ଦାବି

**ସୋରଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନ୍‌ଏସିର କାଉଁସିଲାର ତଥା ସାମ୍ବାଦିକ ଭଗବାନ ପାଢୀଙ୍କୁ ଗତ ୨୮ ରିଖରେ ଏନ୍‌ଏସି ଅଫିସ୍ ପରିସରରେ ବେନିୟମ ଟେଣ୍ଡର କରିବାକୁ କେନ୍ଦ୍ର କରି ମାରଣାନ୍ତକ ଆକ୍ରମଣ କରିଥିଲେ ଦଲାଲ ଓ ଗୁଣ୍ଡାମାନେ । ଏନ୍‌ଏସିର ବିଜେଡିର ଚେୟାରମେନ ଓ ଏକ୍ସିକ୍ୟୁଟିଭ ଅଫିସରଙ୍କ ଇଙ୍ଗିତରେ ଏହି ଆକ୍ରମଣ ଏକ ଷଡ଼ଯନ୍ତ୍ର ଥିଲା ବୋଲି ସାମ୍ବାଦିକ ପାଢ଼ୀ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନିରେ ଅଭିଯୋଗ କରିବା ସହିତ କୋଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଥାନା ଅଧିକାରୀ ସୁବାସ ଚନ୍ଦ୍ର ବେହେରା ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଏହାର ତଦନ୍ତ ଚଳାଇଥିଲେ ମଧ ଆଜକୁ ପ୍ରାୟ ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲିଥିବାରୁ ଓ ପି ଡି ତୁଡ଼ା ସୁନିଲ କୁମାର କେରକେଟା ଇତିମଧରେ କୋଦଳା ଏନ୍‌ଏସିକୁ ତଦନ୍ତରେ ଯାଇଥିବା ଥିବାବେଳେ ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତର ଦେଇ ନପାରି ମୁହଁ ଆଡ଼େଇ ତଦନ୍ତ ଚାଲିଥିବା କହିଥିଲେ । ଏପରି କାର୍ଯ୍ୟ କଳାପ ଓ ଆକ୍ରମଣ ଆଶାମିମାନଙ୍କୁ ଗିରଫ କରାଯାଇ ନଥିବାରୁ ଗଞ୍ଜାମ ଏସ୍‌ପି ଜିଲ୍ଲାପାଳ ଓ ଗୃହବିଭାଗ ସଚିବ ତୁରନ୍ତ ଗିରଫ କରିବା ପାଇଁ ଦାବି କରିବା ସହିତ ସାମ୍ବାଦିକ ଙ୍କୁ ଆକ୍ରମଣ ନିନ୍ଦା କରାଯାଇଥିବା ସୋରଡ଼ା ସାମ୍ବାଦିକ ମାନଙ୍କ ପ୍ରେସ୍ କ୍ଲବ୍ ଆଡ୍‌ଭାଇଜର ଆରପାଲି ସାରଥି ଦାବି କରିଛନ୍ତି ।

## ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

**ଯାଜପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୀବ କୁମାର ମିଶ୍ର (ଆଇଏଏସ୍) ଆଜି ଯାଜପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଶ୍ରୀ ମିଶ୍ର ପ୍ରଥମେ ପ୍ରସ୍ତାବିତ ଗୋପାଳପୁର ହସ୍ତତନ୍ତ ଗ୍ରାମ ଏବଂ ହସ୍ତତନ୍ତ ସମବାୟ ପରିଦର୍ଶନ କରି ବୁଣାକାରମାନଙ୍କ ସ୍ଥିତି ବିଷୟରେ ତଦାରଖ କରିଥିଲେ । ଏହା ପରେ ସଠୀପୁର କମ୍ପ୍ଲେକ୍ସ, ସାଇନ୍ସ ପାର୍କ ପ୍ରକଳ୍ପ ବୁଲି ଦେଖିଥିଲେ ଏବଂ ପର୍ଯ୍ୟଟନ ଦୃଷ୍ଟିରୁ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେଛ ଚାନ୍ଦମା ସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ଏବଂ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ । ଦାନଗଦି ଓ ସୁକିନ୍ଦା ଅଞ୍ଚଳରେ କିଡନୀ ରୋଗୀଙ୍କ ପାଇଁ ପ୍ରସ୍ତାବିତ ଡାୟଲିସିସ କେନ୍ଦ୍ର ଏବଂ କାଳିଆପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଆ ଗୃହ ଓ ଏନଆରସି କେନ୍ଦ୍ର ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେଛ ଏହାସହ ଓଡ଼ିଶାର ୧୩ ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଅନ୍ୟତମ ମାଙ୍କିଡ଼ିଆ ଜନଜାତି ଗୋଷ୍ଠୀଙ୍କ ସହ ଆଲୋଚନା କରି ବିଭିନ୍ନ କଥା ପଚାରି ବୁଝିଥିଲେ । କ୍ଷେତ୍ର ପରିଦର୍ଶନ ସରିବା ପରେ ବ୍ୟାସନଗର ସ୍ଥିତ ଟାଉନ୍ ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ସହ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଏବଂ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସମୀକ୍ଷା ବୈଠକରେ ଶ୍ରୀ ମିଶ୍ର କହିଥିଲେ ଯେ ଓଡ଼ିଶା ଏବେ ବିକାଶ ପଥରେ ଆଗେଇ ଚାଲିଛି, ଯେଉଁଥିରେ ଯାଜପୁର ଭଳି ଐତିହ୍ୟ ସମୃଦ୍ଧ ଜିଲ୍ଲାର ମଧ୍ୟ ଏକ ବଡ଼ ଯୋଗଦାନ ରହିଛି । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ ଯାଜପୁରର ବୌଦ୍ଧକୀର୍ତ୍ତି ଏବଂ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦେଇଥିଲେ । ଏହାସହ ସମାଜର ସବୁଠୁ ଦୁର୍ବଳ ଶ୍ରେଣୀ ନିକଟରେ ଯେମିତି ସରକାରୀ ଯୋଜନା ଏବଂ ସୁବିଧା ପହଞ୍ଚି ପାରିବ, ସେ ଦିଗରେ ସମସ୍ତେ ମିଳିତ ପ୍ରୟାସ କରିବା ପାଇଁ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ପ୍ରମୁଖ ଶାସନ ସଚିବ ଶ୍ରୀ ମିଶ୍ରଙ୍କ ଦିଗଦର୍ଶନ ଅନୁଯାୟୀ ଯାଜପୁର ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବା ସହ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ । କାର୍ଯ୍ୟକ୍ରମ ଶେଷରେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ମାର୍ଟ ମିଟରକୁ ବିରୋଧ

ଅନୁଗୁଳ: ଅନୁଗୁଳ ଜିଲ୍ଲା ସୁରକ୍ଷା ମଞ୍ଚ ଓ ବିଦ୍ୟୁ ଉପଭୋକ୍ତା ସଂଘପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ ଲ ଆୟୋଜିତ କରାଯାଇଥିଲାଛ ୧୩ ଦଫା ଦାବି ନେଇ ଏହି ସମ୍ମିଳନୀ ଡାକିଥିଲେ କଂଗ୍ରେସ ନେତା ପ୍ରବୋଧ କୁମାର ସ୍ୱାଇଁ ଓ ଆଡଭୋକେଟ୍ ଧର୍ମେନ୍ଦ୍ର ନାଥ ମିଶ୍ର ଛ ସ୍ମାର୍ଟ ମିଟରକୁ ବିରୋଧ କରାଯିବ ବୋଲି ଶ୍ରୀ ସ୍ୱାଇଁ ଚେତାବନୀ ଦେଇଥିଲେଛ ଅନୁଗୁଳ ବାସୀଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁ,ବିନା ନୋଟିସରେ ଲାଇନ କାଟିବା ବନ୍ଦ କରିବା, ପ୍ରତି ଶିଳ୍ପ ସଂସ୍ଥା ସୁପର ସ୍ପେଶାଲିଷ୍ଟ ଡାକ୍ତରଖାନା ବସାଇବା, ଜିଲ୍ଲାର କୃଷକ ମାନଙ୍କ ପାଇଁ ସୁଧ ମୁକ୍ତ ଋଣ ଦେବା, ଜିଲ୍ଲାରେ ଶୀତଳ ଭଣ୍ଡାର ସ୍ଥାପନ କରିବା, କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କୁ ସର୍ବ ନିମ୍ନ ୧୮ ହଜାର ଟଙ୍କା ଦରମା ଦେବା ଏବଂ ଅନୁଗୁଳ ଜିଲ୍ଲାକୁ ପ୍ରଦୂଷଣ ମୁକ୍ତ ଆଦି କରିବାପାଇଁ ସମ୍ମିଳନୀରେ ଶ୍ରୀ ସ୍ୱାଇଁ ଦାବି କରିଥିଲେଛ ଜିଲ୍ଲା ପ୍ରଶାସନ ଏହା ନମାନିଲେ ସଂଘ ରାଜ ରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ ।

## ବାଣିଜ୍ୟ

## ଲଞ୍ଚ ହେଲା ଟାଟା ସିଏରାର ୨୪ ଭାରିଆଣ୍ଟ

**ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍**

ଟାଟା ସିଏରା ହେଉଛି ଏକ ୫-ସିଟ୍ ବିଶିଷ୍ଟ ମଡେଲ । ଏହି ଟାଟା କାରଟି ୨୦୨୫ ନଭେମ୍ବର ୨୫ରେ ଭାରତୀୟ ବଜାରରେ ଲଞ୍ଚ୍ ହୋଇଥିଲା । ଲଞ୍ଚ୍ ସମୟରେ କେବଳ ସିଏରାର ମୂଳ ମଡେଲର ମୂଲ୍ୟ ପ୍ରକାଶ କରାଯାଇଥିଲା । ଏବେ ଟାଟା ମୋଟର୍ସ ସିଏରାର ୨୪ ପ୍ରକାର ମଡେଲ ଲଞ୍ଚ ହୋଇଛି ଏବଂ ସେମାନଙ୍କର ମୂଲ୍ୟ ମଧ ପ୍ରକାଶ ପାଇଛି । ଟାଟା ସିଏରାର ଏକ୍ସ-ଶୋରୁମ୍ ମୂଲ୍ୟ ୧୧.୪୯ ଲକ୍ଷରୁ ଆରମ୍ଭ ହୋଇ ୧୮.୪୯ ଲକ୍ଷ ପର୍ଯ୍ୟନ୍ତ ରହିଛି । ଆସନ୍ତୁ ଟାଟା ସିଏରାର ସମସ୍ତ ଭାରିଆଣ୍ଟ ଏବଂ ସେମାନଙ୍କର ମୂଲ୍ୟ ଉପରେ ନଜର ପକାଇବା ।




ଟାଟା ସିଏରା ସ୍ମାର୍ଟ ପ୍ଲସ୍ ଭାରିଆଣ୍ଟ ୧.୫ ଲିଟର ରେଭୋଟ୍ରନ୍ ପେଟ୍ରୋଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ଏବଂ ମାନୁଆଲ୍ ଟ୍ରାନ୍ସମିସନ୍ ସହିତ ଯୋଡ଼ି ହୋଇଥିବା ଟାଟା ସିଏରା ସ୍ମାର୍ଟ ପ୍ଲସ୍ ଭାରିଆଣ୍ଟ ହେଉଛି ବେସ୍ ମଡେଲ୍ । ଏହି ଭାରିଆଣ୍ଟର ମୂଲ୍ୟ ୧୧.୪୯ ଲକ୍ଷ ରହିଛି । ସେହିପରି ୧.୫ଲିଟର କ୍ରାଇଓଜେଟ୍ ଡିଜେଲ୍ ଇଞ୍ଜିନ୍ ଦ୍ୱାରା ଚାଳିତ ବେସ୍ ମଡେଲର ମୂଲ୍ୟ ୧୨.୯୯ ଲକ୍ଷ ଟଙ୍କା ହୋଇଥିବା ବେଳେ ଏହାର ଏକ୍ସ ସୋରୁମର ମୁଲ୍ୟ ପାଖାପାଖି ୧୧. ୯୯ ଲକ୍ଷ ଟଙ୍କା ହେବ ।

ଟାଟା ସିଏରା ପିଓର ଭାରିଆଣ୍ଟର ମୂଲ୍ୟ ୧୨.୯୯ ଲକ୍ଷରୁ ୧୫.୯୯ ଲକ୍ଷ ଟଙ୍କା ମଧ୍ୟରେ ହେବ । ସିଏରା ପିଓର ପ୍ଲସ୍ ଭାରିଆଣ୍ଟର ମୂଲ୍ୟ ୧୪.୪୯ ଲକ୍ଷ ହୋଇଥିବା ବେଳେ ଟାଟା ସିଏରା ପିଓର ପ୍ଲସ୍ ଡିଜେଲ୍ ଏଟିଙ୍କ ଏକ୍ସ ସୋରୁମ ମୁଲ୍ୟ ୧୭.୪୯ ଲକ୍ଷ ଟଙ୍କା ହେବ ।

ସିଏରା ଆଡଭେଞ୍ଚର ମଡେଲଟି ତିନୋଟି ଭାରିଆଣ୍ଟରେ ଉପଲବ୍ଧ । ଯାହାର ଏକ୍ସ-ସୋରୁମ୍ ମୂଲ୍ୟ ୧୫.୨୯ ଲକ୍ଷରୁ ଆରମ୍ଭ ହୋଇ ୧୬.୭୯ ଲକ୍ଷ ପର୍ଯ୍ୟନ୍ତ ହୋଇଥାଏଛ ଏହି ଆଡଭେଞ୍ଚର ପ୍ଲସ୍ ଚାରୋଟି ଭାରିଆଣ୍ଟରେ ଉପଲବ୍ଧ, ଯାହାର ଏକ୍ସ-ସୋରୁମ୍ ମୂଲ୍ୟ ୧୫.୯୯ ଲକ୍ଷରୁ ଆରମ୍ଭ ହୋଇ ୧୮.୪୯ ଲକ୍ଷ ପର୍ଯ୍ୟନ୍ତ ହୋଇଥାଏ । ସିଏରା ଚାରୋଟି ଆକମ୍ପ୍ଲିଶ୍ଡ ଭାରିଆଣ୍ଟ ଏବଂ ତିନୋଟି ଆକମ୍ପ୍ଲିସ୍ଡ ପ୍ଲସ୍ ଭାରିଆଣ୍ଟରେ ଉପଲବ୍ଧ । ଟାଟା ଏପର୍ଯ୍ୟନ୍ତ ଏହି ଶ୍ରେଷ୍ଠ ସିଏରା ମଡେଲଗୁଡ଼ିକର ମୂଲ୍ୟ ପ୍ରକାଶ କରିନାହିଁ ।

## ସିନେମାଫିନେମା ଟିଭିଫିବି

## ଗୌରବ ଖାନ୍ନା ହେଲେ ବିଗ୍ ବସ୍ ୧୯ର ବିଜେତା



ଗୌରବ ଖାନ୍ନା ରିଆଲିଟି ଶୋ' ବିଗ୍ ବସ୍ ୧୯ର ଗ୍ରାଣ୍ଡ ଫିନାଲେ ଜିତି ଏହି ସିଜିନର ବିଜେତା ହୋଇଛନ୍ତି । ଶୋ'ରେ ଫରହାନା ଭଟ୍ଟ ରନର୍ସଅପ୍ ହୋଇଛନ୍ତି । ଶୋ'ରେ ଶେଷ ପର୍ଯ୍ୟନ୍ତ ଅମାଲ୍ ମଲିକ ପଞ୍ଚମ, ତାନ୍ୟା ମିତ୍ତଲ ଚତୁର୍ଥ ଏବଂ ପ୍ରଣୀତ ମୋରେ ତୃତୀୟ ସ୍ଥାନରେ ରହିଥିଲେ । ରବିବାର ମୁମ୍ବାଇରେ ଏହି ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଥିଲା ।

ଗୌରବ ଖାନ୍ନା ଜଣେ ଜଣାଶୁଣା ଟିଭି ଅଭିନେତା ଯିଏ ସିଆଇଡି ଏବଂ ଅନୁପମା ଲୋକପ୍ରିୟ ଧାରାବାହିକରେ ଅଭିନୟ କରିଛନ୍ତି ଦର୍ଶକଙ୍କ ପ୍ରଶଂସା ସାଉଁଟିଛନ୍ତି । ଶୋ' ଜିତିବା ପରେ, ଗୌରବ ବିଗ୍ ବସ୍ ଟ୍ରଫି ଏବଂ ସହିତ ୫୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପାଇଥିଲେ ।

ଫାଇନାଲ ଶୋ'ରେ କାର୍ତ୍ତିକ ଆର୍ୟ୍ୟନ, ଅନନ୍ୟା ପାଣ୍ଡେ, ଅରମାନ ମଲିକ ଏବଂ କରଣ କୁନ୍ଦ୍ରାଙ୍କ ପରି ଅନେକ ଷ୍ଟାର ଯୋଗ ଦେଇଥିଲେ । ଭୋଜପୁରୀ ସୁପରଷ୍ଟାର ପବନ ସିଂହ ମଧ ଯୋଗ ଦେଇଥିଲେ । ତାଙ୍କୁ ଶୋ'ରେ ଅଂଶଗ୍ରହଣ ନକରିବା ପାଇଁ ଲରେନ୍ସ ଗ୍ୟାଙ୍ଗ ପକ୍ଷରୁ ଧମକ ମିଳିଥିଲା, କିନ୍ତୁ ସେ ଏହାକୁ ଏଡାଇ ଯୋଗ ଦେଇଥିଲେ । ବିଗ୍ ବସ୍ ୧୯ ଫାଇନାଲ୍ ସମୟରେ, ସଲମାନ ଖାନ ଧର୍ମେନ୍ଦ୍ରଙ୍କୁ ମନେ ପକାଇ ଭାବପ୍ରବଣ ହୋଇଗଲେ । ଶୋ'ରେ ଧର୍ମେନ୍ଦ୍ରଙ୍କ ପୁରୁଣା ଭିଡିଓ ଦେଖାଯାଇଥିଲା, ଯାହା ତାଙ୍କ ଆଖିରେ ଲୁହ ଆଣି ଦେଇଥିଲା । ସଲମାନ ପ୍ରକାଶ କରିଥିଲେ ଯେ ଧର୍ମେନ୍ଦ୍ର ତାଙ୍କ ପିତା ସଲିମ୍ ଖାନଙ୍କ ଜନ୍ମଦିନରେ ଆଖିବୁଜିଥିଲେ । ବିଗ୍ ବସ୍‌ର ଏହି ସିଜିନ୍ ଅଗଷ୍ଟ ୨୪ ତାରିଖରେ ଆରମ୍ଭ ହୋଇଥିଲା । ଏହି ସିଜିନ୍‌ରେ ମୋଟ ୧୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

## ସରକାରୀ ଜମିରେ ବେଆଇନ୍ ଘର ନିର୍ମାଣ

**ନିଆଳି : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ନିଆଳି ତହସିଲ୍ ଅନ୍ତର୍ଗତ ନିଆଳି ଓ ନୂଆଗାଁ ପାୟତରେ ସରକାରୀ ଜମିକୁ ଜବରଦଖଲ କରି ଦୋକାନ ଘର ଓ ଅନ୍ୟାନ୍ୟ ଘର ନିର୍ମାଣ କରି ଭଡ଼ା ଆଦାୟ କରୁଛନ୍ତି ପ୍ରଭାବ ସାଳି ଲୋକମାନେଛ ସୂଚନାଯୋଗ୍ୟ ନିଆଳି ବ୍ଲକ୍ ର ନୂଆଗାଁ, ନିଆଳି, ଜଲ୍ଲାରପୁରୁ, ମାଧବ, ଅଲଣା, ରତନପୁରୁ ଓ ଅଁଳ ପଞ୍ଚାୟତ ଦେଇ ଯାଇଥିବା ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ସରକାରୀ ମୂଲ୍ୟବାନ ଜାଗାରେ ଦିନ ଦ୍ୱିପହରରେ ନିର୍ଭିକ ଭାବରେ ଘରକାମ କରୁଛନ୍ତି । ନିଆଳି ତହସିଲ୍‌ଦାର ସେହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି । ହେଲେ ଦେଖି ନଦେଖିଲା ଭଳି ଚୁପ୍ ରହୁଛନ୍ତି । ଯାହା ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି । ସରକାରୀ ଜମିରେ ବେଆଇନ୍ ଭାବେ ଘର ନିର୍ମାଣ କରି ଭଡ଼ା ନେଇଥିବା ଲୋକମାନଙ୍କ ପାଇଁ ରାସ୍ତା ଅବରୋଧ ହେଉଛି । ଯାହାଫଳରେ ଯାନବାହାନ ରାସ୍ତାରେ ରହି ରାସ୍ତା ଅବରୋଧ ହେଉଛି । ଫଳରେ ଟ୍ରଫିକ ସମସ୍ୟା ସବୁବେଳେ ଉପୁଜୁଥିବା ଦେଖିବାକୁ ମିଳୁଛି । ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟର କିଛି କର୍ମଚାରୀ ମୋଟା ଅଙ୍କର ଅର୍ଥ ନେଇ ଘଣ୍ଟ ଘୋଡାଉଛନ୍ତି । ସେହିପରି ଉକ୍ତ ତହସିଲ୍ ଅନ୍ତର୍ଗତ ଏରଞ୍ଚ ପଞ୍ଚାୟତ କଲେଜ ଆଗ ଫାଟକ ପାଖରେ ସରକାରୀ ଜାଗା ଜବରଦଖଲ ହୋଇଛି । ଏନେଇ ନିଆଳି ତହସିଲ୍‌ଦାରଙ୍କୁ ପଚାରିବାରୁ ବହୁ ଲୋକଙ୍କୁ ନୋଟିସ୍ ଜାରି କରାଯାଇଛି ଓ ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ନୋଟିସ୍ କରାଯିବ ।



# ବାଲିଘାଟ ଯୋଗୁଁ ଆଳିପିଙ୍ଗଳ ବ୍ରିଜ ଭାଙ୍ଗିବା ଆଶଙ୍କା



**୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶକୁ 'ଫୁ' କରିଛନ୍ତି କଟକ ଜିଲ୍ଲା ନିଆଳି ପ୍ରଶାସନ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲଘୁ ଖଣିଜ ଚୋରା ଚାଲାଣ ଉପରେ ରୋକ ଲଗାଇବା ସହିତ, ନଦୀ ବନ୍ଧରେ ଭାରିଯାନ ଓ ନଦୀ ଗର୍ଭକୁ ଜେସିବ ମେସିନ୍ ସାହାଯ୍ୟରେ ବାଲି ଉତ୍ତୋଳନ ଉପରେ ଅଙ୍କୁଶ ଲଗାଇଛନ୍ତି । କିନ୍ତୁ ନିଆଳି ତହସିଲ ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ଦେବୀ ନଦୀର ବଛୋ ସାଇଲୋ ନିକଟରେ ବାଲିଘାଟ ଯୋଗୁଁ ନିକଟରେ ଥିବା ପୁରୁଣା ଆଳିପିଙ୍ଗଳ ବ୍ରିଜ ଭୁଶୁଡ଼ି ପଡିବା ଆଶଙ୍କା ସୃଷ୍ଟି ହୋଇଛି । ପ୍ରତ୍ୟେକ ଦିନ ୫୦ ରୁ ୭୦ ଟନ୍ ଓଜନର ବାଲି ବୋଝେଇ ହାଇଓ୍ୱା ଗାଡି ବଛୋ ସାଇଲୋ ବାଲିଘାଟରୁ ଆଳିପିଙ୍ଗଳ ବ୍ରିଜ ଦେଇ ଜଗତସିଂହପୁରକୁ ଯାଉଥିବା ନେଇ ଅଭିଯୋଗ ହୋଇଛି । ବ୍ରିଜ ଠାରୁ ମାତ୍ର ଦୁଇ ଶହ ମିଟର ଭିତରେ ବାଲି ଉତ୍ତୋଳନ ହେଉଥିବା ନେଇ ଅଭିଯୋଗ ହୋଇଛି ।

ମିଳିଥିବା ଅଭିଯୋଗ ଅନୁସାରେ ନିଆଳି ତହସିଲ ଅନ୍ତର୍ଗତ ସିଠାଲୋ ପଞ୍ଚାୟତ ଦେବୀ ବଛୋ ସାଇଲୋ ନିକଟରେ ଏକ ବାଲିଘାଟ ଆରମ୍ଭ ହୋଇଛି । ନାଁ ଅଛି ସୂଚନା ଫଳକ ନାଁ ଅଛି ସରକାରୀ କଟକଣା ଛ କିଏ ଏହି ବାଲିଘାଟ ଚଳାଉଛନ୍ତି ସ୍ଥାନୀୟ ଲୋକେ ଜାଣି ନାହାଁନ୍ତି । ବଡ ବଡ ଦୁଇରୁ ଅଧିକ ଜେସିବ ମେସିନ୍ ସାହାର୍ଯ୍ୟରେ ବଡ ବଡ ହାଇଓ୍ୱା ମାଧ୍ୟମରେ ବାଲି ଲୋଡ ଦିଆଯାଉଥିବା ନେଇ ଅଭିଯୋଗ ହୋଇଛି । ପ୍ରତ୍ୟେକ ଦିନ ବଛୋ ସାଇଲୋ ବାଲିଘାଟରୁ ଶହ ଶହ ହାଇଓ୍ୱା ବାଲି ଲୋଡ ହୋଇ ଆଳିପିଙ୍ଗଳ ବ୍ରିଜ ଦେଇ ଜଗତସିଂହପୁରକୁ ଯାତାୟାତ କରୁଥିବା ନେଇ ଅଭିଯୋଗ ହେବା ପରେ ବି କଟକ ଜିଲ୍ଲା ଓ ଜଗତସିଂହପୁର ଜିଲ୍ଲା ମାଇନ୍ସ ବିଭାଗ, ଜିଲ୍ଲାପାଳ ଓ ତହସିଲଦାର ନାହିଁରେ ତେଲ ମାରି ଶୋଇଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଖାତିରନଥିବା ନେଇ ଅଭିଯୋଗ କରିଛନ୍ତି ସିଠାଲୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବଡୁ । ସେ ଆହୁରି କହିଛନ୍ତି ବାଲି ବୋଝେଇ ଗାଡି ଯିବା ଦ୍ୱାରା ନଦୀ ବନ୍ଧ ଦୁର୍ବଳ ସାଙ୍ଗକୁ ନଦୀ ଗର୍ଭ ଓ କୂଳ ବିପଦ ସୃଷ୍ଟି ହୋଇଛି । ରାଜ୍ୟ ସରକାର ବନ୍ୟା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନଦୀ ବନ୍ଧରେ ପଥର ପ୍ୟାଙ୍କି କରୁଛନ୍ତି । ସେପଟେ ବାଲି ମାଫିଆ ଦେବୀ ନଦୀ ବନ୍ଧ ଓ ଆଳି ପିଙ୍ଗଳ ବ୍ରିଜକୁ ଭାଙ୍ଗି ଦେବା ପାଇଁ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି । ବଛୋ ସାଇଲୋ ବାଲିଘାଟରେ ବେଆଇନ କାର୍ଯ୍ୟ ଚାଲୁଥିବା ନେଇ ଅଭିଯୋଗ ପରେ ପ୍ରଶାସନ ନୀରବତା ଅବଲମ୍ବନ କରିବା ପଛର ରହସ୍ୟ କ'ଣ ଥାଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାର ଓ ଗୁଇନ୍ଦା ବିଭାଗ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର–ପଞ୍ଚମୀ |
|---|---|
| ୯.୧୨.୨୦୨୫ | ନକ୍ଷତ୍ର– ଅଶ୍ଳେଷା, କର୍କଟଚନ୍ଦ୍ର |

| | |
|---|---|
| ମେଷ | : କଳହକୁ ନେଇ ମନସ୍ତାପ କରିବେ । |
| ବୃଷ | : ସ୍ୱାସ୍ଥ୍ୟରେ ଉନ୍ନତି ହେବ । |
| ମିଥୁନ | : ଠକାମୀରେ ପଡ଼ିବେ । |
| କର୍କଟ | : ଆର୍ଥିକ ଲାଭ ହେବ । |
| ସିଂହ | : ଆର୍ଥିକ କ୍ଷତି ସହିବେ । |
| କନ୍ୟା | : ସୁସମାଚାର ପ୍ରାପ୍ତ ହେବେ । |
| ତୁଳା | : ଦିନଟି ସୁଖର ଦିନ ହେବ । |
| ବିଛା | : ଆର୍ଥିକ ହାନି । |
| ଧନୁ | : ଦୁର୍ଘଟଣା ଭୟ ରହିଛି । |
| ମକର | : ପାରିବାରିକ ଶାନ୍ତି । |
| କୁମ୍ଭ | : ମିଷ୍ଟାନ୍ନ ଭୋଜନ ପ୍ରାପ୍ତି ହେବେ । |
| ମୀନ | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |

## ବିପଦଶଙ୍କୁଳ ଅବସ୍ଥାରେ ତହସିଲ ଅଫିସ୍




**ମାହାଙ୍ଗା, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ଗୃହ ବିପଦଶଙ୍କୁଳ ଅବସ୍ଥାରେ ରହିଥିବାବେଳେ ଚୋଜାରୁ କଂକ୍ରିଟ ଝଡୁଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର କାର୍ଯ୍ୟାଳୟ ଗୃହ ନାନା ସମସ୍ୟା ଘେରରେ ରହିଅଛି । ଏହି ଗୃହଟିର ତାଜାରୁ କଂକ୍ରିଟ ଖସୁଥିବାବେଳେ ରଡ ଦେଖାଯାଉଛି । ଯାହା ଫଳରେ ଏହି କାର୍ଯ୍ୟାଳୟରୁ ଆସୁଥିବା ଜନସାଧାରଣ ଏବଂ ଅଧିକାରୀଙ୍କ ପ୍ରତି ବିପଦ ଆଶଙ୍କା ରହିଛି । ବିଶେଷ କରି ବର୍ଷା ଦିନେ ଛାତ ଏବଂ କାନ୍ଥରୁ ପାଣି ଝରି ଗୃହ ଭିତରେ ଲହଡି ଖେଳୁଛି । ଯାହା ଫଳରେ ଏହି ଗୃହରେ ଥିବା ଅତି ଗୁରୁତ୍ୱପୁର୍ଣ୍ଣ କାଗଜ ପତ୍ର ନଷ୍ଟ ହେବାର ଯଥେଷ୍ଟ ସମ୍ଭବନା ରହିଛି । ବାତ୍ୟା ହେଉ କି ବନ୍ୟା ହେଉ ଜରୁରିକାଳୀନ କାର୍ଯ୍ୟାରେ ଅତିରିକ୍ତ ତହସିଲଦାର ରହିବା ପାଇଁ ସୁବିଧା ନାହିଁ । ଏହି ଗୃହରେ ଲାଗିଥିବା କବାଟର ଭିତର ପଟେ ଡିଙ୍କିଆ ନାହିଁ । ରାତିରେ ରହିଲେ କବାଟ ଖୋଲା ହୋଇ ରହୁଛି । ଅତିରିକ୍ତ ତହସିଲଦାରଙ୍କ ପାଇଁ କମ୍ପ୍ୟୁଟର ନାହିଁ । ତେଣୁ ସେ ବାଧ ହୋଇ ନିଜସ୍ୱ କଂପ୍ୟୁଟରରେ କାର୍ଯ୍ୟ କରିଥାନ୍ତି । ତେଣୁ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହୁଏ । ଏ ନେଇ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସରକାରୀ ବିଧି ବ୍ୟବସ୍ଥାରେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ତେଣୁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

## ଚୋରି ବୋଲେରୋ ଉଦ୍ଧାର, ଦୁଇ ଅଟକ

**କଣାସ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଗୋଲାବଜାର ନିକଟ କଣାସ ହାଟଚାଳୀ ମଧ୍ୟରେ ସବୁଦିନ ପରି ରଖାଯାଉଥିବା ଓଆର ୦୨ବିଭି ୩୬୭୩ ବଲେରୋ ଗାଡିଟିକୁ ଗତ ୫ ତାରିଖ ମଧରାତ୍ରରେ କୌଣସି ଦୁର୍ବୃତ୍ତ ଚୋରିକରି ନେଇଯାଇଥିବା ଗାଡିର ମାଲିକ ହାଡିବନ୍ଧୁ ଦାସ କଣାସ ଥାନାରେ ଏତଲା ଦେଇଥିଲେ କଣାସ ଥାନା ଆଇଆଇସି ଏତଲା ପାଇବା ପରେ ଅନୁସନ୍ଧାନ କରି ପିପିଲି ଟୋଲଗେଟ ନିକଟରେ ଗାଡିଟି ଥୁଆ ହୋଇଥିବା ଖବର ପାଇ ଥାନା ଅଧିକାରୀ ଗାଡିଟିକୁ ଜବତ କରିବା ସହିତ ଗାଡି ପାଖରେ ଥିବା ଦୁଇ ଜଣ ଯୁବକଙ୍କୁ ଧରି ଆଣି କଣାସ ଥାନାରେ ପଚାରା ଉଚାରା କରୁଛନ୍ତି । ଖବର ନେବାରେ ଜଣାପଡି ଛି ଗାଡିରକ୍ଲଚ ପ୍ଲେଟ ପୋଡିଯିବାରୁ ଗାଡିଟି ଖରାପ ହୋଇ ଅଟକି ଯାଇଥିଲା । କେତେକ ଦୁର୍ବୃତ୍ତ ଗାଡିଟିକୁ ମରାମତି କରିବା ପାଇଁ ମେକାନୁକୁ ଡାକିବାକୁ ଯାଇଥିବା ପୁଲିସ ଠାରୁ ପ୍ରକାଶ ।

## ନିଜ ଖର୍ଚ୍ଚରେ ୨ଛାତ୍ରଙ୍କୁ ପାଠ ପଢ଼ାଇଲେ ପ୍ରଧାନ ଶିକ୍ଷକ

**ସିନାପାଲି, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାରଙ୍କର ଆସ ସ୍କୁଲ ଯିବା ଅଭିଯାନ ଏକ ମହତ୍ତ୍ୱପୂର୍ଣ୍ଣ ଯୋଜନା, ରାଜ୍ୟରେ ଅଧାରୁ ପାଠ ପଢି ଛାଡ଼ିଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ପାଠପଢାଇବା ଏକ ଆମୋଘ ଅସ୍ତ୍ର ପାଲଟିଛି । ଶିକ୍ଷାର ମହତ୍ତ୍ୱକୁ ଉପଲବ୍ଧି କରି ଶିକ୍ଷିତ ହେବା, ନିଜ ଜୀବନ ଚରିତାର୍ଥ କରିବା ଏବଂ ଜୀବନର ଲକ୍ଷ ପୂରଣ ନିମନ୍ତେ ଶିକ୍ଷା ହିଁ ଚାବିକାଠି ଅଟେ । ଶିକ୍ଷା ବିନା ମଣିଷର ସ୍ଥିତି, ଗତି ଓ ଉନ୍ନତି ଅସମ୍ଭବ ଅଟେ । ଏହି କ୍ରମରେ ଶିକ୍ଷାନୁଷ୍ଠାନରୁ ବିଛିନ୍ନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ କୁଳିଆଡ଼ଙ୍ଗରୀ କ୍ଲଷ୍ଟରର ଝାରବନ୍ଧ ଉ:ପ୍ରା ବିଦ୍ୟାଳୟ ନେଇଛି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ । ସ୍ଥାନୀୟ ସିଆରସିସି ଶ୍ରୀଯୁକ୍ତ ଜଗଦିଶ ତାଣ୍ଡିଙ୍କ ଆହ୍ୱାନ କ୍ରମେ ଓଏସଏମସିଙ୍କ ସହଯୋଗରେ ପ୍ରଧାନ ଶିକ୍ଷକ ନେଇଛନ୍ତି ନେତୃତ୍ୱ । ବିଦ୍ୟାଳୟର ସମସ୍ତ ସହ ଶିକ୍ଷକ ଙ୍କ ଉଦ୍ୟମ ଓ ଅନବରତ ପ୍ରଚେଷ୍ଟା ବଳରେ ଅଧାରୁ ପାଠପଢି ଛାଡି ଥିବା ଶିକ୍ଷାର୍ଥୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଘରକୁ ଘର ବୁଲି ସଚେତନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପବିତ୍ର ଦୁରିଆ, ସହ ଶିକ୍ଷକ ଥବିର ମୋହନ ପ୍ରଧାନ, ଡୋଳାମଣି ସେଠି, ତେଜରାଜ ନାଏକ ପ୍ରମୁଖ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ତନ୍ମଧ୍ୟରୁ ୪ ଜଣ ଶିକ୍ଷାର୍ଥୀଙ୍କୁ ଗମ୍ଭାରୀଗୁଡା ହାଇସ୍କୁଲରେ, ୨ ଜଣ ଛାତ୍ରଙ୍କୁ ସିଙ୍ଗଝରର ହାଇୟର ସେକେଣ୍ଡାରୀ ସ୍କୁଲରେ, ଆଉ ଦୁଇଜଣ ଛାତ୍ରଛାତ୍ରୀଙ୍କୁ ନାମ ଲେଖାଇଲେ । ଏସଆଇଓଏସରେ ଆଉ ଦୁଇଜଣଙ୍କୁ ନାମ ଲେଖାଇବାକୁ ପ୍ରୟାସ କରୁଛନ୍ତି ।




ସୂଚନା ଥାଉ କି ପ୍ରଧାନ ଶିକ୍ଷକ ପବିତ୍ର ଦୁରିଆ ଘରକୁ ଯାଇ ଯାଇ ପିଲାଙ୍କ ସ୍ଥିତି ଅନୁଧ୍ୟାନ କରିଥିଲେ । ସେମାନଙ୍କୁ ଶିକ୍ଷାର ମହତ୍ତ୍ୱ ବିଷୟରେ ବୁଝାଇଥିଲେ । ତନ୍ମଧ୍ୟରୁ ୨ ଜଣ ଅଭିଭାବକ ଅନିଚ୍ଛା ପ୍ରକାଶ କରିଥିଲେ । ପ୍ରଧାନ ଶିକ୍ଷକ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବା ଜାଣିବାକୁ ପାଇଲେ । ସେତେବେଳେ ସେହି ଦୁଇଜଣ ଅଭିଭାବକ ଓ ଛାତ୍ରକୁ ନିଜ ଖର୍ଚ୍ଚରେ ଏଡମିସନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମୟ କ୍ରମେ ପ୍ରତିଶ୍ରୁତି ମୁତାବକ ପ୍ରଧାନ ଶିକ୍ଷକ ନିଜ ଖର୍ଚ୍ଚରେ ଜାତି ଗତ, ସ୍ଥାନୀୟ ବାସିନ୍ଦା ଓ ଆୟ ପ୍ରମାଣପତ୍ର ମଧ୍ୟ ବାହାର କରିଥିଲେ । ଏପରି କି ଅନଲାଇନ ଓ ସମସ୍ତ କାଗଜାତ ଯୋଗାଡ଼ କରି ଦୁଇ ଜଣ ଛାତ୍ରଙ୍କୁ ନିଜେ ସାଙ୍ଗରେ ନେଇଥିଲେ । ଛାତ୍ର ଦୁର୍ଗେଶ୍ୱର ସା, ପିତା– ଉଗ୍ରେସନ ସା ଏବଂ ପ୍ରଭୁଲାଲ ବାଗ, ପିତା– ମଣ୍ଟୁ ବାଗ କୁ ସାଥିରେ ନେଇ ଅକ୍ଟୋବର ୨୫ ତାରିଖ ସ୍ଥାନୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିଙ୍ଗଝରରେ ନିଜ ଖର୍ଚ୍ଚରେ ଏଡମିସନ କରାଇଥିଲେ । ପ୍ରଧାନ ଶିକ୍ଷକ ସେହି ଦୁଇଜଣ ଛାତ୍ରଙ୍କ ମୁହଁରେ ହସ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି । ପ୍ରକାଶ ଥାଉ କି ଗାଁର ଅନ୍ୟତମ ଛାତ୍ର ରୋହିତ କୁମାର ନାଗକୁ ମଧ୍ୟ ସଚେତନ କରି ଆଇଟିଆଇ କଲେଜ ବାଦୀ (ଖଡ଼ିଆଳ)ରେ ଏଡମିସନ ପାଇଁ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଝାରବନ୍ଧ ଗାଁ ରେକେହି ଯେପରି ଅଧାରୁ ପାଠ ଛାଡ଼ିବେ ନାହିଁ ସେଥିପାଇଁ ପ୍ରୟାସ ଜାରିରହିବ ବୋଲି ପ୍ରଧାନ ଶିକ୍ଷକ ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ସ୍ଥାନୀୟ ଲୋକ, ଲୋକ ପ୍ରତିନିଧି, ଅଭିଭାବକ,ବୁଦ୍ଧି ଜୀବି, ଯୁବ ସମାଜ, ଶିକ୍ଷକ ବୃନ୍ଦ ଏବଂ ଶିକ୍ଷା ପ୍ରଶାସନର ସହଯୋଗ ପାଇଁ ଆକୁଳ ଆବେଦନ କରିଛନ୍ତି ।

## ଗୋଷ୍ଠୀ ସଂଘର୍ଷରେ ୮ ଆହତ

**କଣାସ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ଥାନା ସିରେଇ ଗ୍ରାମପଞ୍ଚାୟତର ପଶିଆପଡା ଗ୍ରାମରେ ଟ୍ରାକ୍ଟର ଧୋଇବା ଅବସ୍ଥାରେ ପାଣି ଅନ୍ୟ ଜଣଙ୍କ ଉପରେ ପଡିଯିବାରୁ ଗଣ୍ଡଗୋଳ ଘଟି ଉଭୟ ପକ୍ଷରୁ ୮ ଜଣ ଆହତ ହୋଇଥିଲେ । ପଶିଆପଡା ଗ୍ରାମର ତପନ ମାର୍ଥା ଓ ବାବୁଲା ପାତାଳସିଂହ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏ ସଂପର୍କରେ ଉଭୟ ପକ୍ଷରୁ ଦୁଇଟି ଏତଲା କଣାସ ଥାନାରେ ହେବାରୁ କଣାସ ଥାନା କେସ ନଂ ୨୮୪/୨୫ ଏବଂ ୨୮୫/୨୫ ରେ ଦୁଇଟି ମକଦମା ରୁଜ କରାଯାଇଥିଲା । ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ଅନ୍ୟମାନେ ଫେରାର ଥିବା କଣାସ ଥାନା ଅଧିକାରୀ ପ୍ରଶନ୍ନ କୁମାର ନାୟକଙ୍କଠାରୁ ପ୍ରକାଶ ।

## କୂଅରୁ ହାତୀ ଛୁଆ ଉଦ୍ଧାର

**ଅନୁଗଳ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା ବଅଁରପାଳ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମରେ କୂଅରେ ପଡ଼ିଥିବା ୮ ବର୍ଷର ହାତୀ ଛୁଆକୁ ଉଦ୍ଧାର କରିଛି ବନବିଭାଗ । ସୂଚନା ମୁତାବକ, ନୂଆହତା ପଞ୍ଚାୟତ ଗଣ୍ଡିଗାଡ଼ିଆ ଗ୍ରାମ ଜଙ୍ଗଲରୁ ପ୍ରାୟ ୯୦ ଟି ହାତୀ ଗଡ଼ସନ୍ତୀ ପଞ୍ଚାୟତ ଅଭିମୁଖେ ଆସୁଥିବା ବେଳେ ନରେନ୍ଦ୍ରପୁର ଗ୍ରାମର ଏକ କୂଅରେ ଏକ ହାତୀ ଛୁଆ ପଡ଼ିଯାଇଥିଲାଛ ଏନେଇ ବନ ବିଭାଗକୁ ସୂଚନା ଦେଇଥିଲେ ଗ୍ରାମବାସୀ । ଘଟଣାସ୍ଥଳରେ ସରପଞ୍ଚ ଅନୁସୂୟା ଗଡ଼ନାୟକ, ରେଞ୍ଜର ଚାରୁଲତା ନାୟକ, ଫରେଷ୍ଟର କୁଶଧ୍ୱଜ ନାୟକ, ପଙ୍କଜ ବେହେରା, ଆରଆରଟି ଫରେଷ୍ଟର ସିପୁନ୍ ବେହେରା, ହାତୀ ସ୍କ୍ୱାଡ ରାପିଡ୍ ଆକ୍ସନ ଟିମ୍, ଗଜମିତ୍ରଙ୍କ ସହ ଅନ୍ୟ କର୍ମଚାରୀ ପହଞ୍ଚି ଥିଲେଛ ଏକ ଜେସିବି ମେସିନ୍ ଡକାଇ କୂଅର ଏକ ପାର୍ଶ୍ୱରୁ ଖନନ କରି ହାତୀ ଛୁଆକୁ ଉଦ୍ଧାର କରାଯାଇଛି । ତେବେ ଗାଁରେ ହାତୀ ପଶି ବାରୁ ସରପଞ୍ଚ ଓ ଗ୍ରାମବାସୀମାନେ ବନବିଭାଗ ଅଧିକାରୀଙ୍କ ସହ କିଛି ସମୟ ଯୁକ୍ତିତର୍କ କରିଥିଲେ । ଗାଁରେ ଆଲୋକୀକରଣ ଓ ସୋଲାର ତାର ବିଛାଇବାର ପ୍ରତିଶ୍ରୁତି ପରେ ଉତ୍ତେଜନା ଥମି ଥିବା ଜଣାଯାଇଛି ।

## ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ

**କୋଣାର୍କ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ–ଚନ୍ଦ୍ରଭାଗା ମୁଖ୍ୟ ରାସ୍ତାର ହେଲିପ୍ୟାଡ ସମ୍ମୁଖରେ ଥିବା ଏକ ହୋଟେଲକୁ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି । ପ୍ରାପ୍ତ ସୂଚନାରୁ ଜଣାପଡେକି କୋଣାର୍କ–ପୁରୀ ଜାତୀୟ ରାଜପଥ ପାର୍ଶ୍ୱର ହେଲିପ୍ୟାଡ଼ ସମ୍ମୁଖରେ ଥିବା ୬ଲେନ ଢ଼ାବାକୁ ଗୋପ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଛି । କୋଣାର୍କ ମୌଜାର ଖାତା ନଂ ୪୧୫ , ପ୍ଲଟ ନଂ୧୬୦୦ ଯାହାକି ଅନାବାଦୀ (ବାଲିଚର) ହୋଇଥିବା ବେଳେ ଏହି ସବୁ ଜାଗା ଜବର ଦଖଲ ହୋଇଥିବା ଅଭିଯୋଗ ହୋଇଆସୁଥିଲାଛଏହି ପ୍ଲଟ ରେ ଥିବା ଅନେକ ସରକାରୀ ଜାଗା ଜବରଦଖଲ ହୋଇଥିବା ବେଳେ ସୋମବାର ପୂର୍ବାହ୍ନରେ ୬ ଲେନ ଢାବାକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଛି । ହେଲେ ସେହି ସମାନ ପ୍ଲଟରେ ଥିବା ଆଉ କିଛି ଜବର ଦଖଲ କାରୀଙ୍କୁ କେବେ ଉଚ୍ଛେଦ କରାଯିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କୋଣାର୍କ ଅଞ୍ଚଳରେ ଅନେକ ମୁଷ୍ଟିମେୟ, ରାଜନୈତିକ ବ୍ୟକ୍ତି ସରକାରୀ ଜାଗାକୁ ଜବର ଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରୁଥିବା ବେଳେ ନୋଟାରୀ ମାଧ୍ୟମରେ ବିକ୍ରୀ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଏପରି କି ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନକୁ ଜବର ଦଖଲ କରି ତା ଉପରେ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । କୋଣାର୍କ ମୌଜା ସମେତ ମାଧିପୁର ମୌଜାରେ ଅନେକ ସରକାରୀ ଜାଗା ଜବରଦଖଲକାରୀଙ୍କ କବ୍ଜାରେ ରହିଥିବା ବେଳେ ଏହା କେବେ ଉଚ୍ଛେଦ କରାଯିବ ବୋଲି ସାଧାରଣରେ ଅଭିଯୋଗ ହେଉଛି । କେବଳ ଉକ୍ତ ହୋଟେଲକୁ ଉଚ୍ଛେଦ କରି ପ୍ରଶାସନ ବାହାବାହା ନେବ ନା ଆଗକୁ ଜବର ଦଖଲ କରିଥିବା ଅନ୍ୟମାନଙ୍କୁ ଉଚ୍ଛେଦ କରି ସରକାରୀ ଜାଗାକୁ ମୁକ୍ତ କରିବ ତାହା ସମୟ କହିବ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଢାବା ଉଚ୍ଛେଦ ସମୟରେ ଗୋପ ଅତିରିକ୍ତ ତହସିଲଦାରଙ୍କ ସମେତ କୋଣାର୍କ ରାଜସ୍ୱ ନିରୀକ୍ଷକ ଏବଂ କୋଣାର୍କ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ ।

## ପ୍ରଶାସନର ଦୃଷ୍ଟି ଆଢୁଆଳରେ ନର୍ମଦା

**ଦଶପଲ୍ଲା, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାମୀଙ୍କ ମୃତ୍ୟୁର ବର୍ଷେ ପରେ କୌଣସି ସରକାରୀ ସହାୟତା ମିଳିନି ନର୍ମଦାଙ୍କୁ । ଗାଁ ଠାରୁ ୬୦ କିଲୋମିଟର ଦୂର ଦଶପଲ୍ଲା ବ୍ଲକ ଅଫିସକୁ ବାରମ୍ବାର ଦଉଡି ଦଉଡି ଥକି ଗଲେଣି. କେହି ତାଙ୍କ ଗୁହାରି ଶୁଣୁ ନାହାନ୍ତି । ବିଧବା ଭତ୍ତା, ପରିବାର ମଙ୍ଗଳ ଯୋଜନା କିମ୍ବା କୌଣସି ଜନ ହିତ କର ଯୋଜନା ତାଙ୍କ ପାଇଁ ସାତ ସପନ । ଆଜି ବ୍ଲକ ଅଫିସ କୁ ଆସିଥିବା ନର୍ମଦା ଆମ ପ୍ରତିନିଧିଙ୍କ ଆଗରେ ଦୁଃଖ କହିଛନ୍ତି । ନର୍ମଦା କହଁର ସ୍ୱାମୀ –ସ୍ୱର୍ଗତ ବୈକୁଣ୍ଠ ଜାନି ଗ୍ରାମ– କଙ୍କଣ ମେଣ୍ଢୀ, ପଞ୍ଚାୟତ– କୁଜାମେଣ୍ଢୀ, ଦଶପଲ୍ଲା ବ୍ଲକର ସୀମାନ୍ତ ଗ୍ରାମ କଙ୍କଣ ମେଣ୍ଢୀରେ ଘର. ରୋଗରେ ପଡି ଅଳ୍ପ ବୟସରେ ସ୍ୱାମୀ ପରପାରିକୁ ଚାଲିଗଲେ । ଦୁଇଟି ଛୁଆଙ୍କୁ ନେଇ ବଡ ଦୁଃଖରେ ଚଳୁଛନ୍ତି ନର୍ମଦା । ବ୍ଲକ ପ୍ରଶାସନ ତାଙ୍କୁ ତୁରନ୍ତ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଅନୁଗୁଳ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳ ଜିଲ୍ଲା କିଶୋରନଗର ବ୍ଲକ ୫୫ନମ୍ବର ଜାତୀୟ ରାଜପଥ ଡେବରାପାଲ୍ଲୀ ଠାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କିଶୋରନଗର ଥାନା କରମଲକଟା ଗାଁର ସୁଶାନ୍ତ ବେହେରା(୩୦) । ପ୍ରକାଶ ଯେ ମଧ୍ୟାହ୍ନରେ ସୁଶାନ୍ତ ବଇଣ୍ଡାରୁ ନିଜ ଘର କରମଲକଟାକୁ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ବେଆଇନ ଖଣିଜ ସମ୍ପଦ ପରିବହନ ବିରୋଧ କାର୍ଯ୍ୟାନୁଷ୍ଠାନ

**ଖୋର୍ଦ୍ଧା, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଖଣିଜ ସମ୍ପଦ ଭରପୁର ରହିଥିବା ବେଳେ ରାଜସ୍ୱ ବିଭାଗର ବିନା ଅନୁମତିରେ ଖଣି ମାଫିଆମାନେ ଏହାକୁ ହରିଲୁଟ କରିବାରେ ଲାଗିଛନ୍ତି । ସେହିପରି ଶ୍ରୀମନ୍ଦିର ପ୍ରଶାସନର ୪୬ରୁ ଉର୍ଦ୍ଧ୍ୱ ପଥର ଖଣି ଓ ମୁଣ୍ଡିଆ ପାହାଡ଼ ରହିଛି । କୌଣସି ପଥର ଖଣିକୁ ବ୍ଲାଷ୍ଟିଂ ଅନୁମତି ମିଳି ନଥିବା ବେଳେ ମାଫିଆମାନେ ଦିବାରାତ୍ରୀ ଖଣି ଖନନ ଓ ବ୍ଲାଷ୍ଟିଂ କରି ବଡ଼ ବଡ଼ ହାଇଓ୍ୱାରେ ଚୋରା ଚାଲାଣ କରୁଛନ୍ତିଛ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନିଜିଗଡ଼, ତାପଙ୍ଗ, କାଇପଦର, ମଳିପଡ଼ା, ଡଙ୍ଗରପଡ଼ା ଇତ୍ୟାଦି ମୌଜାରେ ଥିବା ଶ୍ରୀମନ୍ଦିର ପ୍ରଶାସନର ଅନେକ ପାହାଡ଼ରେ ବେଆଇନ ଭାବେ ବ୍ଲାଷ୍ଟିଂ କରାଯାଉଛି । ପ୍ରଶାସନ ପକ୍ଷରୁ ନିଲାମ ହୋଇଥିବା କେତେକ ମୁଣ୍ଡିଆ ପାହାଡ଼କୁ ନେଇ ଉଚ୍ଚତମ ନ୍ୟାୟାଳୟରେ ସ୍ଥିତବତା ଜାରି ଥିବା ସତ୍ତ୍ୱେ କେତେକ ଖଣି ମାଫିଆ ଆଇନକୁ ଖାତିରି ନକରି ରାତିର ଘନ ଅନ୍ଧାରରେ ମୁଣ୍ଡିଆରେ କଳା ମୁଗୁନି ପଥର ବ୍ଲାଷ୍ଟିଂ କରି ଚୋରା ଚାଲାଣ କରୁଛନ୍ତି । ଖଣିଜ ସମ୍ପଦ ଏବଂ ଶ୍ରୀମନ୍ଦିର ସମ୍ପତ୍ତି ଅନାଧିକୃତ ଭାବରେ ପରିବହନ କରିବା ଆଇନଗତ ଅପରାଧ ହୋଇଥିବା ବେଳେ ମାଫିଆ ମାନେ ଏହାକୁ ବେଆଇନ ଭାବରେ ଚାଲାଣ କରୁଛନ୍ତି । ଭୁବନେଶ୍ୱର ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ବେଧଡ଼କ ଭାବେ ଶହ ଶହ ଗାଡ଼ିରେ ଚୋରା ଚାଲାଣ ହେଉଛି ଖଣିଜ ସମ୍ପଦ । ଦୁଇଦିନ ଧରି ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ଗତକାଲି ରାତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଅତିରିକ୍ତ ତହସିଲଦାର ଡ଼ି.ଗୋପାଳ ରେଡ୍ଡୀ ଗୋଡ଼ିପଡ଼ା ଟୋଲ ଗେଟ ନିକଟରେ ଚଢ଼ାଉ କରି ବିନା 'ଓ୍ୱାଇ' ଫର୍ମରେ ଚୋରା ଚାଲାଣ ହେଉଥିବା ସ୍ଟଲ ବୋଝେଇ ତିନିଗୋଟି (ଓଡ଼ି ୦୨ ବିଜେ ୨୦୦୯, ଓଡ଼ି ୦୨ ଏଏଚ ୦୫୦୨, ଓଡ଼ି ୦୨ ଡ଼ିଇ ୪୪୯୮) ହାଇଓ୍ୱାକୁ ଜବତ କରି ଜଙ୍କିଆ ଥାନା ଜିମାରେ ଦେଇଛନ୍ତି । ପୁରା ଆକ୍ସନ ମୁଡ଼ରେ ଅତିରିକ୍ତ ତହସିଲଦାର । ଲଗାତାର ଦୁଇ ଦିନରେ ତହସିଲ କର୍ମଚାରୀଙ୍କୁ ସାଙ୍ଗରେ ନେଇ ୬ଟି ବେଆଇନ ଖଣିଜ ସମ୍ପଦ ଚୋରା ଗାଡ଼ି ଜବତ କରିବାରେ ସଫଳ ହୋଇଛନ୍ତି । ପ୍ରକାଶ ଥାଉକି ବେଆଇନ ଭାବେ ଚୋରା ଚାଲାଣ ରୋକିବା ଲାଗି ପ୍ରଶାସନିକ ସ୍ତରରେ ପୁଲିସ ଏବଂ ରାଜସ୍ୱ ଅଧିକାରୀଙ୍କୁ ନେଇ ମିଳିତ ଟାକ୍ସଫୋର୍ସ ଗଠନ କରାଯାଇଛି । ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜସ୍ୱ ଏବଂ ପୋଲିସକୁ ନେଇ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲ୍ଲାପାଳ ଅଧୀନରେ ଟାକ୍ସ ଫୋର୍ସ ଗଠନ ହୋଇଛି । ବେଆଇନ ଭାବେ ପରିବହନ ହେଉଥିବା ଖଣିଜ ସମ୍ପଦ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରିରହିଛି ।

## ୧୮ଶହ ଟଙ୍କା ନେଇ ଲେବର କାର୍ଡ କରାଉଛନ୍ତି ଏଜେଣ୍ଟ

**ଅନୁଗୁଳ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନୁଗୁଳରେ ମାତିଛନ୍ତି ଲେବର କାର୍ଡ ଏଜେଣ୍ଟ । ୧୮ଶହ ଟଙ୍କା ନେଇ କରାଇ ଦେଉଛନ୍ତି ଲେବର କାର୍ଡ । ଅନୁଗୁଳ ଜିଲ୍ଲାରେ ଟଙ୍କା ନେଇ ଶ୍ରମ କାର୍ଡ କରାଇ ଦେବାକୁ ଚାରିଆଡ଼େ ବୁଲୁଛନ୍ତି ଏଭଳି ରାକେଟ୍‌ର ଏଜେଣ୍ଟ । ଶନିବାର ଅନୁଗୁଳ ବ୍ଲକ୍ ଡେରଜାଙ୍ଗ ସମ୍ବଙ୍ଗ କେନ୍ଦ୍ରଠାରେ ଏଭଳି ଏକ ଲେବର କାର୍ଡ ରାକେଟ୍ର ବୈଠକ ଚାଲିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ ଗଣମାଧ୍ୟମ ପ୍ରତିନିଧି । ତେବେ ଗଣମାଧ୍ୟମକୁ ଦେଖି ହଠାତ୍ ଛତ୍ରଭଙ୍ଗ ଦେଇଥିଲେ ଲେବର କାର୍ଡ କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଲୁଟେରା । ଆଉ ଦୂର ଦୂରାନ୍ତର ଗାଁ ଗହଳିରୁ ଆସିଥିବା ଏ ଶ୍ରମିକଙ୍କୁ ଭଣ୍ଡେଇ କହିଥିଲେ, ଆଜି ଅଫିସର ଆସିଲେନି, ସେଥିପାଇଁ ଭେରିଫିକେସନ ହୋଇପାରୁନି, ପରେ ଡକାଯିବ । ଏପଟେ ଲେବର କାର୍ଡ ପାଇଁ ଆସିଥିବା ଲୋକଙ୍କ ଅଭିଯୋଗ ହେଉଛି, ଲେବର କାର୍ଡ କରାଇଦେବାକୁ ଏମାନେ ୧୬ଶହରୁ ୧୮ଶହ ଟଙ୍କା ନେଉଛନ୍ତି । ନାମ ପଞ୍ଜୀକରଣ ବେଳେ ୨୦୦ ଟଙ୍କା ନେଉଛନ୍ତି । କାର୍ଡ ଦେଲା ବେଳେ ବଳକା ଟଙ୍କା ନେଇଥାନ୍ତେ । ଲୋକଙ୍କ କହିବା ଅନୁସାରେ, କିଛି ଲୋକ ପ୍ରଥମେ ଗାଁ ଆସୁଛନ୍ତି, ୨୦୦ ଟଙ୍କା ନେଇ ଲେବର କାର୍ଡ ଅନ୍‌ଲାଇନ୍‌ରେ ରେଜିଷ୍ଟ୍ରେସନ କରାଉଛନ୍ତି । ପରେ ଭେରିଫିକେସନ ପାଇଁ ଲେବର ଅଫିସ ପରିବର୍ତ୍ତେ ନିଜ ପସନ୍ଦର ଶୂନଶାନ୍ ଜାଗାକୁ ଡାକୁଛନ୍ତି । ସେଠାକୁ ଲେବର ଅଫି ଅଫିସ କର୍ମଚାରୀ କହି ନିଜେ ନିଜେ ଡକ୍ୟୁମେଣ୍ଟ ଭେରିଫିକେସନ ଫିକେସନ ବି କରାଉଛନ୍ତି । ଏନେଇ ଅନୁଗୁଳ ଯୁଗ୍ମ ଶ୍ରମ ଆୟୁକ୍ତି କହିଛନ୍ତି, ଶନିବାର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସ୍ଥାନରେ କୌଣସି ଭେରିଫିକେସନ ବୈଠକ ନଥିଲା । ଗଣମାଧ୍ୟମରୁ ଶୁଣି ଜିଲ୍ଲା ଶ୍ରମ ଅଧିକାରୀ ଏନେଇ ଅବଗତ କରାଇଛନ୍ତି । ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଆଶ୍ରୟସ୍ଥଳରେ ତାଲା : ଶୀତରେ ଥରୁଛନ୍ତି ବାସହୀନ

**ସୋନପୁର, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁବର୍ଣ୍ଣପୁର ଜିଲାରେ ପାରଦ ତଳ ମୁହାଁ ହୋଇଛି । ପ୍ରବଳ ଶୀତ ଓ କୁହୁଡି ଯୋଗୁ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ବିଶେଷ କରି ବାସହୀନ ଲୋକମାନେ ଅଧିକ କଷ୍ଟ ପାଉଛନ୍ତି । ଏଭଳି ସ୍ଥିତିରେ ସହରାଞ୍ଚଳର ବାସହୀନ ଲୋକଙ୍କ ରାତ୍ରିଯାପନ ପାଇଁ ନିର୍ମିତ ହୋଇଥିବା ଆଶ୍ରୟସ୍ଥଳରେ ତାଲା ଝୁଲୁଛି । ଏହା କାମରେ ଲାଗୁ ନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପକ୍ଷରୁ ସୁବର୍ଣ୍ଣପୁର ସହରରେ ନିର୍ମିତ ହୋଇଛି ଆଶ୍ରୟସ୍ଥଳ । ପୌର ପରିଷଦ ପକ୍ଷରୁ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଦୁଇମହଲା କୋଠା ବିଶିଷ୍ଟ ଏହି ଆଶ୍ରୟସ୍ଥଳ ନିର୍ମାଣ ହୋଇଛ । ୨୦୨୪ ମାର୍ଚ୍ଚ ୧୧ରେ ସୋନପୁର ବିଧାୟକ ତଥା ତତ୍କାଳୀନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ଆଶ୍ରୟସ୍ଥଳକୁ ଉଦ୍‌ଘାଟନ କରିଥିଲେ । ତେବେ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନି । ସହରର ଅସହାୟ ବାସହୀନ ମଣିଷମାନେ ପୁରୁଣା ଡାକ୍ତରଖାନା ଅବା ଦୋକାନ ପିଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି ।

ସୁବର୍ଣ୍ଣପୁର ପୌରାଞ୍ଚଳର ୮ ନମ୍ବର ଓ୍ୱାର୍ଡ ଅଧିନ ମଝିପଡାରେ ପ୍ରାୟ ୮୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ଦିବାରାତ୍ର ଆଶ୍ରୟସ୍ଥଳ । ଏକକାଳୀନ ୫୦ଜଣ ବାସହୀନ ଅସହାୟ ମଣିଷ ଏହି ଆଶ୍ରୟ ସ୍ଥଳରେ ରହିପାରିବାର ସୁବିଧା ରହିଛିଛ ୫୦ଟି ବେଡ୍ ପଡିଥିବା ବେଳେ ଏମାନଙ୍କ ନିତ୍ୟକର୍ମ ଲାଗି ସବୁ ପ୍ରକାର ସୁବିଧା ରହିଛିଛ ତେବେ ଉଦ୍‌ଘାଟନ ପରେ ଏହି କୋଠାରେ ତାଲା ଝୁଲୁଛି । ରାଜ୍ୟ ସହରାଞ୍ଚଳ ବିକାଶ ସଂସ୍ଥା ସହାୟତାରେ ଏହି ଯୋଜନା ସଠିକ୍ ଭାବେ କାର୍ଯ୍ୟକାରି ହୋଇପାରିନି ।



ସହରର ଅସହାୟ, ଭିକ୍ଷାବୃତ୍ତି କରୁଥିବା ମଣିଷଙ୍କ ଠାରୁ ଆରମ୍ଭ କରି ଭିନ୍ନକ୍ଷମ, ରିକ୍ସା ଚାଳକ, ଶ୍ରମଜୀବୀ ମହିଳା ପୁରୁଷ, ବୟସ୍କ ବୃଦ୍ଧା ବୃଦ୍ଧମାନେ ଏଠାରେ ରହିବାକୁ ନିୟମ ରହିଛି । ସହରାଞ୍ଚଳରେ ଥିବା ବାସହରାଙ୍କୁ ଚିହ୍ନଟ କରି ଆଶ୍ରୟ ଦେବା ପାଇଁ ବ୍ୟବସ୍ଥା ରହିଛି । ଦୁର୍ବଳ ଶ୍ରେଣୀର ବ୍ୟକ୍ତିଙ୍କ ପାଇଁ ମାଗଣା ଖାଦ୍ୟ ବ୍ୟବସ୍ଥା ଅଛି । ଏପରିକି ଆଶ୍ରୟ ସ୍ଥଳରେ ଆବଶ୍ୟକ ଶଯ୍ୟା, ମଶାରୀ, ବିଶୁଦ୍ଧ ପାନୀୟ ଜଳ ଓ ସିସି କ୍ୟାମେରାର ବ୍ୟବସ୍ଥା କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । କିନ୍ତୁ ଆଶ୍ରୟସ୍ଥଳ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ସହରର ନିରାଶ୍ରୟମାନେ ଏହାର ଲାଭ ନେଇ ପାରୁନାହାନ୍ତିଛ ଯେଉଁମାନଙ୍କ ପାଇଁ ଏହି ଆଶ୍ରୟସ୍ଥଳ ନିମାଣ ହୋଇଛି ସେମାନେ ପ୍ରବଳ ଜାଡରେ ଖୋଲା ଆକାଶ ତଳେ, ପୁରୁଣା ଡାକ୍ତରଖାନା ବାରଣ୍ଡାରେ, ବସ୍‌ଷ୍ଟାଣ୍ଡ ଓ ଦୋକାନ ପିଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି । ଯଦ୍ୱାରା ସରକାରଙ୍କ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଉନାହିଁ । ଏ ସମ୍ପର୍କରେ ଜିଲା ଓକିଲ ସଂଘ ସଭାପତି ପ୍ରତାପ ପୁରୋହିତ କୁହନ୍ତି, ଜିଲା ସଦର ମହକୁମାରେ ଆଶ୍ରୟ ସ୍ଥଳ ନିର୍ମାଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୮୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଜିଲା ପ୍ରଶାସନ ଓ ପୌର ପ୍ରଶାସନର ଅବହେଳା ପାଇଁ ଆଶ୍ରୟ ସ୍ଥଳରେ ତାଲା ଝୁଲୁଛି । ବାସହରାଙ୍କୁ ସେବା ଯୋଗାଇବା ପାଇଁ ପ୍ରଶାସନର ଆନ୍ତରିକତା ନାହିଁ । ନିର୍ବାଚିତ ଲୋକ ପ୍ରତିନିଧି ଏ ଦିଗରେ ଆଦୌ ଯତ୍ନବାନ ନଥିବା ମନେ ହେଉଛି । ଅନ୍ୟପକ୍ଷେରେ ପ୍ରଗତି ନାମକ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଆଶ୍ରୟସ୍ଥଳ ପରିଚାଳନା ପାଇଁ ମନୋନୀତ ହୋଇଛି । ତେବେ ପୌର ପରିଷଦ ପକ୍ଷରୁ ଏପର୍ଯ୍ୟନ୍ତ ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ସହିତ ଚୁକ୍ତିନାମା ହୋଇ ନ ଥିବା ଜଣାପଡିଛି ।

ଶିକ୍ଷକମାନେ ସ୍କୁଲ୍ ଛାଡ଼ି ରାଜରାସ୍ତାରେ ବସିଲେ ପିଲାଙ୍କର ପାଠପଢ଼ା ବ୍ୟାଘାତ ହେବ ଏକଥା ସରକାରଙ୍କୁ ମଧ୍ୟ ଅଜଣା ନାହିଁ। ତେଣୁ ଶିକ୍ଷକମାନେ କିଭଳି ରାଜରାସ୍ତାକୁ ନ ଆସିବେ ସେ ଦିଗରେ ସରକାର ସଚେତନ ହେବା ଦରକାର। ଏଥିସହିତ ଶିକ୍ଷକମାନେ ମଧ୍ୟ ଠିକ୍ ଏଇ ପରୀକ୍ଷା ସମୟରେ ସ୍କୁଲ୍ ଛାଡ଼ି ପିଲାଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲିଦେବା ଉଚିତ୍ ନୁହେଁ । ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଏଇଭଳି ବିକଳ ଚିତ୍ର ପାଇଁ ହିଁ ବାପା ମା'ମାନେ ସେମାନଙ୍କ ପିଲାଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି । ଶସ୍ତାରୁ ହୀନସ୍ତା ହେବାକୁ ଆଜିର ବାପା ମା'ମାନେ ଚାହୁଁନାହାନ୍ତି ।



ଓଡ଼ିଶା ଏକ୍ସପ୍ରେସ୍

## ଶିକ୍ଷାର ବିକଳ ଚିତ୍ର

ଶିକ୍ଷା ହିଁ ମଣିଷକୁ ମାର୍ଜିତ କରାଏ। ଭଲ-ମନ୍ଦ ଭିତରେ ଫରକ ଜାଣିବାର କ୍ଷମତା ଦିଏ । ତେଣୁ ଦେଶ ବିକାଶରେ ମଧ୍ୟ ଶିକ୍ଷିତ ସମାଜର ଭୂମିକା ରହିଛି । ଏ କାରଣରୁ ଶିକ୍ଷାକୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯିବା ଦରକାର। ଆମ ରାଜ୍ୟରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଚିତ୍ର ଖୁବ୍ ଚିନ୍ତାଜନକ । ପ୍ରାଥମିକ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଏକ ଲଗାତାର ସମସ୍ୟା। ଶିକ୍ଷକ ଅଭାବ ଥାଇ ପିଲାଙ୍କୁ କିଭଳି ମେଧା କରାଯାଇପାରିବ ସେଇଟା ହିଁ ମୂଳ ପ୍ରଶ୍ନ । ଆମେ କେମିତି ଆଶା କରିବା ଯେ ଆମ ପିଲାଙ୍କ ଦକ୍ଷତା ଜାତୀୟ ସ୍ତରର ହୋଇପାରିବ ବୋଲି? ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ିବାର ଖର୍ଚ୍ଚ ଖୁବ୍ କମ୍ ହୋଇଥାଏ। କିନ୍ତୁ ଆଜିର ବାପା ମା' ଅଧିକ ପଇସା ଖର୍ଚ୍ଚ କରି ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେମାନଙ୍କର ମତ ହେଲା- ଶସ୍ତାରୁ ହୀନସ୍ତା ନହେବା ଭଲ।

ରାଜ୍ୟର ୧୪ଟି ସରକାରୀ ବିଶ୍ୱବିଦ୍ୟାଳୟରେ ନିୟମ କୁଳପତି ପଦବୀ ଖାଲି ପଡ଼ିଛି। ଏଥିମଧ୍ୟରୁ ୨ଟି ବିଶ୍ୱବିଦ୍ୟାଳୟରେ ୨୦୨୩ ମସିହାଠାରୁ ନିୟମିତ କୁଳପତି ପଦବୀରେ କେହି ନଥିବା କଥା ସୂଚନା ଦେଇଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ । ରାଜ୍ୟ ସରକାରଙ୍କ ଅଧୀନରେ ମୋଟ୍ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ରହିଛି, ସେଥିମଧ୍ୟରୁ ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି ।

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପରୀକ୍ଷା ଫେବୃଆରୀ ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ । ଠିକ୍ ଏଇ ସମୟରେ ରାଜ୍ୟର ଶିକ୍ଷକମାନେ ଗାନ୍ଧୀମାର୍ଗରେ ଧାରଣାରେ ବସିଛନ୍ତି । ତିନିଦିନ ବିତିଯିବା ପରେ ମଧ୍ୟ ରାଜ୍ୟ ସରକାର ସେମାନଙ୍କ ଦାବି ଶୁଣିନାହାନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ସ୍କୁଲ୍‌କୁ ଫେରିବୁ ନାହିଁ ବରଂ ସମୂହ ଛୁଟିରେ ଯିବୁ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି । ଠିକ୍ ଏଇ ସମୟରେ ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ହଜାର ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ରାସ୍ତାକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି । ଡିସେମ୍ବର ୧୦ ତାରିଖରେ ରାଜଧାନୀରେ ଏକ ବିଶାଳ ଶିକ୍ଷକ ସମାବେଶ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । ସମସ୍ତ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ତୁରନ୍ତ ଅନୁଦାନ, ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ପେନସନ, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ ପ୍ରଦାନ, ଅବସର ବୟସସୀମା ୬୨କୁ ବୃଦ୍ଧି ଆଦି ଦାବି ଏଥିରେ ରହିବ । ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିନଥିବାରୁ ଏଇ ସମାବେଶ ଅନୁଷ୍ଠିତ ହେବ ବୋଲି ସମିତିର ଆବାହକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଶିକ୍ଷକଙ୍କ ଏଭଳି ଆନ୍ଦୋଳନ ଡାକରା ଦ୍ୱାରା ବିଦ୍ୟାଳୟଗୁଡ଼ିକରେ କେଉଁଭଳି ଭାବେ ପାଠପଢ଼ା ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପ୍ରତିବର୍ଷ ଶିକ୍ଷକ ଓ ଅଧ୍ୟାପକମାନେ ଧର୍ମଘଟ କରନ୍ତି ସେମାନଙ୍କ ଦାବି ପୂରଣ ପାଇଁ । ଗୋଟେ ଶିକ୍ଷା ବର୍ଷର କିଛିଦିନ ଚାଲିଯାଏ ଧର୍ମଘଟରେ । ଏହାଫଳରେ ପିଲାଙ୍କ ପାଠପଢ଼ାରେ ଯେଉଁ କ୍ଷତି ହୁଏ ତାକୁ ଭରଣା କରିବା କେବେବି ସମ୍ଭବ ହୁଏନି । ଗୋଟେ ଶିକ୍ଷାବର୍ଷରେ ଯେତିକି ପାଠ ପିଲାଏ ପଢ଼ିବା କଥା ଏବଂ ଦିନକୁ ଯେତିକି ସେମାନେ ମନେ ରଖିପାରିବେ ସେଇଭଳି ଢାଞ୍ଚାରେ ହିଁ ପାଠ୍ୟକ୍ରମର ରୂପରେଖ ଦିଆଯାଇଛି । ତେଣୁ ଏଇ ସମୟସୀମା କମିଗଲେ ଏହାକୁ ଭରଣା କରିବା କେବେବି ସମ୍ଭବ ହେବନି । ବର୍ଷକର ପାଠକୁ କ'ଣ ପିଲାଙ୍କୁ ପିଆଇଦେଇ ହେବ? ମସ୍ତିଷ୍କର ମନେରଖିବାର ଏକ କ୍ଷମତା ରହିଛି, ତାହା ପୁଣି ସବୁ ପିଲାଙ୍କର ସମାନ ନୁହେଁ । ତେଣୁ ବର୍ଷସାରା ନିର୍ଦ୍ଧାରିତ ମାତ୍ରାର ପାଠପଢ଼ିଲେ ହିଁ ପିଲାମାନେ ମନେରଖିପାରନ୍ତି ।

ଶିକ୍ଷକମାନେ ସ୍କୁଲ୍ ଛାଡ଼ି ରାଜରାସ୍ତାରେ ବସିଲେ ପିଲାଙ୍କର ପାଠପଢ଼ା ବ୍ୟାଘାତ ହେବ ଏକଥା ସରକାରଙ୍କୁ ମଧ୍ୟ ଅଜଣା ନାହିଁ। ତେଣୁ ଶିକ୍ଷକମାନେ କିଭଳି ରାଜରାସ୍ତାକୁ ନ ଆସିବେ ସେ ଦିଗରେ ସରକାର ସଚେତନ ହେବା ଦରକାର। ଏଥିସହିତ ଶିକ୍ଷକମାନେ ମଧ୍ୟ ଠିକ୍ ଏଇ ପରୀକ୍ଷା ସମୟରେ ସ୍କୁଲ୍ ଛାଡ଼ି ପିଲାଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲିଦେବା ଉଚିତ୍ ନୁହେଁ । ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଏଇଭଳି ବିକଳ ଚିତ୍ର ପାଇଁ ହିଁ ବାପା ମା'ମାନେ ସେମାନଙ୍କ ପିଲାଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି । ଶସ୍ତାରୁ ହୀନସ୍ତା ହେବାକୁ ଆଜିର ବାପା ମା'ମାନେ ଚାହୁଁନାହାନ୍ତି ।

# ଚମ୍ପେଇନେଉଳ ଲାଙ୍ଗୁଡ଼ରେ 'କାଳି କାମୁଡ଼ିବୁ' ଲେଖାଥିବାରୁ ସେ କେବେ କାମୁଡ଼ି ପାରେନାହି



## ତୁଷମ୍ ଇବ ମନ୍ଥନମ୍- ଚଷୁକୁଟା କାମ

ତୁଷାରକାନ୍ତ

ପୂର୍ବର ସନ୍ଦର୍ଭ (Reference):- (କ) ତା୨୭.୪.୨୦୧୭ରିଖରେ ହିମାଚଳ ପ୍ରଦେଶର ରାଜଧାନୀ ସିମଲାଠାରେ 'ଉଡେ ଦେଶକା ଆମ୍ ନାଗରିକ -ଉଡାନ- UDAN' ଯୋଜନାର ଉଦ୍‌ଘାଟନ ଉତ୍ସବରେ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ କହିଥିଲେ 'ହାୱାଇଚପଲ ପିନ୍ଧୁଥିବା ବ୍ୟକ୍ତି ହାୱାଇଜାହାଜରେ ଉଡ଼ିବା ମୋର ସ୍ୱପ୍ନ ଥିଲା, ଯାହା ଏହି ଯୋଜନା ଜରିଆରେ ସଫଳ ହେବ' । (ଖ) ପୁନଶ୍ଚ ତା୮.୧୦.୨୦୨୫ରିଖରେ 'ନଭି ମୁମ୍ବାଇ ବିମାନ ବନ୍ଦର ଉଦଘାଟନ' ଅବସରରେ ଯଶସ୍ୱୀ ମୋଦିଜୀ କହିଥିଲେ 'ବିମାନ ବନ୍ଦରର ସଂଖ୍ୟାବୃଦ୍ଧି ତଥା ଉଡାନ ଯୋଜନା ଜରିଆରେ' ଚପଲପିନ୍ଧା ବ୍ୟକ୍ତି ବିମାନରେ ଉଡ଼ିବା ମୋର (ମୋଦିଜୀଙ୍କର) ସ୍ୱପ୍ନ ।' (April 27, 2017: Inaugurating the first UDAN (Ude Desh Ka Aam Nagrik) flights, PM Modi said, 'My dream was to see a person wearing a 'hawai chappal' fly on the 'hawai jahaz' (plane). October 8, 2025: At the Navi Mumbai Airport launch, he recalled his 2017 pledge, saying, 'My dream is that even someone wearing slippers can travel by air,' attributing this to the growth in airports and the UDAN scheme.) (ଗ) କରୋନାର ଘୋର ପ୍ରାବଲ୍ୟକାଳରେ ଚପଲପିନ୍ଧାଲିଗଣ ଦୀର୍ଘପଥ ଚାଲି ଚାଲି ଯିବା ସମୟରେ ସେମାନଙ୍କ ଚପଲ ସହିତ ପାଦର ଅବସ୍ଥା ଯାହା ହୋଇଥିଲା, ତାହା ଅବର୍ଣ୍ଣନୀୟ । ତଥାପି ବି ଚମ୍ପେଇନେଉଳ ଲାଙ୍ଗୁଡ଼ରେ ଲେଖାଥିବା 'କାଳି କାମୁଡ଼ିବୁ' ଆଧାରରେ ଏମାନେ 'ଆଜି ନ ହେଲେ ନାହିଁ, କାଲି ତ ଉଡିବୁ, ଅଚ୍ଛେଦିନ ଜରୁର ଆୟେଗା ଆଶାରେ ଆଜି ବି ଅଛନ୍ତି, ଯାହା ମୋ ମତରେ ଏକଦମ ସଠିକ ପଦକ୍ଷେପ ।

ବର୍ତ୍ତମାନର ସନ୍ଦର୍ଭ:- (କ)ଭାରତୀୟ 'ବିମାନ ଚଳାଚଳ ସେବାକ୍ଷେତ୍ରରେ' ପାଖାପାଖି ୬୪% କାରବାର 'ଇଣ୍ଡିଗୋ (IndiGo) ବିମାନ ଚଳାଚଳ ସଂସ୍ଥା' ହାତରେ ରହିଛିଛ ବିମାନ ଚଳାଚଳରେ ଏଭଳି ଘରୋଇ ଏକଚାଟିଆ ଆଧିପତ୍ୟ (Monopoly) ପୃଥିବୀର ଆଉ କୌଣସି ଦେଶରେ ନାହିଁ । ଏହି ସଂସ୍ଥାର ପରିଚାଳନାଗତ ତ୍ରୁଟି ଯୋଗୁ ଗତ ତା୩.୧୨.୨୦୨୫ରିଖରୁ ଲକ୍ଷ ଲକ୍ଷ ବିମାନଯାତ୍ରୀ (ବିଦେଶୀଯାତ୍ରୀଙ୍କ ଲଗାଏତ) ବିଭିନ୍ନ ବିମାନବନ୍ଦରରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଏତେ ଉତ୍କଟ ଯେ, ଅତିମାତ୍ରାରେ ନିରପେକ୍ଷ ଗଣମାଧ୍ୟମ ବି ଏହାକୁ ଚପେଇ ରଖିବାକୁ ସାହସ କରିନପାରି କିଛି କିଛି ସୂଚନା ଦେଉଛନ୍ତି । (ତା୭.୧୨.୨୦୨୫ ରିଖରେ ଏହି ଲେଖାଟି ପ୍ରସ୍ତୁତ କରିବା ସମୟର ଅବସ୍ଥା ।) (ଖ)ଅତି ଆବଶ୍ୟକୀୟ ସ୍ଥଳରେ ଧନୀ ଲୋକମାନେ ୫/୬ ଗୁଣ ଅଧିକ ଦେଇ ଅନ୍ୟ ସଂସ୍ଥାର ବିମାନରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯାଉଛନ୍ତି, ଆଉ ଗୋଟିଏ ଓଡ଼ିଆ ଲୋକକଥା 'ନଇଁ ପଡ଼ିଥିବ ଯେତିକି ବେଳେ, ବିଧାଏ ମାରିବ ସେତିକି ବେଳେ' ଆଧାରରେ । ପ୍ରୟାଗରାଜରେ ଚାଲିଥିବା ପବିତ୍ର ମହାକୁମ୍ଭ ସମୟରେ ମଧ୍ୟ ଏଭଳି ଅହେତୁକ ମୂଲ୍ୟବୃଦ୍ଧି ଘଟିଥିଲା, ଧର୍ମକାର୍ଯ୍ୟରେ ଯାଉଥିବାମାନଙ୍କପାଇଁ । ଇଣ୍ଡିଗୋର ଅଧିକାଂଶ ଯାତ୍ରୀ ଜୋତାପିନ୍ଧା ହୋଇ ବି ଏଭଳି ଅବସ୍ଥାରେ ତ, 'ଚପଲପିନ୍ଧାଙ୍କ ବାବଦରେ କ'ଣ ବା ଲେଖିବି'? (ଗ) ଚମ୍ପେଇନେଉଳ ଲାଙ୍ଗୁଡ଼ରେ 'କାଳି କାମୁଡ଼ିବୁ ଲେଖାହୋଇଛି' ତ ଚପଲପିନ୍ଧାଙ୍କ କପାଳରେ 'କାଲି ବିମାନରେ ଉଡିବୁ' ଲେଖାଯାଇଛି, ଯାହା କେବେ ବି ଫଳବତୀ ହୋଇପାରିବ ନାହିଁ, ଯେହେତୁ ଯେଉଁଦିନ ପଢିଲେ ବି 'କାଲି କି' ଲେଖାଟି ଦିଶୁଥିବ ।




(୩) ଭବିଷ୍ୟତର ସନ୍ଦର୍ଭ - (କ) କେହି କେହି କହିବାର ଶୁଣାଯାଉଛି ଯେ, 'ଏକନମ୍ବରୀ ରାଷ୍ଟ୍ରୀୟମିତ୍ର ତଥା ଦୁଇନମ୍ବରୀ ରାଷ୍ଟ୍ରୀୟସେଠଙ୍କର ସବୁଥିଲେ ମଧ୍ୟ ବିମାନ ଚଳାଚଳ ବ୍ୟବସାୟ ନଥିବାରୁ, ତାଙ୍କୁ ଏଭଳି ସୁଯୋଗ ଦିଆଯିବାକୁ ଏଭଳି ପରିସ୍ଥିତି ସୃଷ୍ଟି କରାଯାଇଛି', (ଖ)ଠିକ ଯେମିତି 'ଦୁଇନମ୍ବରୀ ରାଷ୍ଟ୍ରୀୟମିତ ତଥା ଏକନମ୍ବରୀ ରାଷ୍ଟ୍ରୀୟଶେଠଙ୍କୁ ସରକାରୀ ସଂସ୍ଥା ବିଏସଏନ୍‌ଏଲକୁ ଅତି ଶସ୍ତାରେ ଟେକିଦେବକୁ, ବିଏସ୍‌ଏନ୍‌ଏଲ୍ ସରକାରୀ ସଂସ୍ଥାଟିକୁ ଦୁର୍ବଳ ତଥା କ୍ଷତିଗ୍ରସ୍ତ କରାଇ ଦିଆଚାଲିଛି ।'

ଏଇଠି ମନେ ପଡୁଛି ଗାନ୍ଧୀଜୀଙ୍କ ଯଥାଯଥ ଅନୁଗତ, ସ୍ୱାଧୀନତା ସଂଗ୍ରାମୀ ତଥା ବିଶିଷ୍ଟ ଲେଖକ ଚିତ୍ତରଞ୍ଜନ ଦାସ, ତାଙ୍କଦ୍ୱାରା ତା୧୦.୯.୧୯୮୮ରିଖରେ ଲିଖିତ 'ଦେଶଭକ୍ତ ଓ ଦେଶଭକ୍ତି' ପ୍ରବନ୍ଧର ସାରାଂଶଟି, ଯାହା ହେଉଛି- ଯୋଉମାନେ ଶାସକ ହିସାବରେ ଗୋଟାଏ ଦେଶକୁ ଭୋଗ କରୁଥାନ୍ତି, ଦୁଷ୍ଟ ପୃଥିବୀରେ ସେମାନେ ହିଁ ସଚରାଚର ଦେଶଭକ୍ତିର କଥାମାନ କହିଥାନ୍ତି । ନିଜକୁ କୋଉ ଗରଜରେ ପଡି ସେମାନେ ସତେଅବା ଏକମାତ୍ର ଦେଶଭକ୍ତ ବୋଲି ମାନି ନେଇଥାନ୍ତି କେଜାଣି, ସେମାନଙ୍କ ଠାରୁ ଭିନ୍ନ ଆଖିରେ ଦେଖୁଥିବା ସମସ୍ତଙ୍କୁ ସେମାନେ ଯାଉଣୁ ଆସୁଣୁ 'ଦେଶଦ୍ରୋହୀ' ବୋଲି କହନ୍ତି ।

ତା'ର ଅସଲ କାରଣଟା ହେଉଛି ଯେ ସେମାନେ ନିଜ ସହିତ ଦେଶକୁ ଅଭେଦ ବୋଲି ମାନି ନେଇଥାନ୍ତି । ସେମାନେ ରହିଛନ୍ତି ବୋଲି ଦେଶଟା ରହିଛି ବୋଲି ଭ୍ରମ କରୁଥାନ୍ତି । x x x ଏମାନଙ୍କୁ ଛାଡି ଆହୁରି ଅନେକ ଦେଶ ବିଷୟରେ ଚିନ୍ତା କରୁଛନ୍ତି ଯେଉଁଥିରେ ସାଧୁତା ଅଛି । ମାତ୍ର ସେମାନେ ଶାସନରେ ବ ନିଜର ସାଧୁତାଟିକୁ କେଡେ ସୂତରରେ ହଜାଇ ଦେଇଥାନ୍ତି । ଅନ୍ୟର ଅକଲକୁ ଚିହ୍ନିବାକୁଆହୁରି ଆହୁରି ଅଧିକ ଅକଲ ଆବଶ୍ୟକ ହୁଏ ।

ଦେଶରେ ଯାହା ଯେମିତି ଚାଲିଛି, ସେସବୁକୁ ସମର୍ଥନ କରିବା ଓ ସର୍ବଶ୍ରେଷ୍ଠ ବୋଲି କହିବା ଆଦୌ ଦେଶଭକ୍ତି ନୁହେଁ, ଅସଲ ଦେଶଭକ୍ତ ଦେଶକୁ ବଦଳାଇବାର ସଂକଳ୍ପ ରଖିଥାଏ ଚ ଦେଶକୁ ଶାସନ କରିବା ନାଆଁରେ ଭୋଗ କରିବା- ଏହାକୁ କଦାପି ଦେଶଭକ୍ତି ବୋଲି କୁହାଯିବ ନାହିଁ । x x x ଭାରତବର୍ଷର ନେତା ଓ ଅମଲାମାନେ ଗତ ପ୍ରାୟ ଚାଳିଶି ବର୍ଷ ହେଲା (୧୯୮୯ରେ ଏହି ଲେଖାଟି ଲେଖାହେଲା ବେଳକୁ ସ୍ୱାଧୀନତା ପ୍ରାପ୍ତିକୁ ପ୍ରାୟ ଚାଳିଶବର୍ଷ ହୋଇଥିଲା ବୋଲି ଲେଖକ ଲେଖିଥିଲେ । ଏବେକୁ ସ୍ୱାଧୀନତାପ୍ରାପ୍ତି ଅଠସ୍ତରୀ ବର୍ଷ ହେଲାଣି) ଶାସନ ନାଆଁରେ ଦେଶଟାକୁ ପ୍ରଧାନତଃ ଭୋଗକରି ଆସୁଛନ୍ତି । ସେମାନଙ୍କ ଭୋଗନିଶାର ଭାବଗୁଡିକ ଏବେ ମଧ୍ୟ ଶୁଖିନାହିଁ ।

ତାଙ୍କରି ସହକର୍ମୀ ଜାତୀୟ କବି ବୀରକିଶୋର ଦାସ ଲେଖିଥିବା, 'ଧଳା (ବ୍ରିଟିଶ) ବଦଳରେ କଳା (ଭାରତୀୟ) ହେଲେ ଜୋକ କଟିବ କି କୋଟି ଜନତାଙ୍କ ଦୁଃଖ ଚାଷୀମୂଲିଆଙ୍କ ଖପୁରୀକୁ ଚିରି ଦିଲ୍ଲୀ ଦରବାର ଗଢିବା କି?' ଆଜି ବାସ୍ତବତାର ରୂପ ନେଇସାରିଛି ।

ଯେଉଁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତହୋଇ ଶ୍ରୀ ଦାସ ଓ ଅନ୍ୟାନ୍ୟ ବହୁ ଯୁବକ ଯୁବତୀ ଅତ୍ୟନ୍ତ କଷ୍ଟକର ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ, ସେହି ଗାନ୍ଧୀଜୀ କହିଥିଲେ, (୧) ପ୍ରକୃତି ସମସ୍ତଙ୍କ ଚଳିବାପାଇଁ ଯଥେଷ୍ଟ ଦେଇଛି, ଲୋଭର ପରିପୂରଣପାଇଁ ନୁହେଁ, (୨) ଯୋଜନାଟିଏ କଲାବେଳେ ମନେ ରଖିଥିବେ, ଏହାଦ୍ୱାରା ଯେପରି ସମାଜର ସବୁଠାରୁ ତଳେଥିବା ଲୋକ ଉପକୃତ ହୁଅନ୍ତି, (୩) ଯେଉଁ ଅସହାୟ ଲୋକଟିଏ ଆପଣଙ୍କ ପାଖକୁ କୌଣସି କାମରେ ଆସୁଛନ୍ତି, ସେ ଆପଣଙ୍କ କାମରେ ବାଧା ସୃଷ୍ଟି କରୁନାହାନ୍ତି, ସେ ଆପଣଙ୍କ ନିଯୁକ୍ତିର ମୂଳ, (୪) ଧନୀକଗଣ ସେମାନଙ୍କ ସମ୍ପତ୍ତିକୁ ଭଗବାନଙ୍କ ସମ୍ପତ୍ତି ରୂପେ ବିଚାରକରି, ଗରିବମାନଙ୍କ ଉପକାରରେ ସେହି ସମ୍ପତ୍ତିର ବିନିଯୋଗପାଇଁ ନିଜକୁ ସେହି ସମ୍ପତ୍ତିର ନ୍ୟାସୀରପେ ବିବେଚନା କରିବା ଉଚିତ । (Wealthy people should consider their property as what God trusted them to manage as trustees for the benefit of the poor.) କିନ୍ତୁ, ଏଥିରୁ କୌଣସି ଗୋଟିଏ ହେଲେ ସ୍ୱାଧୀନୋତ୍ତର ଶାସକ, ପ୍ରଶାସକଙ୍କଦ୍ୱାରା ଗ୍ରହଣୀୟ ହୋଇନଥିବାରୁ, ପ୍ରକୃତିର ମାତ୍ରାଧିକ ଦୋହନଯୋଗୁ ପୃଥିବୀର ଅବସ୍ଥା ଆଜି ସଙ୍କଟରେ, ସବୁ ଯୋଜନାର ସିଂହଭାଗ ଟାଉଟରଙ୍କ ପକେଟରେ, କାର୍ଯ୍ୟାଳୟକୁ ସାଧାରଣଲୋକଙ୍କ ପ୍ରବେଶ ନିଷେଧ ଓ ଦେଶର ସମୁଦାୟ ସମ୍ପତ୍ତିର ଅଧା ଅଳ୍ପ କେତେଜଣଙ୍କ ହାତରେ ଯାହା ୯୯ % ହେବା ଦିଗରେ । ଚିତ୍ତରଞ୍ଜନ ଦାସ ତାଙ୍କ ଲେଖା ଶେଷରେ ଯେଉଁ ଅସମାହିତ ଦିଗଟି ଉପରେ ଆଲୋକପାତ କରିଥିଲେ ତାହାର ସମାଧାନ ବି ନାହିଁ । ଚମ୍ପେଇନେଉଳଟି ଅପେକ୍ଷା କରିଛି 'କେଉଁଦିନ କାଲି ଆଜି ହେବା'କୁ ।

ମୋ. ୮୮୯୫୮୫୭୩୧୮

# ଟିକେ ଚିନ୍ତା କରିବା କି?

■ ରାମ ନାରାୟଣ ମିଶ୍ର ■

ଆମେ ଯେଉଁମାନେ ନିଜକୁ ଓଡିଆ ଆଉ ଆମର ମାତୃଭାଷା ଓଡିଆ ବୋଲି ଗର୍ବ ଅନୁଭବ କରୁ, ଏ ଗର୍ବ ଭେଜାଲ ନୁହେଁ ତ? ଏ ସନ୍ଦେହ ଏଇଥିପାଇଁ ଯେ ଆମେ ଓଡିଆରେ ଯେତିକି କଥାବାର୍ତ୍ତା କରୁ, ତା'ଠାରୁ କମ୍ ଓଡିଆ ପଢୁ ଏବଂ ତା'ଠାରୁ ଯଥେଷ୍ଟ କମ୍ ଓଡିଆରେ ଲେଖାଲେଖି କରୁ । କଥାବାର୍ତ୍ତାରେ ବି ଇଂରାଜୀ ଅବା ହିନ୍ଦି ଭାଷାର ଛିଟା ରହିଥାଏ । ଏହାର କାରଣ ଆମ ଜୀବନଶୈଳୀରେ ଇଂରାଜୀ ଭାଷାର ପ୍ରାବଲ୍ୟ । ତେବେ ଭାଷା ଭିତ୍ତିକ ଓଡିଶା ପ୍ରଦେଶ ଗଠନ ହେଲାପରେ ଆମେ ଆମ ମାତୃଭାଷାକୁ ପୂର୍ଣ୍ଣ ମାତ୍ରାରେ ଗ୍ରହଣ କରି ପାରିଲୁ ନାହିଁ । ଆମେ କଥା କଥାରେ ହାଲୋ, ହାଏ, ଗୁଡ୍ ମର୍ଣ୍ଣିଂ, ଗୁଡ୍ ନାଇଟ୍ କହିବା ଲେଖିବାକୁ ନିଜର ଆତ୍ମ ସମ୍ମାନ ବୋଲି ଗ୍ରହଣ କରି ନେଇଛୁ ଯଦିଓ ଆମେ ସହଜରେ ଜଣକୁ ସମ୍ବୋଧନ କଲାବେଳେ ଠାକୁରଙ୍କ ନାଁ ସହ ସୁପ୍ରଭାତ, ଶୁଭରାତ୍ରୀ ଆଦି ଲେଖି କହି ପାରିବା । ଏଥିରୁ ଓଡିଆ ଭାଷା ପ୍ରତି ଆମର ଆନ୍ତରୀକତା ବୁଝାପଡେ ।

ଏ କଥା ଉପସ୍ଥାପନା କରିବାର ଉଦ୍ଦେଶ୍ୟ ହେଲା, ନିକଟରେ ରାଜଧାନୀରେ ଏକ କାଳୀନ ଦୁଇଟି ପୁସ୍ତକ ମେଳା ଦେଖିବାକୁ ମିଳିଲା ଯେଉଁଠାରେ ଦର୍ଶକଙ୍କର ପ୍ରବଳ ଭିଡ ଥିଲେ ବି ପାଠକବର୍ଗଙ୍କ ସଂଖ୍ୟା ସେପରି ଉତ୍ସାହ ଜନକ ନଥିଲା । ପୁସ୍ତକ ମେଳାରେ ଶତାଧିକ ଓଡିଆ ପ୍ରକାଶକ ଓ ବିକ୍ରେତା ଷ୍ଟଲ୍ ଖୋଲି ପାଠକ ମାନଙ୍କୁ ଅପେକ୍ଷାରତ ଥିଲାବେଳେ ଭିଡ ହେଉଥିଲା ପାଠ୍ୟ ପୁସ୍ତକ ଓ ରିହାତି ଦରରେ ମିଳୁଥିବା ଇଂରାଜୀ ପୁସ୍ତକର ଷ୍ଟଲ୍‌ରେ ।

ଆମ ଓଡିଆ ବହିର ମାନ ଅନ୍ୟ ଭାଷାର ବହି ମାନଙ୍କ ତୁଳନାରେ କମ୍ ନୁହେଁ । ସୁଦୃଶ୍ୟ କଭର ଓ ବନ୍ଧେଇ, ଭଲ କାଗଜ ସହ ସୁନ୍ଦର ଛପା ବହିଗୁଡିକ ବେଶ୍ ଆକର୍ଷଣୀୟ । ହେଲେ ସେ ଗୁଡିକ ଅଧିକାଂଶ ଦର୍ଶକ ଓ ପାଠକଙ୍କୁ ଆକର୍ଷିତ କରି ନପାରିବାର ପ୍ରମୁଖ କାରଣ ହେଲା ସେମାନଙ୍କର ଓଡିଆ ଭାଷା ପ୍ରତି ଅନାଗ୍ରହ ଭାବ । ଅପର ପକ୍ଷରେ ପୁସ୍ତକମେଳାର ଆୟୋଜକମାନେ ମେଳା ଶେଷରେ ସାମ୍ବାଦିକ ସମ୍ମିଳନୀ ଡାକି ଏଥର ମେଳାରେ ଏତେ କୋଟି ଟଙ୍କାର ବ୍ୟବସାୟ ହୋଇ ସଫଳତା ଲାଭ କରିଛି ବୋଲି ବାହାସ୍ଫୋଟ ମାରନ୍ତି । କିନ୍ତୁ ସେଥିରେ ଓଡିଆ ବହି ବ୍ୟବସାୟର ଅଂଶ କେତେ?

ଓଡିଆ ଭାଷାର ଏ ଦୁର୍ଗତିର ଏକ ବଡ କାରଣ ହେଲା ଓଡିଆ ଭାଷାର ବ୍ୟବହାର । ଆଇନ୍ ପ୍ରଣୟନ ସତ୍ତ୍ୱେ ଓଡିଶାରେ ଏ ଯାଏ ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ହୋଇ ପାରିଲା ନାହିଁ । ଯେତେବେଳେ ଆମର ପଡୋଶୀ ରାଜ୍ୟମାନଙ୍କରେ ସେମାନଙ୍କ ମାତୃଭାଷାରେ ସରକାରୀ କାର୍ଯ୍ୟ ଠିକ୍ ରୂପେ ଚାଲିଛି । ଓଡିଆ ଭାଷାପ୍ରାଣ ମୁଖ୍ୟମନ୍ତ୍ରୀ ଦ୍ଧ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଅମଳରେ ଓଡିଆ ଲେଖା ନଥିବା ନଥିପତ୍ର ତାଙ୍କ ନିକଟକୁ ଆସିଲେ ସେ ଫେରାଇଦେଇ ଓଡିଆରେ ଲେଖି ଆଣିବାକୁ ପରାମର୍ଶ ଦେଉଥିଲେ । ସେ ସମୟରେ ଓଡିଆ ଟାଇପ୍ ରାଇଟରର ବ୍ୟବହାର ହେଉଥିଲା । କମ୍ପ୍ୟୁଟରରେ ଓଡିଆ କାମ ପାଇଁ 'ଶ୍ରୀଲିପି' ପ୍ୟାକେଜ୍‌ର ବ୍ୟବହାର ନେଇ ସମସ୍ତେ ଅବଗତ ଥିବେ । ହେଲେ ଆଜି? ଜାନକୀବାବୁଙ୍କ ପରି ମାତୃଭାଷା ପ୍ରୀତି ଆଜିର ମନ୍ତ୍ରୀ, ଅଧିକାରୀମାନଙ୍କ ନିକଟରେ ଦେଖିବାକୁ ମିଳୁନାହିଁ । ଯଦିଓ ଏବେ ଓଡିଆ ଭାଷା ବ୍ୟବହାର କରିବା ପାଇଁ ଅତ୍ୟାଧୁନିକ ସଫ୍ଟଓୟାର ପ୍ୟାକେଜ୍ ସହ ଆନୁସଙ୍ଗିକ ବହୁ ପ୍ରକାର ସୁବିଧା ଉପଲବ୍ଧ । କେବଳ ଯାହା ଇଚ୍ଛାଶକ୍ତିର ଘୋର ଅଭାବ । ଓଡିଆ ଭାଷା ବ୍ୟବହାର କରିବା ପାଇଁ ଆଇନ୍‌ର ଅଭାବ ନାହିଁ । ହେଲେ ସେ ଆଇନ୍‌କୁ ମାନୁଚି କିଏ? ଓଡିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଗଭୀର ନିଦରୁ ଉଠିଲେ ପରି ସରକାର ଓଡିଆ ଭାଷାର ପ୍ରଚାର ପ୍ରସାର ପାଇଁ ଆଗରୁ ଥିବା ଓଡିଆ ଭାଷା ପ୍ରତିଷ୍ଠାନ ଏବଂ ଏବେ ଶାସ୍ତ୍ରୀୟ ଓଡିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ପରି ଅନୁଷ୍ଠାନ ଗଢିଦେଲେ । କିନ୍ତୁ ସେ ସବୁ ଅନୁଷ୍ଠାନ ସୁଚାରୁ ରୂପେ କିପରି କାମ କରିବ, ସେଥିପ୍ରତି ଦୃଷ୍ଟି ନ ଦେବା ଫଳରେ ଏବେ ସେ ଅନୁଷ୍ଠାନଗୁଡିକ ଗୁରୁତ୍ୱ ହରାଇ ବସିଲେଣି । ଓଡିଆ ବିଶ୍ୱ ବିଦ୍ୟାଳୟ, ସଂସ୍କୃତି ବିଶ୍ୱବିଦ୍ୟାଳୟ ଆଦି ଆମ ମାତୃଭାଷା ପାଇଁ କି ପଦକ୍ଷେପ ନେଉଛନ୍ତି, ତା'ର କୌଣସି ସୂଚନା ମିଳେନି ।

ଆଗରୁ ରାଜ୍ୟରେ ଯେତିକି ପାଠାଗାର ଥିଲା, ତହିଁରୁ ଅଧିକାଂଶ ଲୁପ୍ତପ୍ରାୟ । ରାଜା ରାମ ମୋହନ ସଂସ୍ଥା ଜରିଆରେ ବହି କିଣା ଓ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଅଚଳ । ଆଗରୁ କିଣା ବହି ଏବେ ବଣ୍ଟନ ହୋଇ ନପାରି ପୋକ ଯୋକଙ୍କର ଆହାର ପାଲଟିଛି । ଏଥିପ୍ରତି ସରକାରଙ୍କର ଆଦୌ ଧ୍ୟାନ ନାହିଁ । ପାଠାଗାର ପାଠକ ସୃଷ୍ଟି କରିବାର ଏକ ବଳିଷ୍ଠ ମାଧ୍ୟମ । ଏ ଯୋଜନାକୁ ପୁନରାୟ କାର୍ଯ୍ୟକାରୀ କରିବା ନିହାତି ଆବଶ୍ୟକ ।

ଯଦି ଓଡିଶା ସରକାର ଏବେଠାରୁ ମାତୃଭାଷା ଓଡିଆକୁ ପ୍ରାଧାନ୍ୟ ଦେଇ ସବୁ ସ୍ତରରେ ଏହାର ବ୍ୟବହାରକୁ ନିଶ୍ଚିତ କରିପାରିବେ, ତେବେ ଉପର ପାଣି ତଳ ଆଡକୁ ଗଡିଗଲାପରି ଓଡିଆଭାଷା ବ୍ୟବହାରର ଧାରା ନିଶ୍ଚିତ ଭାବେ ତଳ ସ୍ତରର ସବୁ କ୍ଷେତ୍ର ସହିତ ବ୍ୟକ୍ତିଗତ ଜୀବନରେ ପ୍ରଭାବ ବିସ୍ତାର କରି ପାରିବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ଏଲ ବି -୬୧, ଭୀମଟାଙ୍ଗି,
ଭୁବନେଶ୍ୱର-୨

# କାନ୍ତ କବିଙ୍କ ସାହିତ୍ୟ ଇଂରେଜଙ୍କ ବିରୁଦ୍ଧରେ ଅମୋଘ ଅସ୍ତ୍ର ଥିଲା

■ ଅସିତ ମହାନ୍ତି ■

କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର (୯ ଡ଼ିସେମ୍ବର ୧୮୮୮ - ୨୪ ଫେବୃଆରୀ ୧୯୫୩) ଜଣେ ପ୍ରତିଷ୍ଠିତ ଓଡ଼ିଆ କବି, ଲେଖକ, ପ୍ରଦର୍ଶନ କଳାକାର ଏବଂ ସ୍ୱାଧୀନତା ସଂଗ୍ରାମୀ ଥିଲେ ସରଳ ଏବଂ କୋମଳ ଭାଷାରେ ତାଙ୍କ କବିତା ଗୁଡିକ ରଚିତ ହୋଇଥିବାରୁ, ତାଙ୍କୁ 'କାନ୍ତ କବି' ବୋଲି କୁହାଯାଏ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଗଳ୍ପ, ଉପନ୍ୟାସ ଏବଂ ହାସ୍ୟରସାତ୍ମକ କବିତା ଦ୍ୱାରା ସେ ସମୃଦ୍ଧ କରିଥିଲେ ହାସ୍ୟ ରସ ସଙ୍ଗେ ସଙ୍ଗେ ଜାତୀୟତା ବୋଧ ମଧ୍ୟ ତାଙ୍କ କବିତାର ଅଙ୍ଗ ଥିଲା ବନ୍ଦେ ଉତ୍କଳ ଜନନୀ ତାହାର ଜ୍ୱଳନ୍ତ ଉଦାହରଣ ସେ ଡଗର ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ, ଯାହା ବିଭିନ୍ନ ପ୍ରକାରରେ ପ୍ରବନ୍ଧ ପ୍ରକାଶ କରିଥିଲା ଯେପରିକି ବ୍ୟଙ୍ଗ, ଶିଶୁ କାହାଣୀ, ରାଜନୈତିକ ଏବଂ ସାମାଜିକ ସମାଲୋଚନା ତାଙ୍କର ସୁଯୋଗ୍ୟ ପୁତ୍ର ନିତ୍ୟାନଦ ମହାପାତ୍ର ମଧ୍ୟ ଜଣେ ସାହିତ୍ୟକ ଏବଂ ସ୍ୱାଧୀନତା ସଂଗ୍ରାମୀ ତାଙ୍କର ଦଶରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି । ସେ ଓଡ଼ିଶା ରାଜ୍ୟ ଏକୀକରଣ ଆନ୍ଦୋଳନର ଜଣେ ଅଗ୍ରଣୀ ପ୍ରଚାରକ ତଥା ଉତ୍କଳ ସମ୍ମିଳନୀର ଜଣେ ବିଶିଷ୍ଟ ସଦସ୍ୟ ଥିଲେ । ଲକ୍ଷ୍ମୀକାନ୍ତ ୯ ଡିସେମ୍ବର ୧୮୮୮ ରେ ଭଦ୍ରକ ଜିଲ୍ଲାର ତିହିଡି ବ୍ଲକର ତାଳପଡା ଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଜମିଦାର ଚୌଧୁରୀ ଭଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଏବଂ ମାତାଙ୍କ ନାମ ରାଧାମଣି ଦେବୀ। ସେ ଭଦ୍ରକ ଜିଲ୍ଲାର ତାଳପଡା ଗାଁର ମୂଳ ବାସିନ୍ଦା ଥିଲେ । ଯାହା ତତ୍କାଳୀନ ବଙ୍ଗଳା ପ୍ରେସିଡେନ୍ସିର ଅଂଶ ଥିଲା ତାଙ୍କ ପିତା ବିହାର ଏବଂ ଓଡ଼ିଶା ବିଧାନ ପରିଷଦର ଚାରିଥର ପ୍ରତିନିଧିତ୍ୱ କରିଥିଲେ ଏବଂ ଦୁଇଥର ଏହାର ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ ।

ଲକ୍ଷ୍ମୀକାନ୍ତ ତାଙ୍କ ପିଲାଦିନକୁ ତାଙ୍କ ମାତା ମାମୁ ଘରେ ବିତାଇ ବାଲେଶ୍ୱରରେ ଅଧ୍ୟୟନ କରିଥିଲେ ଇଣ୍ଟରମିଡିଏଟ ପାସ୍ କରିବା ପରେ ସେ ଉଚ୍ଚଶିକ୍ଷା ପାଇଁ କୋଲକାତାର ପିଓନ୍ କଲେଜରେ ଅଧ୍ୟୟନ କରିଥିଲେ । ସେ ୧୯୧୩ ରେ ରେଭେନ୍ସା କଲେଜକୁ ଫେରି ସ୍ନାତକୋତ୍ତର ଡିଗ୍ରୀ ସମାପ୍ତ କରିଥିଲେ। ସେ ଜମିଦାର ଲାଲମୋହନ ଦାସଙ୍କ ଝିଅ ଲବଙ୍ଗ ଲତାଙ୍କୁ ବିବାହ କରିଥିଲେ । କ୍ୟାରିୟର ଆରମ୍ଭରେ ସେ କୁଷ୍ଠ ରୋଗରେ ପୀଡିତ ହୋଇଥିଲେ ଏବଂ ତାଙ୍କର ଶାରୀରିକ କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା । ତଥାପି ଏହା ତାଙ୍କୁ ସାହିତ୍ୟିକ ଦୃଶ୍ୟରେ ସକ୍ରିୟ ରହିବାକୁ ଅଟକାଇ ନଥିଲା ଲକ୍ଷ୍ମୀକାନ୍ତ ନାଟକ, ପାରୋଡି, କବିତା, କ୍ଷୁଦ୍ରଗଳ୍ପ ଏବଂ ଉପନ୍ୟାସର ଧାରାବାହିକରେ ସାହିତ୍ୟିକ ରଚନା କରିଥିଲେ ତାଙ୍କର ସାହିତ୍ୟିକ ଶୈଳୀ ଜାତୀୟତାବାଦୀ ଉତ୍ସାହ ଏବଂ ତୀକ୍ଷ୍ଣ ବ୍ୟଙ୍ଗରେ ପରିପୂର୍ଣ୍ଣ ଥିଲା ସେ ଅଳ୍ପ କିଛି ଲେଖକଙ୍କ ମଧ୍ୟରୁ ଜଣେ ଯିଏକି ଓଡିଆ ସାହିତ୍ୟରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ଯେଉଁ ସମୟରେ ଏହାର ଅସ୍ତିତ୍ୱ ବିପଦରେ ଥିଲା । ସେ ଯେତିକି ଲୋକଙ୍କ କାହାଣୀକୁ ତାଙ୍କ କାର୍ଯ୍ୟରେ ଆଣିଥିଲେ, ତାଙ୍କ କାର୍ଯ୍ୟ ମଧ୍ୟ ସାହିତ୍ୟକୁ ସେମାନଙ୍କ ନିକଟକୁ ନେବା ଦାୟିତ୍ୱ ଗ୍ରହଣ କଲା ସାହିତ୍ୟ ମାଧ୍ୟମରେ ସେ ହଜାର ହଜାର ଲୋକଙ୍କ ନିକଟରେ ଜାତୀୟତାବାଦୀ ଉତ୍ସାହ ବିସ୍ତାର କରିଥିଲେ ଏବଂ ସେମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିଥିଲେ । ଜଣେ ରାଜନୈତିକ ସମାଲୋଚକ ଭାବରେ ରାଜନେତା ତଥା ସାମ୍ରାଜ୍ୟ ମୁଖିଆଙ୍କ ଉପରେ ତାଙ୍କର ତୀବ୍ର ସମାଲୋଚନା ତାଙ୍କୁ ଏକ ଅନୁକୂଳ ସୁନାମ ଦେଇଥିଲା ସେ ଜଣେ ସଂଗୀତଜ୍ଞ ଏବଂ ଅଭିନେତା ମଧ୍ୟ ଥିଲେ । ସେ ଓଡ଼ିଶାରେ କଳା ପ୍ରଦର୍ଶନ କରିବାର ସମୃଦ୍ଧ ପରମ୍ପରାରେ ମଧ୍ୟ ଅତୁଳନୀୟ ଅବଦାନ ରଖିଛନ୍ତି । ସେ ତାଙ୍କ ଗାଁରେ ଗୋପୀନାଥ ନାଟ୍ୟ ସମାଜ ନାମକ ଏକ ନାଟକୀୟ ଗ୍ରୁପ ଗଠନ କରିଥିଲେ । ଲକ୍ଷ୍ମୀକାନ୍ତଙ୍କ ରଚିତ କବିତାଗୁଡିକ ସ୍ୱାଧୀନତାପ୍ରେମୀ ମାନଙ୍କୁ ଏକଜୁଟ କରାଇବାରେ ସାହାଯ୍ୟ କରିଥିଲା । ୧୯୩୩ରେ ତାଙ୍କୁ ଭଦ୍ରକ ହାଇସ୍କୁଲ ପ୍ରାଙ୍ଗଣରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ସଭାରେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା । ୧୯୨୦ର ଅସହଯୋଗ ଆନ୍ଦୋଳନ ଏବଂ ୧୯୩୦ର ଲବଣ ସତ୍ୟାଗ୍ରହ କାନ୍ତ କବିଙ୍କ ପରିବାର ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହି ଆନ୍ଦୋଳନର ସୂତ୍ରଧାର ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ ଲକ୍ଷ୍ମୀକାନ୍ତଙ୍କ ପରିବାରକୁ ଦେଶପ୍ରେମରେ ବୁଡ଼ାଇଦେଇଥିଲା । ତାଙ୍କ ବାପା, ଦୁଇ ସାନ ଭଉଣୀ ଏବଂ ସାନ ଭାଇ କମଳାକାନ୍ତ ପ୍ରମୁଖ ୧୯୩୦ର ଇଞ୍ଚୁଡି ଲବଣ ସତ୍ୟାଗ୍ରହରେ ପ୍ରତ୍ୟକ୍ଷ ଭାବେ ଯୋଗ ଦେଇଥିଲେ । କାନ୍ତ କବିଙ୍କ ବଡ ପୁଅ ନିତ୍ୟାନନ୍ଦ ମହାପାତ୍ର ଏଥିରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ସେହି ସମୟରେ ଏହିସବୁ ଆନ୍ଦୋଳନରେ ଜନସାଧାରଣଙ୍କୁ ଯୋଗଦାନ ପାଇଁ ଏବଂ ସେମାନଙ୍କୁ ଜାତୀୟତା ପ୍ରତି ଆକର୍ଷଣ କରିବା ପାଇଁ କାନ୍ତକବି ନିଜ କଲମ'ର ସାହାଯ୍ୟ ନେଇଥିଲେ । ଗଳ୍ପ, ନାଟକ, କବିତା ଏବଂ ଉପନ୍ୟାସ ଆଦି ରଚନା କରି ଲୋକମାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗୃତ କରିବା ପାଇଁ ଲାଗି ପଡ଼ିଥିଲେ । କାନ୍ତ କବିଙ୍କ ଦ୍ୱାରା ରଚିତ କବିତା ଲୋକମାନଙ୍କୁ ଏକଜୁଟ କରିବାରେ ସାହାଯ୍ୟ କଲା । ସେଥିପାଇଁ ସାଧାରଣ ଜନତାଙ୍କୁ ଇଂରେଜମାନଙ୍କ ବିରୋଧରେ ଲଢ଼ିବାକୁ ଏବଂ ସ୍ୱାଧୀନତା ପ୍ରାପ୍ତ କରିବାକୁ ସେ କବିତାକୁ ନିଜର ଅସ୍ତ୍ର ଭାବରେ ବ୍ୟବହାର କଲେ । ସେତେବେଳେ ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗ ଚାଲିଥିଲା । ନୀଳକଣ୍ଠ ଦାସ ଏବଂ ଗୋଦାବରୀଶ ମିଶ୍ରଙ୍କ ଭଳି ପାଠ ପ୍ରଦର୍ଶକମାନେ ପୁରାତନ ଖ୍ୟାତି, ସମ୍ଭ୍ରାନ୍ତ ପୃଷ୍ଠଭୂମି ଏବଂ ପରମ୍ପରାକୁ ନେଇ ଜାତୀୟତାର ବାର୍ତ୍ତା ପ୍ରଚାର କରୁଥିବା ବେଳେ ମହାତ୍ମା ଗାନ୍ଧୀଙ୍କର ନୀତି ଆଦର୍ଶ ଅସଂଖ୍ୟ ଜନସାଧାରଣଙ୍କୁ ଜାତୀୟତା ପ୍ରତି ଆକର୍ଷଣ ସୃଷ୍ଟି କରୁଥିଲା । ସେହିମାନଙ୍କଠାରୁ କାନ୍ତକବିଙ୍କୁ ଅଧିକରୁ ଅଧିକ ଉତ୍ତମ ଏବଂ ଶକ୍ତିଶାଳୀ କବିତା ଲେଖିବାକୁ ପ୍ରେରଣା ମିଳିଥିଲା । ଯାହାକି ସମାଜର ତୃଣମୂଳ ସ୍ତରରେ ପହଞ୍ଚିଥିଲା । ବାସ୍ତବରେ ସେ ତାଙ୍କ ସାହିତ୍ୟକୁ ଜନସାଧାରଣଙ୍କୁ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶରୁ ହଟାଇବାପାଇଁ ବ୍ୟବହାର କରିଥିଲେ । ଏହାହିଁ ହେଉଛି ତାଙ୍କର ସାହିତ୍ୟ ପ୍ରତି ଦୃଷ୍ଟିକୋଣ ଏବଂ ସେ ଏଥିରେ ସଫଳତା ହାସଲ କରିଥିଲେ । ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଆତ୍ମବିଶ୍ୱାସ ଯାଗାଇବା ଏହି କବିତା ଗୁଡିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଓଡ଼ିଆ ମାନଙ୍କର ହଜିଯାଇଥିବା ଖ୍ୟାତି ଏବଂ ପୁରାତନ ପରମ୍ପରାକୁ ଫେରିପାଇବା ତଥା ମାତୃଭୂମି ଏବଂ ମାତୃଭାଷା ପ୍ରତି ପ୍ରେମ ଓ ଭକ୍ତି ଜାଗ୍ରତ କରିବା ଏହି କବିତା ଗୁଡିକର ଅନ୍ୟ ଏକ ପ୍ରମୁଖ ଉଦ୍ଦେଶ୍ୟ ଥିଲା । ମାତୃଭୂମିର ସେବା କରିବା ପାଇଁ ଦୁଇଟି ମୁଖ୍ୟ ଅସ୍ତ୍ର ହେଉଛି ତ୍ୟାଗ ଏବଂ ସମର୍ପଣ ଭାବ । ଏହି କଥା ସେ ତାଙ୍କ ୧୧ ନମ୍ବର କବିତା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇଥିଲେ । ଏହି ସମୟରେ ଭଦ୍ରଖରେ କଂଗ୍ରେସ କମିଟିର ସଭା ହୋଇଥଲା ଯେଉଁଥିରେ ସାଧାରଣ ଜନତାଙ୍କ ସହିତ ଗଣମାନ୍ୟ ବ୍ୟକ୍ତିମାନେ ସେହି ସଭାରେ ଉପସ୍ଥିତ ଥିଲେ । ଏହି ସଭାରେ କାନ୍ତ କବିଙ୍କ ଦ୍ୱାରା ଲିଖିତ କବିତାଟି ପ୍ରାରମ୍ଭ ସଙ୍ଗୀତ ଭାବରେ ଆବୃତ୍ତି କରାଯାଇଥିଲା । ଏହି ହୃଦୟସ୍ପର୍ଶୀ କବିତାଟି ଉପସ୍ଥିତ ଶ୍ରୋତା ମଣ୍ଡଳୀଙ୍କ ମୋହିତ କରିଥିଲା ଏବଂ ଜାତୀୟତା ପ୍ରେମରେ ବାନ୍ଧି ଦେଇଥିଲା । ଶାନ୍ତ ଏବଂ ଗମ୍ଭୀର ସଭାଟି ହଠାତ ମନ୍ତ୍ରମୁଗ୍ଧ ହୋଇଉଠିଥିଲା । ପ୍ରସିଦ୍ଧ କଙ୍ଗ୍ରେସ ନେତା ଉତ୍କଳମଣି ଗୋପବନ୍ଧୁ ଦାସ ମଧ୍ୟ ସେହି ସଭାରେ ଉପସ୍ଥିତ ଥିଲେ । ସେ ଅନୁଗ୍ରହ ହୃଦୟର ସହ ମଞ୍ଚ ଉପରୁ ତଳକୁ ଓହ୍ଲାଇ ଆସିଥିଲେ ଏବଂ ଲକ୍ଷ୍ମୀକାନ୍ତଙ୍କୁ ପ୍ରଶଂଶା କରି କହିଲେ, ଏହା କେତେ ସୁନ୍ଦର କବିତାଟିଏ ରଚନା କରିଛ ଲକ୍ଷ୍ମୀକାନ୍ତ ! ଉତ୍କଳମଣିଙ୍କର ଏହି ପ୍ରଶଂଶାର ବାଣୀ ସେହି କବିତାର ଚୁମ୍ବକୀୟ ଆକର୍ଷଣକୁ ଉଜ୍ଜୀବିତ କରିଥିଲା । ଏହା ଦେଶପ୍ରେମ ଯାଗାଇବା ସହିତ ଅନେକଙ୍କ ହୃଦୟରେ ଉଦ୍ଦୀପନା ସୃଷ୍ଟି କଲା ଛ ମାତୃଭୂମି ପାଇଁ କିଛି କରିବାପାଇଁ ହୃଦୟରୁ ଆପେଆପେ ଦେଶପ୍ରେମ ଜାଗ୍ରତ ହେଲା । କାନ୍ତ କବିଙ୍କ ରଚନା ବଳି ୨ ଖଣ୍ଡରେ ରହିଛି । ଏଥିରେ ୩୩ ଟି ଦେଶପ୍ରେମ କବିତା ରହିଛ । ଏଥିରୁ ୨୬ଟି କବିତା ପ୍ରଥମ ଖଣ୍ଡରେ ରହିଛି । ଯାହା ଭିତରୁ ଦୁଇଟି କବିତା ଅତ୍ୟନ୍ତ ଜଣାଶୁଣା- ଗୋଟିଏ ହେଉଛି ବନ୍ଦେ ଉତ୍କଳ ଜନନୀ ଓ 'କେ କହିବ ଆଜି ଭାରତ, କେ କହିବ ତାକୁ ଦିନ ଆଜି' । ବାକି ୭ଟି କବିତା ଦ୍ୱିତୀୟ ଭାଗରେ ଅଛି ଏବଂ ସେଗୁଡିକ ହେଲା- ପ୍ରଳୟ ଦୁନ୍ଦୁଭି, ଉନ୍ମାଦ, ଆର୍ଯ୍ୟ ବାହିନୀ, ବିଜୟ ବନ, ଜାତୀୟ ପତାକା, ସମର ସଙ୍ଗୀତ । ସେ ତାଙ୍କର ଅସମ୍ପୂର୍ଣ୍ଣ ଉପନ୍ୟାସ କଣା ମାମୁଁ ଓ କ୍ଷୁଦ୍ରଗଳ୍ପ ବୁଢା ଶଙ୍ଖାରି ପାଇଁ ଓଡ଼ିଶାର ଘରେ ଘରେ ପରିଚିତ ଛତାଙ୍କ ରଚିତ ବନ୍ଦେ ଉତ୍କଳ ଜନନୀ ଉତ୍କଳ ସମ୍ମିଳନୀ ସଭାରେ ଗାନ କରାଯାଇଥିଲା ଓ ମଧୁସୂଦନ ଦାସ ଏହାର ଭୂୟସୀ ପ୍ରଶଂସା କରିଥିଲେ । ଏହି ଗୀତକୁ ୨୦୨୦ରେ ଓଡିଶାର ରାଜ୍ୟ ସଙ୍ଗୀତର ମାନ୍ୟତା ଦିଆଯାଇଥିଲା । ୧୯୫୩ ମସିହା ଫେବୃଆରୀ ୨୪ ତାରିଖ ଦିନ ଏହି ମହାନ ସାହିତ୍ୟକାର ପ୍ରାଣତ୍ୟାଗ କରିଥିଲେ ।ତାଙ୍କର ନିସ୍ୱାର୍ଥପର ଦେଶ ସେବା ଏବଂ ସାହିତ୍ୟର ସୃଷ୍ଟି କେବଳ ମାତ୍ର ମାତୃଭୂମିର ସମ୍ମାନକୁ ଏକ ଉଚ୍ଚ ଶିଖରରେ ପହଞ୍ଚାଇଥିଲା । ତାଙ୍କ ସାହିତ୍ୟ ସୃଷ୍ଟିର ଉଦ୍ଦେଶ୍ୟ କେବଳ ମାତ୍ର ଭାରତକୁ ସ୍ୱାଧୀନ କରିବାରେ ହିଁ ନିହିତ ଥିଲା । ଏହି ମହାନ କାର୍ଯ୍ୟ ପାଇଁ ସେ ଓଡିଶାବାସୀଙ୍କ ମନ ମସ୍ତିଷ୍କରେ ସର୍ବଦା ଉଜ୍ଜ୍ୱଳ ତାରକା ଭାବେ ରହିବେ ।



ସୁଜନପୁର , ଯାଜପୁର
ମୋ. ୯୩୪୮୭୬୮୮୧୨

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






ଆପଣ ମଧ୍ୟ ସାମାନ୍ୟ ଚେଷ୍ଟାରେ ନିଜ ଶରୀରକୁ ଖୁବ୍ ମନୋଲୋଭା କରିପାରିବେ । କେବଳ ମୁହଁଟି ସୁନ୍ଦର ହେଲେ ଯେ ଜଣେ ସୁନ୍ଦର ବା ସୁନ୍ଦରୀ ଭିତରେ ଗଣତି ହେବ ସେଭଳି ଯୁଗ ଆଉ ନାହିଁ । ଶରୀରର ଭାଗମାପ ସନ୍ତୁଳିତ ନ ରହିଲେ ଜଣେ ଆଜିକାଲି ସୁନ୍ଦର ପୁରୁଷ ବା ନାରୀ ତାଲିକାରୁ ବାଦ୍ ପଡ଼ିଯାଉଛି । ତା'ହେଲେ ନିଜ ଶରୀରକୁ ସଠିକ୍ ଭାଗମାପରେ ସଜାଡିବେ କେମିତି? ନିୟମିତ ଶରୀରଚର୍ଯ୍ୟା ସହିତ ଖାଦ୍ୟପେୟରେ ସଞ୍ଜମତା ଏବଂ ଖାଦ୍ୟପେୟର ଉପଯୁକ୍ତ ଚୟନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ । ତା'ହେଲେ ଆସନ୍ତୁ ଦେଖିବା ଏକ ସୁନ୍ଦର, ସୁଠାମ ଏବଂ ମନୋଲୋଭା ଶରୀର ପାଇଁ ଆମେ କେଉଁ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବା । ଶରୀରର ସୁସ୍ଥତା ପାଇଁ, ଶରୀରକୁ ଫିଟ୍ ରଖିବା ପାଇଁ ଖାଦ୍ୟରେ ସବୁ ପୋଷକତତ୍ତ୍ୱ ସାମିଲ ହେବା ଆବଶ୍ୟକ । ଉଚିତ୍ ପରିମାଣରେ ଉଚିତ୍ ପୋଷକତତ୍ତ୍ୱ ଶରୀରର ସୁସ୍ଥତା ପାଇଁ ଜରୁରୀ । ଉପଯୁକ୍ତ ପୋଷକତତ୍ତ୍ୱ ଶରୀରକୁ ସୁସ୍ଥ ରଖିବା ସହ ମାଂସପେଶୀକୁ ମଧ୍ୟ ସୁନ୍ଦର ଓ ସୁଠାମ କରେ । ତେଣୁ କେଉଁ ପୋଷକତତ୍ତ୍ୱ କେତେ ମାତ୍ରାରେ ଖାଦ୍ୟରେ ରହିବା ଆବଶ୍ୟକ ଏ କଥା ଜାଣିବା ଦରକାର ।

# ସନ୍ତୁଳିତ ଚେହେରାର ଚାବିକାଠି



### ମାଛ ତେଲ

ଏହା ଶରୀରର ମାଂସପେଶୀରେ ରକ୍ତପ୍ରବାହ କରାଏ । ମାଂସପେଶୀରେ ପ୍ରୋଟିନ୍ ବିଘଟନକୁ ମଧ୍ୟ କମ୍ କରେ । ମାଛ ତେଲରେ ଥିବା ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ମାଂସପେଶୀକୁ ମଜବୁତ୍ କରେ । ଏହା ଇନ୍ସୁଲିନ୍ ସମ୍ବେଦନଶୀଳତା ବଢାଇ ଡାଇବେଟିସ୍ ରୋକିବାରେ ସାହାଯ୍ୟ କରେ । ଆମେରିକାନ୍ ହାର୍ଟ ଆସୋସିଏସନ୍‌ର ସୂଚନା ଅନୁଯାୟୀ ପ୍ରତି ସପ୍ତାହରେ ସାଲମନ୍, ମେକେରଲ୍ ବା ସାର୍ଡିନ ମାଛ ୩.୫ ଆଉନ୍ସ ଖାଇବା ଦରକାର । ଯଦି ମାଛ ଖାଇନପାରିବେ ତା'ହେଲେ ୧୦୦୦-୩୦୦୦ ମିଲିଗ୍ରାମ୍ ଫିଶ ଅଏଲ୍ କ୍ୟାପସୁଲ ଖାଆନ୍ତୁ । ଯଦି ଆପଣ ସମ୍ପୂର୍ଣ୍ଣ ଶାକାହାରୀ ତେବେ ପେଶ୍ତା, ଅଖରୋଟ୍, ଭାଙ୍ଗ ମଞ୍ଜି ଖାଇପାରିବେ । ଏଥିରୁ ମଧ୍ୟ ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ମିଳିବ ।

### ଭିଟାମିନ୍ 'ସି'

ଅଧିକାଂଶ ଫଳ ଓ ପନିପରିବାରେ ଭିଟାମିନ୍ 'ସି' ମିଳେ । ଏହା ରକ୍ତ ଧମନୀ ପାଇଁ ଲାଭଜନକ । ଭିଟାମିନ୍ 'ସି' ଦ୍ୱାରା ମାଂସପେଶୀକୁ ଅମ୍ଳଜାନ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ମିଳିଥାଏ । ଏହା ମାଂସପେଶୀକୁ ଦୃଢ଼ କରି ଭିଟାମିନ୍ 'ସି'ରୁ କୋଲେଗନ୍ ତିଆରି ହୁଏ ଯାହା ଶରୀରର ହାଡ ଓ ମାଂସପେଶୀ ତିଆରି କରେ । ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥର ସୁପାରିଶ ଅନୁଯାୟୀ ପ୍ରତି ବ୍ୟକ୍ତି ପାଇଁ ଦୈନିକ ୭୫ ମିଲିଗ୍ରାମ ଭିଟାମିନ୍ 'ସି' ଆବଶ୍ୟକ । ଏହା ଗୋଟିଏ ମଧ୍ୟମ ଆକାରର କମଳା, ଲାଲ୍ କ୍ୟାପ୍‌ସିକମ୍‌ରୁ ଫାଳେ ବା କପେ ଷ୍ଟ୍ରବେରୀରୁ ମିଳିପାରିବ ।



### କ୍ୟାଲ୍‌ସିୟମ୍

ଏହା ଶରୀରର ହାଡ଼ ଓ ମାଂସପେଶୀକୁ ମଜଭୁତ କରେ । କ୍ୟାଲ୍‌ସିୟମ୍‌ର ଅଭାବରେ ଓଷ୍ଟିଓପୋରୋସିନ୍ ନାମକ ରୋଗ ଦେଖାଦିଏ ଯାହା ହାଡ଼ ଦୁର୍ବଳ ହୁଏ, ସାମାନ୍ୟ ଆଘାତରେ ଭାଙ୍ଗିଯାଏ । ଦୈନିକ ୧୨୦୦ ମିଲିଗ୍ରାମ୍ କ୍ୟାଲ୍‌ସିୟମ୍ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି । ଏହାକୁ ଆପଣ ଦୁଗ୍ଧ, ଦୁଗ୍ଧଜାତ ଖାଦ୍ୟ, ସବୁଜ ପନିପରିବା ଓ କ୍ୟାଲ୍‌ସିୟମ୍ ସପ୍ଲିମେଣ୍ଟରୁ ପାଇପାରିବେ । ଯଦି ଆପଣ କ୍ୟାଲ୍‌ସିୟମ୍ ଟାବଲେଟ୍ ଖାଉଛନ୍ତି ତେବେ ଭିଟାମିନ୍ ଡି' ଯୁକ୍ତ କାଲ୍‌ସିୟମ୍ ଟାବଲେଟ୍ ଖାଆନ୍ତୁ । ଭିଟାମିନ୍ ଡି' କ୍ୟାଲ୍‌ସିୟମ୍‌କୁ ହାଡ଼ ଦ୍ୱାରା ଶୋଷଣ କରାଇବ । ଆପଣ ଦୈନିକ ୫୦୦ରୁ ୬୦୦ ମିଲିଗ୍ରାମ କ୍ୟାଲ୍‌ସିୟମ୍ ଟାବଲେଟ୍ ଖାଇବା ଦରକାର ।

### ମ୍ୟାଗ୍ନେସିୟମ୍

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଅଧିକାଂଶ ମହିଳା ଆବଶ୍ୟକ ପରିମାଣର ମାଗ୍ନେସିୟମ୍ ଗ୍ରହଣ କରିନଥାନ୍ତି । ଏହାର ପରିଣାମ ହୋଇଥାଏ ରକା ପଶିବା ଏବଂ ମାଂସପେଶୀ ଯନ୍ତ୍ରଣା ହେବା । ମ୍ୟାଗ୍ନେସିୟମ୍ ମାଂସପେଶୀ ପାଇଁ ଖୁବ୍ ଜରୁରୀ । ପର୍ଯ୍ୟାନ୍ତ ପରିମାଣରେ ମ୍ୟାଗ୍ନେସିୟମ୍ ଓଜନ ଉଠାଇବା ବେଳେ ମାଂସପେଶୀରେ ସମସ୍ୟା ଆଣେ ନାହିଁ ।

ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥର ସୁପାରିସ ଅନୁଯାୟୀ ପ୍ରତିଦିନ ଜଣେ ସାଧାରଣ ବ୍ୟକ୍ତି ପାଇଁ ୩୧୦ ରୁ ୩୨୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ୍ ଦରକାର । ଯଦି ଆପଣ ଅଧିକ ଭାରି କାମ କରନ୍ତି ତା'ହେଲେ ୪୦୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ୍ ଆବଶ୍ୟକ ପ୍ରତିଦିନ । ପାଳଙ୍ଗ ଶାଗ, ବାଦାମ ଓ ଅଙ୍କୁରିତ ଶସ୍ୟର ପ୍ରଚୁର ପରିମାଣରେ ମ୍ୟାଗ୍ନେସିୟମ୍ ଥାଏ ।

### ଭିଟାମିନ୍ 'ବି'

ଭିଟାମିନ୍ ବି-୧, ବି-୨, ବି-୩ ଓ ବି-୧୨ର ସମୁହ ହେଉଛି ଭିଟାମିନ୍ ବି । ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଏଥିସହ ମାଂସପେଶୀକୁ ମଜବୁତ କରିବାରେ ମଧ୍ୟ ସହଯୋଗୀ । ଭିଟାମିନ୍ ବି' ପ୍ରୋଟିନ୍ ସଂଶ୍ଲେଷଣ ଓ ଶକ୍ତି ଉତ୍ପାଦନ ଠାରୁ ଆରମ୍ଭ କରି ସ୍ନାୟୁ ପ୍ରଣାଳୀକୁ ମଧ୍ୟ ମଜବୁତ କରେ ।

ଭିଟାମିନ୍ ବି'ର ସବୁ ତତ୍ତ୍ୱ ଶସ୍ୟ, ଅଣ୍ଡା, ମାଂସ, ବାଦାମ, ବାଦାମ ଜାତୀୟ ଖାଦ୍ୟ ଓ ସବୁଜ ପତ୍ର ଯୁକ୍ତ ପନିପରିବାରୁ ମିଳେ । କେବଳ ବି-୧୨ ଆମିଷରୁ ମିଳେ । ଶାକାହାରୀମାନେ ବି-୧୨ ପାଇଁ ସପ୍ଲିମେଣ୍ଟ ଖାଇବା ଆବଶ୍ୟକ । ଦୈନିକ ୨.୪ ମାଇକ୍ରୋ ଗ୍ରାମ୍ ବି-୧୨ ଥିବା ଟାବ୍‌ଲେଟ୍ ଖାଇପାରିବେ ।

### ଭିଟାମିନ୍ 'ଡି'

ଚିକିତ୍ସକମାନଙ୍କ ମତ ସୂର୍ଯ୍ୟ କିରଣ ହାଡ଼ ଓ ମାଂସପେଶୀ ପାଇଁ ଖୁବ୍ ଜରୁରୀ । କାରଣ ଏଥିରୁ ଭିଟାମିନ୍ ଡି' ପ୍ରଚୁର ପରିମାଣରେ ମିଳେ । ଭିଟାମିନ୍ ଡି' ରୋଗ ସହ ଲଢ଼ିବାର କ୍ଷମତା ବଢ଼ାଏ । ମାଂସପେଶୀଗୁଡିକର ସଙ୍କୋଚନ, ବିକାଶ ଓ କ୍ରିୟାଶୀଳତା ପାଇଁ ଭିଟାମିନ୍ ଡି' ଜରୁରୀ । ଜଣେ ସାଧାରଣ ବ୍ୟକ୍ତି ପାଇଁ ଭିଟାମିନ୍ ଡି'ର ୪୦୦୦ରୁ ୬୦୦୦ ଇଣ୍ଟରନ୍ୟାସନାଲ ୟୁନିଟ୍ ଆବଶ୍ୟକ । ଆପଣ ରକ୍ତରେ ଭିଟାମିନ୍-ଡି'ର ପରିମାଣ ପାଞ୍ଚ କରାଇ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ଖାଇବା ଉଚିତ୍ ।

### ଭିଟାମିନ୍ 'ଇ'

ଅଧିକ ପରିଶ୍ରମ ଦ୍ୱାରା କୋଷିକା



ନଷ୍ଟ ହୁଏ । ଭିଟାମିନ୍ 'ଇ'ର ଆଣ୍ଟି ଅକ୍ସିଡେଣ୍ଟ ଏହି କ୍ଷତି ଭରଣା କରେ । ଦୈନିକ ସକାଳେ ମୁଠାଏ ବାଦାମ ଖାଇଲେ ଶରୀରରେ ଭିଟାମିନ୍ 'ଇ'ର ଆବଶ୍ୟକତା ପୂରଣ ହୁଏ । ବାଦାମରୁ ଭିଟାମିନ୍ 'ଇ' ସହ ପ୍ରୋଟିନ୍, ଫ୍ୟାଟ୍ ଓ ଫାଇବର ମଧ୍ୟ ଉପଯୁକ୍ତ ମାତ୍ରାରେ ମିଳେ । ଦୈନିକ ୧୫ ମିଲିଗ୍ରାମ୍ ଭିଟାମିନ୍ 'ଇ' ମଧ୍ୟମ ଧରଣର ପରିଶ୍ରମ କରୁଥିବା ବ୍ୟକ୍ତି ପାଇଁ ଯଥେଷ୍ଟ ।



---

# ଖାଦ୍ୟ ନ ପାଲଟୁ ଫ୍ୟାସନ୍





ପ୍ରାଚୁର୍ଯ୍ୟ ଏବଂ ଆଧୁନିକତା ସହିତ ପାଦ ମିଳେଇ ଚାଲୁ ଚାଲୁ ଆମେ ବେଳେ ବେଳେ ଅସୁସ୍ଥ ହୋଇପଡୁଛେ । ଏହାର ଏକମାତ୍ର କାରଣ ହେଲା- ବେଶପୋଷାକ ଭଳି ଖାଦ୍ୟକୁ ମଧ୍ୟ ଆମେ ଅନୁକରଣ କରୁଛେ ଏବେ । ପାଶ୍ଚାତ୍ୟ ଖାଦ୍ୟର ପ୍ରେମରେ ଏବେ ଆମେ ସମସ୍ତେ ପଡ଼ିଗଲେଣି । ଫାଷ୍ଟଫୁଡ୍, ଡ୍ରାଏଫୁଡ୍, ପ୍ୟାକେଟ୍ ଫୁଡ୍ ଖାଇବାରେ ଆମେ ଖୁବ୍ ଅଭ୍ୟସ୍ତ ହୋଇପଡିଛେ । ଏହାଛଡ଼ା ଆମେ ସନ୍ତୁଳିତ ଖାଦ୍ୟ ମଧ୍ୟ ଖାଇନଥାଉ । ଯାହା ଖାଉ ତାହା ମଧ୍ୟ ଠିକ୍ ସମୟରେ ଖାଇ ନଥାଉ । ଏଇସବୁ କାରଣରୁ ଶରୀର ବେଳେ ବେଳେ ଅସୁସ୍ଥ ହୋଇପଡେ । ଆମ ଶରୀର ଯାହା ଚାହେଁ, ଶରୀରକୁ ସୁସ୍ଥ ରଖିବାକୁ ଯେଉଁ ସବୁ ଉପାଦାନ ଆବଶ୍ୟକ କରେ ତାହା ଠିକ୍ ଭାବରେ ଏବଂ ଠିକ୍ ସମୟରେ ପାଇନଥାଏ । ବଦଳରେ ସିଏ ଯାହା ଚାହେଁ ସେସବୁ ଅଧିକ ମାତ୍ରାରେ ପାଇଥାଏ ଆଉ ଏଥିପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ ।

ଆମେ ଭାବୁ କେବଳ ଭଲ ଭଲ ପୁଷ୍ଟିକର ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ । ତାହା ସବୁବେଳେ ଠିକ୍ ନୁହେଁ । ପାଖରେ ପଇସା ଅଛି ବୋଲି ମାଛ, ମାଂସ ଆଉ କ୍ଷୀର, ଘିଅରେ ଭାସିଲେ ଯେ ଶରୀର ସୁସ୍ଥ ରହିବ ଏ କଥା ଭୁଲ୍, ବରଂ ଏହା ଶରୀରକୁ ଅଧିକ ସମସ୍ୟା ପହଞ୍ଚାଇବ ।

ଅସନ୍ତୁଳିତ ଖାଦ୍ୟ ଖାଇବା ଫଳରେ ଖାଦ୍ୟ ରୁଚି ବଦଳିଯିବା ଦ୍ୱାରା ଆମେ ଆଜିକାଲି କେଉଁସବୁ ସମସ୍ୟାରେ ପଡୁଛେ ଆସନ୍ତୁ ଦେଖିବା-

ଦିନେ ଭାରତ ଭାରାକ୍ରାନ୍ତ ଥିଲା ବିଭିନ୍ନ ସଂକ୍ରାମକ ରୋଗରେ । ଏବେ କିନ୍ତୁ ଏ ସମସ୍ୟା କମିଲା ବେଳକୁ ଅନେକ ବଡ଼ଧରଣର ଶାରୀରିକ ସମସ୍ୟା ଆସି ପହଞ୍ଚିଯାଇଛି ।

**ମେଦବହୁଳତା :** ଡାୟାବିଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଏହାର ଏକମାତ୍ର କାରଣ ହେଲା ଅଧିକ ମୋଟା ହେବା । ଏସବୁ କାରଣରୁ ଭାରତର ଆର୍ଥିକ ମାନଦଣ୍ଡ ପରୋକ୍ଷରେ ନଷ୍ଟ ହେଉଛି । ଲଗାମଛଡ଼ା ଖାଦ୍ୟ ଗ୍ରହଣ ପାଇଁ ଏହା ହୋଇଥାଏ (ଅତ୍ୟଧିକ ମୋଟା ହେବା, ଶରୀରରେ ଚର୍ବି ଜମିବା) । ଶରୀର ଓଜନ ଅତ୍ୟଧିକ ବଢ଼ିଲେ ଏହା ହୃଦ୍‌ରୋଗକୁ ଆମନ୍ତ୍ରଣ କରିଥାଏ ।

**ରକ୍ତଚାପ :** ବିଶେଷଜ୍ଞମାନେ କହନ୍ତି, ସହରରେ ବାସ କରୁଥିବା ୮୦ ପ୍ରତିଶତ ଲୋକ ଖାଇବା ତେଲ ଅତ୍ୟଧିକ ପରିମାଣରେ ବ୍ୟବହାର କରିଥା'ନ୍ତି । ରକ୍ତଚାପର ଏହା ମଧ୍ୟ ଏକ ମୁଖ୍ୟ କାରଣ ।

ଭାରତରେ ୭୦ ପ୍ରତିଶତ ମଧୁମେହ ରୋଗୀ ଅତ୍ୟଧିକ ମୋଟା । ସେମାନଙ୍କ ଓଜନ ୯୦ରୁ ୧୦୦ କି.ଗ୍ରା. ପର୍ଯ୍ୟନ୍ତ ଏବଂ ତା'ଠାରୁ ମଧ୍ୟ ବେଶୀ ହୋଇଥାଏ । ମଧୁମେହ ରୋଗୀମାନେ କେବଳ ୬ ପ୍ରକାର ଖାଦ୍ୟ ଯେଉଁଟା ସେମାନଙ୍କ ପାଇଁ ନିର୍ଦ୍ଧାରିତ ତାହା ହିଁ ଜୀବନସାରା ଖାଇବା ଉଚିତ୍ ।

**ଆଥ୍ରାଇଟିସ୍** (ଆଣ୍ଠୁଗଣ୍ଠି ବାତ ଏବଂ ଯକୃତ ସମସ୍ୟା) । ଅତ୍ୟଧିକ ମୋଟା ହେବା ଏବଂ ଓଜନ ବଢ଼ିବା ଫଳରେ ଏହିସବୁ ସମସ୍ୟା ଦେଖାଦେଇଥାଏ । ବିଭିନ୍ନ ପ୍ରକାର ଅଖାଦ୍ୟକୁ ହଜମ କରେଇବାକୁ ଯାଇ ଯକୃତ ହାଲିଆ ହୋଇପଡ଼େ ।



### ୪ ପ୍ରକାର ଖାଦ୍ୟ

**ଫଳ ଓ ପନିପରିବା :** ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳ ଏବଂ ପନିପରିବା ଖାଆନ୍ତୁ । (ଖାଦ୍ୟର ଚାରି-ପାଞ୍ଚ ଭାଗ ଏହା ଖାଇବା ଉଚିତ୍ ) ।

**ଶର୍କରା ଜାତୀୟ ଖାଦ୍ୟ :** ଭାତ, ରୁଟି, ମିଠା ଆଳୁ, ପାଉଁରୁଟି ଡାୟାବିଟିସ୍ ନଥିଲେ ବେଶୀ ପରିମାଣରେ ଖାଆନ୍ତୁ ।

**ଦୁଗ୍ଧଜାତ ଖାଦ୍ୟ :** ଛେନା, ଦହି (ଏଥିରେ ଅଳ୍ପ ଚର୍ବିଥାଏ କ୍ଷୀର ଅପେକ୍ଷା ।

**ଆମିଷ :** ସନ୍ତୁଳିତ ପରିମାଣର ଅଣ୍ଡା, ଚିକେନ୍ ମାଂସ, ମଟନ ଏବଂ ମାଛ (ଅଳ୍ପ ପରିମାଣର ଖାଆନ୍ତୁ) ।

### ବର୍ଜନୀୟ ଖାଦ୍ୟ

ପୋଡ଼ା ତେଲରେ ଛଣାଯାଇଥିବା ଖାଦ୍ୟ ଖାଇବା ଫଳରେ ଧମନୀର ପଥରୋଧ ହେବାର ସମ୍ଭାବନା ଅଧିକ ହୋଇଯାଏ । ଏଇସବୁ ଉଚ୍ଚ କ୍ୟାଲୋରୀଯୁକ୍ତ ଖାଦ୍ୟ ବର୍ଜନ କରିବା ଉଚିତ୍ ।

ଘିଅ ଏବଂ ତେଲରେ ଛଣା ଯାଇଥିବା (ଡ୍ରାଏଫୁଡ୍)ଗୁଡ଼ିକରେ କୌଣସି ପୁଷ୍ଟିସାର ନଥାଏ । ୨୦୦ ଗ୍ରାମ୍ ଏହିପରି ଖାଦ୍ୟରେ ୬୦୦ କ୍ୟାଲୋରୀ ମଧ୍ୟରୁ ୨୮୦ କେବଳ ଚର୍ବି ଜାତୀୟ ଦ୍ରବ୍ୟ ଥାଏ । ଏଗୁଡ଼ିକ ଧମନୀକୁ ସଂକୁଚିତ କରିଥାଏ ।

**ଗୋଲାପ୍‌ଜାମ୍ :** ଏହି ମିଠାଟି ଭଲ ଭାବରେ ଛଣାଯାଇଥାଏ ଏବଂ ଶର୍କରାକୁ ଖୁବ୍ ଭଲ ଭାବରେ ଗ୍ରହଣ କରିଥାଏ । ଏହା ଶରୀର ପାଇଁ ଖୁବ୍ କ୍ଷତିକାରକ । ଏହା ଶରୀରକୁ ଅଧିକ ୩୨୦ କ୍ୟାଲୋରୀ ଯୋଗାଇଥାଏ ।

**ସିଙ୍ଗଡ଼ା :** ଘିଅ ଏବଂ ତେଲଛଣା ସିଙ୍ଗଡ଼ା ଆହୁରି କ୍ଷତି ପହଞ୍ଚାଇଥାଏ ଶରୀରକୁ । ଏଥିରେ ୪ଶହ କ୍ୟାଲୋରୀ ଥାଏ ।



**ବର୍ଗର :** ମଇଦା ପ୍ରସ୍ତୁତ ଏ ଖାଦ୍ୟଟି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ।

### ଆପଣ କ'ଣ ଖାଉଛନ୍ତି ଜାଣନ୍ତି ?

**ରୋଡ଼ାମିନ୍ ବି :**

କେଉଁଥିରୁ ମିଳେ- ଗୋଲାପଜାମ୍, ଜେଲି, ପେଷ୍ଟ୍ରି ।

ଏହାର ଅସଲ ବ୍ୟବହାର- ଅଏଲ୍ ପେଣ୍ଟିଂ ଏବଂ ରଙ୍ଗ କାରଖାନାରେ ବ୍ୟବହାର ଦେଖିବାକୁ ମିଳେ ।

ପରିଣତି- ଯକୃତ, କିଡନୀ ଏବଂ ସ୍ନାୟୁରୋଗ ।

**ନାଇଟ୍ରାଇଟ୍ ଜେଗ୍ :**

କେଉଁଥିରୁ ମିଳେ- କଷାମାଂସ, ମାଛ, ଚିଙ୍ଗୁଡ଼ି ମାଛ ।

ଏହାର ଅସଲ ବ୍ୟବହାର- ଟେକ୍ସଟାଇଲ୍ ମିଲ୍ ଏବଂ ରଙ୍ଗ କାରଖାନାରେ ଏ ରାସାୟନିକଟି ବ୍ୟବହୃତ ହୁଏ ।

ପରିଣତି - ପାକସ୍ଥଳୀରେ କ୍ୟାନ୍‌ସର ହୋଇପାରେ ।

**ମେଟାର୍ନିଲ୍ ୟେଲୋ :**

କେଉଁଥିରୁ ମିଳେ ଆମକୁ- ବିରିୟାନି, ବୁନ୍ଦିଆ, ଫଳରସ ।

ଏହାର ଅସଲ ବ୍ୟବହାର - ଟେକ୍ସଟାଇଲ୍ ଏବଂ ରଙ୍ଗ କାରଖାନାରେ ।

ପରିଣତି- ଯକୃତ ଏବଂ କିଡନୀ କ୍ୟାନ୍‌ସର ।

---



# ସତେଜ ମନ ମସ୍ତିଷ୍କ

ଛାତ୍ର ହୁଅନ୍ତୁ ବା ଘରୋଇ ମହିଳା କିମ୍ବା ବୟସ୍କ ବ୍ୟକ୍ତି । ସମସ୍ତଙ୍କ ମସ୍ତିଷ୍କ ସତେଜ ରହିବା ଆବଶ୍ୟକ । ଏଥିପାଇଁ ମସ୍ତିଷ୍କକୁ ସକ୍ରିୟ ରଖିବାକୁ ହେବ । ମସ୍ତିଷ୍କ ସକ୍ରିୟ ରହିଲେ ଏହାର ବିକାଶ ହେବ । ତେବେ ମସ୍ତିଷ୍କ ସକ୍ରିୟ ହୋଇପାରିବ କେମିତି? ଏହା ଖୁବ୍ ସରଳ । ପିଲାଟି ଦିନରୁ ମଧ୍ୟ ଆମକୁ ଏହା ଶିଖାଯାଇଥିଲା । ଶିକ୍ଷକମାନେ କହୁଥିଲେ ବାରମ୍ବାର ପଢ଼ ପାଠ ମନେ ରହିବ ।

ମସ୍ତିଷ୍କର ବ୍ୟବହାର ଅଧିକ ହେଲେ ଏହା ସକ୍ରିୟ ହେବ ଏବଂ ଏହାର ବିକାଶ ହେବ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ଜାଣନ୍ତି ନାହିଁ ମସ୍ତିଷ୍କର ବ୍ୟବହାର କେମିତି କରିବାକୁ ହୁଏ । ମସ୍ତିଷ୍କର ବିକାଶ କରିବା ଅର୍ଥ ହେଉଛି ନିଜର ସ୍ମରଣଶକ୍ତି ବଢ଼ାଇବା । କିନ୍ତୁ ନିଜର ସ୍ମରଣଶକ୍ତି ବଢ଼ାଇବା ପାଇଁ ଅଧିକ ଜିନିଷ ମନେ ରଖିବାକୁ ଚେଷ୍ଟା କଲେ ବିରକ୍ତ ଲାଗିବ । ଗଣିତର କଠିନ ପ୍ରଶ୍ନ ସବୁ ସମାଧାନ କରିବାକୁ ବସିଲେ ପାଠରୁ ମନ ଛାଡିଯିବ । ତେଣୁ ଏସବୁ କିଛି ନକରି ଅନ୍ୟ ସହଜ ରାସ୍ତା ଧରନ୍ତୁ । ଅବଶ୍ୟ ମନସ୍ତତ୍ତ୍ୱବିତ୍‌ମାନେ ମଧ୍ୟ ଠିକ୍ ଏଇ ପରାମର୍ଶ ଦେଇଛନ୍ତି ମସ୍ତିଷ୍କକୁ ସତେଜ ଏବଂ ସୁଦୃଢ଼ କରିବା ପାଇଁ ।

### ରୋଷେଇ କରନ୍ତୁ

ଯଦି ଆପଣ ମସ୍ତିଷ୍କକୁ ସତେଜ କରିବାକୁ ଚାହାନ୍ତି ତା'ହେଲେ କିଛି ରୋଷେଇ କରନ୍ତୁ । ହଁ ପୁଣି ଏହି ରୋଷେଇ କିଛି ନୂଆ ହୋଇଥିବା ଦରକାର । କିଛି ନୂଆ ରୋଷେଇ କଲେ ମନ ତାଜା ହୁଏ, ଏଥିସହ ମସ୍ତିଷ୍କ ମଧ୍ୟ । ମସ୍ତିଷ୍କକୁ ଏକ ଅନନ୍ୟ ଅନୁଭବ ମିଳେ ଯାହାଫଳରେ ଏହା ସଚେତ ହୋଇଯାଏ, ସବୁ ଇନ୍ଦ୍ରିୟ ଜାଗ୍ରତ ହୋଇଯାଆନ୍ତି । ବ୍ୟଞ୍ଜନର ମହକ, ସ୍ୱାଦ, ସ୍ପର୍ଶ ଓ ଚେହେରା ଏସବୁ ନୂଆ ଅନୁଭବ ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶକୁ ସକ୍ରିୟ କରିଦିଏ ।

### କିଛି ଖାଆନ୍ତୁ

ଆପଣ ତ ସବୁଦିନ ଖାଉଛନ୍ତି । କିନ୍ତୁ ଏବେ ଟିକେ ଅଲଗା ଢଙ୍ଗରେ ଖାଇବା ଆରମ୍ଭ କରନ୍ତୁ । ଯେତେବେଳେ କିଛି ଖାଉଛନ୍ତି ବା ପିଉଛନ୍ତି ପ୍ରଥମ ଥର ବା ପ୍ରଥମ ଢୋକ ନେବା ପରେ ମନକୁ ମନ ଏହା ଜାଣିବାକୁ ଚେଷ୍ଟା କରନ୍ତୁ ଏଥିରେ କ'ଣ କ'ଣ ମିଶିଛି । ବ୍ୟଞ୍ଜନର ମିଠାପଣ ଗୁଡ଼ରୁ ଆସିଛି, ଚିନିରୁ ଆସିଛି ନା ମହୁରୁ । ଯଦି ରାଗ ଲାଗୁଛି ତା'ହେଲେ ଲଙ୍କା ନା ଗୋଲମରିଚର ରାଗ । କେଉଁ ଡାଲିରେ ତିଆରି ହୋଇଛି । ଏଥିରେ ଥିବା ଖାସ୍ ମହକ କେଉଁଥିରୁ ଆସୁଛି? ଏସବୁ ଜାଣିବା ପାଇଁ ମସ୍ତିଷ୍କ ଚାଲିବନି ବରଂ ଦୌଡ଼ିବ । ପୁରୁଣା ଅନୁଭବକୁ ଘାଣ୍ଟିବ । ମନେ ପକାଇବାକୁ ଚେଷ୍ଟା କରିବ, ଅନୁମାନ କରିବ, ସ୍ୱାଦ, ମହକ ଏବଂ ଜିଭର ସ୍ପର୍ଶ ଜନିତ ଇନ୍ଦ୍ରିୟକୁ ସବୁପ୍ରକାର ବ୍ୟବହାର କରିବାକୁ ଚେଷ୍ଟା କରିବ ।

### ଖେଳନ୍ତୁ ଶବ୍ଦ ସହ

ମସ୍ତିଷ୍କର ବିକାଶ ପାଇଁ ବିଭିନ୍ନ ପଜଲ ସମାଧାନ କରିବା ବିଷୟରେ ଆପଣ ଜାଣନ୍ତି । କିନ୍ତୁ ଏବେ ଶବ୍ଦ ସହ କିଛି ନୂଆ କରନ୍ତୁ । ଯେକୌଣସି ଗୋଟିଏ ଶବ୍ଦକୁ ନିଅନ୍ତୁ ଏବଂ ଚିନ୍ତା କରନ୍ତୁ ଏହି ଶବ୍ଦ ସହ ଅନ୍ୟ କ'ଣ କ'ଣ ଶବ୍ଦ ସଂପର୍କିତ ହୋଇପାରିବ । ଯେମିତି ମାନବ ଶବ୍ଦରୁ ମାନବତା, ମାନବୀୟ, ଅତିମାନବୀୟ, ଅମାନବୀୟ, ମାନବେତର, ମାନବେନ୍ଦ୍ର... ଆହୁରି ଏମିତି ଅନେକ ଶବ୍ଦ । ଏହାଦ୍ୱାରା ମସ୍ତିଷ୍କ ସକ୍ରିୟ ହେବ । ମସ୍ତିଷ୍କର ଯେଉଁ ଅଂଶ ଭାଷା ସହ ସଂଯୁକ୍ତ ତାହା ସକ୍ରିୟ ହୋଇଯିବ । ମସ୍ତିଷ୍କର ଯେଉଁ ଅଂଶ ଚିତ୍ର ସହ ସମ୍ପର୍କିତ ସେଥିରେ ନୂଆ ନୂଆ ଚିତ୍ର ସୃଷ୍ଟି ହେବ । ବିଭିନ୍ନ ଶବ୍ଦକୁ ଯୋଡ଼ିବାର କ୍ଷମତା ବଢ଼ିବ ।

### ନକ୍ସା ବା ସୂଚୀ ବନାନ୍ତୁ

ଯେ କୌଣସି ସ୍ଥାନ ବା ଘଟଣାବଳୀର ନକ୍ସା ବା ସୂଚୀ ତିଆରି କରନ୍ତୁ । କିନ୍ତୁ କାଗଜରେ ନୁହେଁ ମନରେ । କୌଣସି ନୂଆ ଜାଗାକୁ ଯାଇଥିଲେ ହୋଟେଲକୁ ବା ସମ୍ପର୍କୀୟଙ୍କ ଘରକୁ ଫେରିବା ପରେ କେଉଁ କେଉଁ ରାସ୍ତା ଦେଇ ଯାଇଥିଲେ, ସେଠି କେମିତି ପହଞ୍ଚିଲେ, କେମିତି ଫେରିଲେ, କ'ଣ କ'ଣ ଦେଖିଲେ, କାହାକୁ ଭେଟିଲେ, ରାସ୍ତାରେ କ'ଣ କ'ଣ ଦୋକାନ ଥିଲା ଏସବୁ କ୍ରମାନ୍ୱୟରେ ମନେ ପକାନ୍ତୁ । ସକାଳୁ ରାତି ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟର ସୂଚୀ ମନରେ ପ୍ରସ୍ତୁତ କରନ୍ତୁ । ଏହାଦ୍ୱାରା ଆମ ମସ୍ତିଷ୍କର ବ୍ୟାୟାମ ହୋଇଯିବ । ସ୍ମରଣଶକ୍ତିକୁ କାମରେ ଲଗାଇବାର କ୍ଷମତା ଏବଂ ସଚେତନତା ବଢ଼ିବ ।



### କିଛି ପଢ଼ନ୍ତୁ

ଏମିତି ଅନେକ ବିଷୟ ଅଛି ସେ ବିଷୟରେ ଜାଣିବାକୁ ଆମର ଆଗ୍ରହ ନଥାଏ । ଆମେ ଖବରକାଗଜ କିମ୍ବା ପତ୍ରପତ୍ରିକା ପଢ଼ିବା ସମୟରେ ଏସବୁ ଅଂଶକୁ ଏଡାଇ ଯାଉ । କିନ୍ତୁ ଏବେ ସେଗୁଡ଼ିକୁ ପଢ଼ନ୍ତୁ । ଆପଣଙ୍କର ପସନ୍ଦର ବିଷୟ ନହେଲେ ମଧ୍ୟ ଏଗୁଡ଼ିକ ଜାଣିବାକୁ ଚେଷ୍ଟା କରନ୍ତୁ । ଯେଉଁ ବିଷୟ ଆପଣଙ୍କ ପସନ୍ଦ ତାହାକୁ ଦୃତ ବେଗରେ ପଢ଼ିବାକୁ ଚେଷ୍ଟା କରନ୍ତୁ । ନିଜ ପ୍ରିୟ ବିଷୟରୁ ଅଲଗା କିଛି ପଢ଼ିଲେ ମସ୍ତିଷ୍କ ପାଇଁ ନୂଆ ଅନୁଭବ ହେବ । ତେଣୁ ଏହା ସତର୍କ ଭାବରେ ପଢ଼ିବ । ଦୃଢ଼ଗତିରେ ପଢ଼ିଲେ ସବୁକିଛିକୁ ଶୀଘ୍ର ଶୀଘ୍ର ବୁଝିନେବାକୁ ମସ୍ତିଷ୍କ ଚେଷ୍ଟା କରିବ । ଆଖି ଏବଂ ମସ୍ତିଷ୍କ ମଧ୍ୟରେ ତାଳମେଳ ମଧ୍ୟ ବଢ଼ିବ ।

# ସୁକିନ୍ଦାରେ ବିଜେଡିର ପତନ : ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେପିରେ

**କଳିଙ୍ଗନଗର, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦା-ଦାନଗଦି ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଦ୍ରୁତଗତିରେ ଆଗେଇ ଚାଲିଛି । ରାସ୍ତା ଘାଟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରାଧାନ୍ୟ ଲୋକସେବା ପ୍ରକଳ୍ପର ତୀବ୍ର ଗତିରେ ଆଗକୁ ଆଗ ବଢିବାରୁ ସ୍ଥାନୀୟ ବିରୋଧୀ ନେତାମାନଙ୍କୁ ଟୁଟୁଙ୍କ ଆହୁରି ଅନୁପ୍ରାଣିତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣ ମୂଳକ ଦୃଷ୍ଟିକୋଣ ଏବଂ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ନେତୃତ୍ୱ ବିଜେପି ପ୍ରତି ଆମକୁ ଆକର୍ଷିତ କରୁଥିବା ବିଜେପି ରେ ମିଶୁଥିବା ବହୁ କର୍ମୀ ଓ ନେତାମାନେ । ବିଜେଡି ର ବହୁ ନେତା କର୍ମୀ ଟୁଟୁଙ୍କ ଦୃଢ଼ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସୁକିନ୍ଦା ମଞ୍ଚରେ ଆୟୋଜିତ ମହାମିଶ୍ରଣ ପର୍ବରେ ଆଜି ଦାନଗଦି ବ୍ଲକର ପୂର୍ବତନ ବିଜେଡି ସଭାପତି ସହ ୪୦୦ରୁ ଅଧିକ କର୍ମୀ ଓ ଆଗଧାଡିର ସଂଗଠକମାନେ ବିଜେପିରେ ସାମିଲ ହେବାରେ ସୁକିନ୍ଦା ରାଜନୀତିକୁ ନୂଆ ସମୀକରଣ ସୃଷ୍ଟି କରିଛି । ଏହି ଐତିହାସିକ ବିଜେପି ରେ ଯୋଗଦାନରେ ରାଣୀପଡ଼ା ପଞ୍ଚାୟତର ପ୍ରଭାବଶାଳୀ ସଂଗଠକ



-ବିଜେଡି ପୂର୍ବତନ ବ୍ଲକ ସଭାପତି ସୁରେଶ କୁମାର ଦାଶ, ରାଜକିଶୋର ପ୍ରଧାନ, ଜଗବନ୍ଧୁ ବେହେରା, ଅରୁଣ ପଲେଇ, ଜଗନ୍ନାଥ ବାରିକ, ପୂର୍ଣ୍ଣଚନ୍ଦ୍ର ଯେନା, ସରୋଜ ପାତ୍ର, ପ୍ରଦୀପ ପତି, ରଞ୍ଜନ ମିଶ୍ର, ରଜତ ନନ୍ଦ, ସଞ୍ଜୟ ପାତ୍ର, ସୁବାସ ପାତ୍ର, ସୁଦାମ ପାତ୍ର, ଜୟରାମ ସେଠି ଓ ଅନ୍ୟାନ୍ୟ ଆଗଧାଡିର କର୍ମୀମାନେ ନିଜ ଦଳ ପରିବର୍ତ୍ତନ କରି ବିଜେପି ଟୁଟୁଙ୍କ କ୍ୟାମ୍ପରେ ପ୍ରବେଶ କଲେ । ଏବେ ସୁକିନ୍ଦା ରାଜନୀତିରେ ବହୁ ପରିବର୍ତନ ଦେଖିବାକୁ ମିଳୁଲାଣି । ବହୁ ବିଜେଡି କର୍ମୀ ପୂର୍ବତନ ସୁକିନ୍ଦା ବିଧାୟକ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ନେତୃତ୍ୱ ପ୍ରତି ଅସନ୍ତୋଷ ପାଇବାରେ ଲାଗିଲାଣି । ସାଧାରଣ ନିର୍ବାଚନ ପରେ ବହୁ ପଞ୍ଚାୟତରେ ସୁକିନ୍ଦା ବିଧାୟକ ପ୍ରଦୀପ ବଳ ସାମନ୍ତ ମାନ୍ୟବର ମନ୍ତ୍ରୀ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନଶିଳ୍ପ ବିଭାଗ ଓଡିଶା ସରକାର ଦୃଢ଼ ନେତୃତ୍ୱ, ସାଧାରଣ ଲୋକଙ୍କ ସହିତ ମିଶିବା ତତ୍କାଳ ଲୋକଙ୍କ ସମସ୍ୟା ଦୂର କରିବା କଳା ସାଧାରଣ ଲୋକଙ୍କୁ ବେଶ ଆକୃଷ୍ଟ କରିଛି । ବିଜେଡି ଖଳା ଖାଲି ବିଜେପି ଖଳା ପୁରୁଛି । ସୁକିନ୍ଦାରେ ଶକ୍ତି ସମୀକରଣ ହେଉଛି ବଡ଼ ପରିବର୍ତ୍ତନ । ସୁକିନ୍ଦାର ସମସ୍ତ ପଞ୍ଚାୟତରେ ବିଜେଡିର ଆଗଧାଡିର ବହୁ ନେତା-କର୍ମୀ ଟୁଟୁ ବଳଙ୍କ ନେତୃତ୍ୱକୁ ଭରସା କରି ଦିନକୁ ଦିନ ବିଜେପି କ୍ୟାମ୍ପରେ ଯୋଗୁଛନ୍ତି । ଏପଟେ ବିଜେଡିରେ ନୂଆ ନେତୃତ୍ୱ ଡ୍ୟାନିଙ୍କୁ ନେଇ ଅସନ୍ତୋଷ ଓ ଦଳୀୟ ବିଭ୍ରାଟ ଗାଢ଼ ହେବାରୁ ଅନେକ ପୁରୁଣା କର୍ମୀ ଦଳ ଛାଡ଼ିବାକୁ ବାଧ ହେଉଛନ୍ତି । ସୁକିନ୍ଦାରେ ବିଜେପି ସଘଂଟନ ଏବେ ଏକପାଖିଆ ହେଉଛି! ସୁକିନ୍ଦାରେ ପଞ୍ଚାୟତ ସ୍ତରରେ ଆଲୋଚନା ଚାଲିଛି । ଏବେ ସୁକିନ୍ଦା ବିଜେପିରେ ସଙ୍ଘଟନ ଭାବେ ବିଜେପିରେ ନୂଆ ଉତ୍ସାହ ଦେଖା ଦେଇଛି । ଟୁଟୁ ବଳଙ୍କ ନେତୃତ୍ୱରେ ପର୍ଯ୍ୟାୟକ୍ରମେ ବିକାଶ ଅଞ୍ଚଳର ଦ୍ରୁତ ବିକାଶ ପାଇଁ ହେଉଥିବା ପ୍ରତିଦିନ ବିରୋଧୀ ଯୋଗଦାନ ପରେ ସୁକିନ୍ଦା ବିଜେପି ଏବେ ଗ୍ରାମସ୍ତରରେ ସବୁଠୁ ଶକ୍ତିଶାଳୀ ଦଳ ଭାବରେ ଉଭା ହୋଇପଡିଛି । ବିଜେଡିରେ ଗଭୀର ସଙ୍କଟ – ଡ୍ୟାନିଙ୍କୁ ନେଇ ଅସନ୍ତୋଷ ବଢୁଛି । ସୁକିନ୍ଦାର ପ୍ରାୟ ସମସ୍ତ ପଞ୍ଚାୟତରେ ବିଜେଡିର ପୁରୁଣା ଓ ଆଗଧାଡିର ନେତାମାନେ ଡ୍ୟାନିଙ୍କ ନେତୃତ୍ୱକୁ ଭରସା କରି ନପାରୁଥିବା ଖୋଲାମଖୋଲି ଦେଖାଯାଉଛି । ଏବେ ବିଜେଡି ରେ ଗୋଷ୍ଠୀବିବାଦ, ଦଳ ଭିତରେ ଏକତା ଭଙ୍ଗ, ଅନ୍ତର୍ଦ୍ୱନ୍ଦ୍ୱ, ଓ କର୍ମୀମାନଙ୍କୁ ଅବହେଳା କରାଯାଇବାରେ ବିଜେଡି ଦିନକୁ ଦିନ ଦୁର୍ବଳ ହେଇପଡୁଛି । ଏହି ଅସନ୍ତୋଷ ହିଁ ବିଜେପିକୁ ଶକ୍ତିଶାଳୀ କରୁଛି । ବିଜେଡି ଛାଡ଼ି ନେତା ଓ କର୍ମୀମାନେ ଘନଘନ ଭାବରେ ବିଜେପିକୁ ଯୋଗ ଦେଉଛନ୍ତି । ସୁକିନ୍ଦା ରେ ଦିନକୁ ଦିନ ଟୁଟୁଙ୍କ ପ୍ରତି ଯୁବ ଓ ପ୍ରାକ୍ତନ କର୍ମୀମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ କେନ୍ଦ୍ର ପାଲଟିଛନ୍ତି ।

## ଡ. ପ୍ରିୟରଞ୍ଜନ ସାମଲଙ୍କ ସ୍ମୃତିଚାରଣ ସଭା

**କଟକ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଚର୍ମରୋଗ ଓ ଦାନ୍ତ ବିଶେଷଜ୍ଞ ଡା. ପ୍ରିୟରଞ୍ଜନ ସାମଲଙ୍କର ଗତ ନଭେମ୍ବର ୨୬ ତାରିଖ ରାତ୍ରରେ ଅକସ୍ମାତ ତାଙ୍କର ମୃତ୍ୟୁ ହୋଇଥିବାରୁ ଗତକାଲି ଦ୍ୱାଦାହ କାର୍ଯ୍ୟକ୍ରମରେ ସ୍ମୃତିଚାରଣ ସଭା ସମାଜସେବୀ ଅନିରୁଦ୍ଧ ମଲ୍ଲିକଙ୍କ ଅଧକ୍ଷତାରେ ତାଙ୍କ ବଙ୍ଗାଳିସାହି (କଟକ) ବାସଭବନରେ ଅନୁଷ୍ଠିତ ହୋଇଥିଲା । ସଭାରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଦେବସ୍ମାନ ଦାସ, ଆଇନଜୀବୀ ଓ ରାଜନେତା ବିଶ୍ୱନାଥ ମହାନ୍ତି, ଓଡ଼ିଶା ସେରିଫେଡର ଅଧକ୍ଷ ଭାଗୀରଥି ନନ୍ଦ, ଓଡ଼ିଶା ତାଳଗୁଡ଼ ସମବାୟ ମହାସଂଘର ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଓଡ଼ିଶା ରାଜ୍ୟ ସମବାୟ ସମିତି ସମ୍ପାଦକ ମହାସଂଘର ସଭାପତି ରଞ୍ଜନ ମଙ୍ଗରାଜ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନାୟକ, ଦୁଷ୍ମନ୍ତ କୁମାର ମହାପାତ୍ର, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପ୍ରଧାନ, ରାଉରକେଲା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ନିର୍ଦ୍ଦେଶକ ସୁଦର୍ଶନ ମିଶ୍ର, ପୁରୀ ଜିଲ୍ଲା ଦୁଗ୍ଧ ସମବାୟ ସମିତି ସଂଘର ସଭାପତି ଦିଲୀପ



କୁମାର ଦାସ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ବରିଷ୍ଠ ପରିଚାଳକ ଐଶ୍ୱର୍ଯ୍ୟ ମହାନ୍ତି, ସେରିଫେଡ୍‌ର ପରିଚାଳକ ପି.କେ. ପଟ୍ଟନାୟକ, ମାର୍କେଫେଡର ସତ୍ୟଜିତ ଦାଶ, ସାନଭାଇ ଇଂଜିନିୟର ଦିବ୍ୟ ରଞ୍ଜନ ସାମଲ, ସାନଭଉଣୀ ଡାକ୍ତର ଐଶ୍ୱର୍ଯ୍ୟା ସୈଶିନି ସାମଲ, ତାପସ କୁମାର ବୀରାଟ, ଅସିମାନନ୍ଦ ମହାନ୍ତି, ଗଣେଶ ଚନ୍ଦ୍ର ସାହୁ, ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଭାକର ବାରିକ, ନୀଳମଣି ସାମଲ, ରମାକାନ୍ତ ଚୌଧୁରୀ, ଅଶୋକ ରାଉତ, ଡା. ସିଦ୍ଧାର୍ଥ, ଡାକ୍ତର ନାଥ, ଡା. ସମ୍ବିତ, ଡା. ସମ୍ବିତ, ଡାକ୍ତର ପ୍ରିତମ, ଡା. ଗୋପୀ, ଡାକ୍ତର ସତୀଶ, ସୂର୍ଯ୍ୟମଣୀ ସାହୁ, ସମବାୟ ସମୀକ୍ଷକ ବିଭୁ ରଞ୍ଜନ ପାଢ଼ୀ, ଓଡ଼ିଶା ରାଜ୍ୟ ଅର୍ଥ ସେବାର ବରିଷ୍ଠ ପ୍ରଶାସନିକ ଅଧିକାରୀ ସାନ୍ତନୁ କୁମାର ନାୟକ, ପ୍ରାକ୍ତନ ସମବାୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଅମୀୟ କୁମାର ଜେନା, ପ୍ରାକ୍ତନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଭାରତୀୟ ପ୍ରଶାସନିକ ଅଧିକାରୀ ବେଣୁଧର ମିଶ୍ର, ଭାରତୀୟ ଜନତା ପାର୍ଟିର ହିତେଶ କୁମାର ମହାପାତ୍ର, ଭାଗ୍ୟଧର ବ୍ରହ୍ମା, କଟକ ଅର୍ବାନ ବ୍ୟାଙ୍କର ବରିଷ୍ଠ ପରିଚାଳକ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ସମାବୟ ସମିତି କର୍ମଚାରୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ସ୍ୱର୍ଗତ ଡାକ୍ତର ପେଶାରେ ଜଣେ ଦନ୍ତଝରୋଗ ଓ ଚର୍ମରୋଗର ବିଶେଷଜ୍ଞ ଥିଲେ ମଧ୍ୟ ସମାଜସେବାରେ ଭାଗନେଇ ପ୍ରତି ସପ୍ତାହରେ ଗରିବ ରୋଗୀମାନଙ୍କୁ ରକ୍ତଦାନ କରୁଥିଲେ । ଓଡ଼ିଶାର ବିଭିନ୍ନ ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ କାର୍ଯ୍ୟ କରି ସୁନାମ ଅର୍ଜନ କରିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ହୃଦୟରେ ସ୍ଥାନ ପାଇପାରିଥିଲେ। ତାଙ୍କ ମୃତ୍ୟୁରେ ଅଢ଼େଇ ବର୍ଷର ପୁଅ, ସ୍ତ୍ରୀ, ବାପା ବୋଉ, ସାନଭାଇ, ସାନଭଉଣୀଙ୍କୁ ଦୁଃସମୟରେ ପ୍ରଭୁ ଜଗନ୍ନାଥ କୃପା କରିବା ପାଇଁ ସମସ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଡାକ୍ତର ସାମଲଙ୍କର ୩୫ ବର୍ଷ ବୟସରେ ମୃତ୍ୟୁ ସମାଜରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଥିବାର ଶିଶୁପୁତ୍ରଙ୍କୁ ପ୍ରଭୁ ଜଗନ୍ନାଥ ସହାୟ ହୋଇ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ବାପାଙ୍କର ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ମତପ୍ରକାଶ ପାଇଥିଲା । ଶେଷରେ ପ୍ରସାଦ ସେବନ ସହ ସଭାସାଙ୍ଗ ହୋଇଥିଲା ।

## ସୁରେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋର, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ବ୍ଲକ ନଦୀଗାଁ ପଞ୍ଚାୟତ ବାଇନଣ୍ଡାମଙ୍ଗରାଜପୁର ସ୍ଥିତ ସୁରେନ୍ଦ୍ରନାଥ ଓ ବାଇନଣ୍ଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୪ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ଲକ୍ଷ୍ମୀଧର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାମୋଦର ଦାଶ ମାହାପାତ୍ର,ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ପୃଷ୍ଟି, ବଳରାମ ସ, ବିଜୟ କୁମାର କର, ସୁରେନ୍ଦ୍ର କବି, ବାସନ୍ତି ସ୍ୱାଇଁ,ସୁକାନ୍ତି ନାୟକ, ପ୍ରଫୁଲ୍ଲ ପାଣିଗ୍ରାହୀ,ଜଗବନ୍ଧୁ ବାରିକ ଓ ବୃନ୍ଦାବନ ସେଣ ଯୋଗ ଦେଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେଛ ଏହି ଅବସରରେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର କୈବଲ୍ୟ ପତ୍ରିକା ଉନ୍ମୋଚିତ କରାଯାଇଥିଲାଛ ଶିକ୍ଷକ ମନୋରଞ୍ଜନ ସାହୁ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ରଘୁନାଥ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରିଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରାତନ ଛାତ୍ରମାନଙ୍କରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ କରାଯାଇ ମାନପତ୍ର ଉପଢୌକନ ପ୍ରଦାନ କରାଯିବା ସହିତ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ପ୍ରସ୍ତାବ ଗୃହିତ କରାଯାଇଥିଲାଛ ଶେଷରେ ପ୍ରାକ୍ତନ ପ୍ରଧାନଶିକ୍ଷକ ବଟକୃଷ୍ଣ କବିଙ୍କୁ ଅବସରକାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା । ଶ୍ରୀ କବି କେବଳ ଜଣେ ଶିକ୍ଷକ ନଥିଲେ ସେ ଥିଲେ ଅନୁଷ୍ଠାନ ପ୍ରେମୀ, ଦୀର୍ଘ ୩୩ ବର୍ଷ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ସୁଚାରୁରୂପେ ଚଲାଇ ଗତ ନଭେମ୍ବର ମାସ ୩୦ ତାରିଖରେ ଅବସର ନେଇଥିଲାବେଳେ ଆଜି ବିଦାୟ କାଳୀନ ସଭାର ଆୟୋଜନ କରାଯାଇଥିଲା, ଏହି ଉତ୍ସବରେ ରଘୁନାଥ ମହାନ୍ତି, ପିତାମ୍ବର ବାରିକ, ଶେଖ କେଫା ଓ ଶୁଶନ୍ତ କୁମାର ପୃଷ୍ଟି, ଶୁଭଲକ୍ଷ୍ମୀ ପଣ୍ଡା,ସପନ କୁମାର ପାଣିଗ୍ରାହୀ, ଭାବଗ୍ରାହୀ ବାରିକ, ମୁରଲୀଧର ଓଝା ଓ ସମ୍ଭୁନାତ ବାରିକ ପରିଚାଳନା କରିଥିବା ବେଳେ ପୁରାତନ ଛାତ୍ର ଅକ୍ଷୟ କୁମାର ଜେନା,ପ୍ରମିଳା ପଣ୍ଡା, ଗୌରୀ ପଣ୍ଡା,ସଂଗ୍ରାମ ପ୍ରଧାନ,କୁଶାସନ ସାହୁ, ଦେବେନ୍ଦ୍ର ସାହୁ, ଉମାକାନ୍ତ ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଦାସ ମହେଶ୍ୱର ସାହୁ, ରଜନୀ ରାଉତ, ସାବିତ୍ରୀ ମହାକୁଡ଼, ସୁମତି ସେଠୀ ଓ ମୁକ୍ତିକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା

**କୋଣାର୍କ, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରସ୍ୱତୀ ଶିଶୁ ମନ୍ଦିର, କୋଣାର୍କର ୧୭ତମ ବାର୍ଷିକ କ୍ରୀଡା ରବିବାର ପୂର୍ବାହ୍ନରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଉଦଘାଟିତ ହୋଇଯାଇ ଅଛି । ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସପ୍ତଦଶ ସାମ୍ବତ୍ସରିକ କ୍ରୀଡା ଉତ୍ସବର ପ୍ରଥମ ଦିନରେ ଆନୁଷ୍ଠାନିକ ଭାବେ ମୁଖ୍ୟ ଅତିଥି ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସମାଜସେବୀ ନିଲମ କୁମାର ପରିଡ଼ା ଯୋଗ ଦେଇଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା ସମିତିର ସମ୍ପାଦକ ପ୍ରଦୀପ କୁମାର ପାତ୍ର, ଶିକ୍ଷାବିତ୍ ସୁରଜିତ କୁମାର ସେନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଶିଶୁର ବିକାଶ ପାଇଁ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଦୁଇଦିନିଆ ଏହି କ୍ରୀଡାରେ କୋଣାର୍କ ସୁରକ୍ଷା ସମିତିର ଆବାହକ ଭାଗିରଥି ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ମେଘନାଦ ସ୍ୱାଇନ ମଞ୍ଚ ସଂଯୋଜନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦୁଇଦିନ ଧରି ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବା ଡିଆଁ ଆଦି ବିଭିନ୍ନ ପ୍ରକାର କ୍ରୀଡାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା । ଅନୁଷ୍ଠିତ ଏହି କ୍ରୀଡା ଉତ୍ସବରେ ସୁଶ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଗୁରୁମା,ଗୁରୁଜୀ ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ ।

## କଂଗ୍ରେସ ଓ ବିଜେଡି ନେତା ବିଜେପିରେ

**କେନ୍ଦ୍ରାପଡ଼ା, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ନୂଆ ବସ୍‌ଷ୍ଟାଣ୍ଡ ଠାରେ ଶୁକ୍ରବାର ତୁଳସୀ ବଜାର କମିଟି ଆନୁକୂଲ୍ୟରେ କେନ୍ଦ୍ରାପଡା ନଗର ବିଜେପି ତରଫରୁ ମିଶ୍ରଣ ପର୍ବ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହାଡିବନ୍ଧୁ ସିଂ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତ୍ରୀ ଗିତାଞ୍ଜଳୀ ସେଠୀ ଯୋଗ ଦେଇ କେନ୍ଦ୍ରାପଡା ନଗର ବିଜେପିର ସଂଗଠନ ସୁଦୃଢ କରିବା ସହିତ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସେହିପର ମୁଖ୍ୟବକ୍ତା ଭାବେ କିଶୋର ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଉପିନ କୁମାର ରାଉତ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶରେ ଚାଲିବାକୁ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ହାତମୁଠାକୁ ଟାଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ସହରର ବହୁ କଂଗ୍ରେସ ଓ ବିଜେଡି ନେତା ବିଜେପିରେ ଯୋଗଦାନ କରିଥିଲେ । ପୂର୍ବତନ କଂଗ୍ରେସ କାଉନ୍‌ସିଲର ରମାନାଥ ରାଉତ, ରମେଶ ପଣ୍ଡା, ବିଜେଡିର ବରିଷ୍ଠ ନେତା ଶଶିକାନ୍ତ ପାତ୍ର, ସରୋଜକାନ୍ତ ସ୍ୱାଇଁ, ବିଜୟ କୁମାର ନାୟକ, ଭୀମସେନ ସାହୁ, ଗୁରୁଚରଣ ବାରିକ, ମଥୁରାନନ୍ଦ ଦାସ, ଗୌରାଙ୍ଗ ଦାସ, ବାଇଧର ମାନସିଂ, ମନୋଜ କୁମାର ମିଶ୍ର,ସୁଜିତ୍ କୁମାର ରାଉତ, ଅମିୟ ରଞ୍ଜନ ସାହୁ, ଏବଂ ଚଳଚିତ୍ର ପ୍ରଯୋଜକ ରବିନ୍ଦ୍ର ମୋହନ ସାହୁଙ୍କ ନାତି ରନ୍ ପ୍ରସାଦ ସାହୁଙ୍କ ସମେତ ସର୍ବାଧିକ ନେତା ଓ ସମାଜସେବୀ ବିଜେପିରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେପି ନେତା ନୃସିଂହ ପତ୍ରୀ, ନିହାରୀକା ନାୟକ, ପ୍ରତାପ ଚନ୍ଦ୍ର ଦାସ, ଅଶୋକ କୁମାର ଲେଙ୍କା, ପ୍ରଭାତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସଞ୍ଜୟ ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ବ୍ରହ୍ମପୁରରେ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ଓ ପ୍ରେସ୍ କ୍ଲବ୍ ବ୍ରହ୍ମପୁରର ମିଳିତ ସହଯୋଗରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ଆଲୋଚନା ରବିବାର ଆୟୋଜନ କରାଯାଇଥିଲାଛ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ପ୍ରେସ୍ କ୍ଲବର ୧୫୦ରୁ ଅଧିକ ସଦସ୍ୟ ଭାଗ ନେଇଥିଲେ । ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ସ୍ୱାସ୍ଥ୍ୟ ଶିବିରକୁ ବ୍ରହ୍ମପୁର ଏସ୍‌ପି ଡାକ୍ତର ସରଭଣା ବିବେକ ଏମ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦଘାଟଣ କରିଥିଲେ । ଏହି ଅବସରରେ ମଣିପାଲ ହସ୍ପିଟାଲ ପକ୍ଷରୁ ସମସ୍ତ ଅଂଶଗ୍ରହୀଙ୍କ ପାଇଁ 'ମିଡିଆ ପ୍ରିଭିଲେଜ୍ କାର୍ଡ' ମଧ୍ୟ ଲୋକାର୍ପିତ କରାଯାଇଥିଲା, ଯାହା ମାଧ୍ୟମରେ ସେମାନେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଠାରେ ବିଶେଷ ସ୍ୱାସ୍ଥ୍ୟ ସୁବିଧା ଓ ଡିସକାଉଣ୍ଟ ପାଇବେଛ ପ୍ରେସ୍ କ୍ଲବ୍ର ଅଧ୍ୟକ୍ଷ ଶ୍ରୀ ଅଶୋକ ବ୍ରହ୍ମା ଏହି ମଣିପାଲ ହସ୍ପିଟାଲର ଏହି ପ୍ରୟାସକୁ ସ୍ୱାଗତ କରି, ମିଡିଆ କର୍ମୀଙ୍କ ପାଇଁ ଏପରି ସ୍ୱାସ୍ଥ୍ୟ ଶିବିର ପାଇଁ ଧନବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ଗୁରୁତ୍ୱ ଉଲ୍ଲେଖ କଲେ । ଏହି ବିଶାଳ ସ୍ୱାସ୍ଥ୍ୟ ଶିବିର ଓ ଆଲୋଚନା ଚକ୍ରରେ ମଣିପାଲ ହସ୍ପିଟାଲ ଭୁବନେଶ୍ର ପକ୍ଷରୁ ହୃଦରୋଗ ବିଶେଷଜ୍ଞ ଡାକ୍ତର ଦିବ୍ୟ ରଞ୍ଜନ ବେହେରା ବିଭିନ୍ନ ହୃଦରୋଗ ଏବଂ ଆମେ କିଭଳି ନିଜ ହାର୍ଟକୁ ସୁସ୍ଥ ରଖିପାରିବା, ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ଡାଇରେକ୍ଟର ଅର୍ଥୋପେଡିକ୍ ଡାକ୍ତର ସୁନୀଲ କୁମାର ଦାଶ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଓ ରୋବୋଟିକ୍ ନି ସର୍ଜରୀ, ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ଅମ୍ଳାନ ତପନ ମହାପାତ୍ର ଷ୍ଟ୍ରୋକ୍ ପରେ ଚିକିତ୍ସା ଗୋଲଡେନ୍ ଆୱାର ଏବଂ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡାକ୍ତର ଯତିନ କୁମାର ମାଝି ଡାଇବେଟିସ୍ ଓ ଥାଇରଏଡ୍ ରୋଗ ସମ୍ପର୍କରେ ମିଡିଆ କର୍ମୀଙ୍କ ସହ ଆଲୋଚନା କରିଥିଲେ । ମୁଖ୍ୟ ଅତିଥ୍ୟ ବ୍ରହ୍ମପୁର ଏସ୍ପି ଡାକ୍ତର ସରଭଣା ବିବେକ ଏମ୍ କହିଲେ, ମଣିପାଲ ହସ୍ପିଟାଲ୍‌ର ଏହି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ । ସମାଜକୁ ସଚେତନ କରିବା ପାଇଁ ମିଡିଆ କର୍ମୀମାନେ ନିଜ ସ୍ୱାସ୍ଥ୍ୟକୁ ଅନେକ ସମୟରେ ଅବହେଳା କରିଦିଅନ୍ତି । ଏହିପରି ଶିବିର ତାଙ୍କ ପାଇଁ ନିଶ୍ଚିତ ଭାବରେ ବହୁତ ଲାଭଦାୟକ ହେବ । ଏହା ପରେ, ମଣିପାଲ ହସ୍ପିଟାଲ୍ କ୍ଲଷ୍ଟର ଡିରେକ୍ଟର- ସାଉଥ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର କହିଲେ,ଆମର ଲକ୍ଷ୍ୟ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପହଞ୍ଚିବା । ଏହି ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ବ୍ରହ୍ମପୁର ମିଡିଆ କମ୍ୟୁନିଟିଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ କରି ଆମେ ତାଙ୍କୁ ସ୍ୱାସ୍ଥ୍ୟ ଚେତନା ଓ ଶୀଘ୍ର ରୋଗ ଚିହ୍ନଟର ପ୍ରାସଙ୍ଗିକତାକୁ ବଢ଼ାଇବା ।

## ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆମ୍ବେଦକର ବିଚାର ମଞ୍ଚ ପକ୍ଷରୁ ସମ୍ବିଧାନର ଜନକ ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୬୯ ତମ ଶ୍ରାଦ୍ଧ ଦିବସ ପୁରୁଣା ମୋଟର ଷ୍ଟାଣ୍ଡ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାରତୀୟ ସମ୍ବିଧାନ ପ୍ରଣୟନରେ ଥିବା ଆମ୍ବେଦକରଙ୍କ ଅନନ୍ୟ ଭୂମିକା ସଂପର୍କରେ ଆଲୋଚନା କରାଯାଇଥିଲା। ସମ୍ବିଧାନର ଧାରା ୩୨ ଓ ୨୨୬ ସମ୍ବିଧାନର ଆତ୍ମା । ଏହି ଦୁଇଟି ଧାରା ବଳରେ ଯଦି କୌଣସି ନାଗରିକର ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବ ତେବେ ସେ ରାଷ୍ଟ୍ରର ସ୍ୱେଚ୍ଛାଚାରିତା ବିରୋଧରେ ସିଧାସଳଖ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଆଶ୍ରୟ ନେଇ ପାରିବେ। ଏହି ଦୁଇଟି ଧାରା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ଆମ୍ବେଦକରଙ୍କ ଉକ୍ତିକୁ ପାଥେୟ କରି ବକ୍ତାମାନେ ମତପୋଷଣ କରିଥିଲେ। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବିଜେଡି ଜିଲା ସଭାପତି ଶିବ ପ୍ରସାଦ ଭଳ, ପ୍ରଫୁଲ୍ଲ ଦାସ, ଗୟାଧର ଧଳ, ମହମ୍ମଦ ଆକବର ଅଲ୍ଲୀ, ସରୋଜରାଜ ସିଂ, ପ୍ରଦୀପ ସିଂ, ଗୋଲଖ ପରିଡ଼ା, ସଞ୍ଜୟ ଜେନା ଓ ଜଗତଜୀବନ ଦାସ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଡ. ନନ୍ଦକିଶୋର ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭେଟେରାନ ହାବିଲଦାରଙ୍କ ହୃଦଘାତରେ ଦେହାନ୍ତ

**କେନ୍ଦ୍ରାପଡ଼ା, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡା ଜିଲ୍ଲା ସଂଗଠନର ଅବସର ପ୍ରାପ୍ତ ପୂର୍ବତନ ସୈନିକ ଭେଟେରାନ ହାବିଲଦାର କୈଳାସ ଚନ୍ଦ୍ର ପ୍ରଧାନଙ୍କ ଗତ ଶନିବାର ଦିନ ଡାଳିଜି ଗ୍ରାମରେ ହୃଦଘାତରେ ଦେହାନ୍ତ ହୋଇଯାଇଛି । ଶ୍ରୀ ପ୍ରଧାନଙ୍କ ଛାତିରେ ଯନ୍ତ୍ରଣା ହେବାରୁ ରାତି ୧୧ ସମୟରେ କେନ୍ଦ୍ରାପଡା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଭେଟେରାନ ହାବିଲଦାର କୈଳାସ ଚନ୍ଦ୍ର ପ୍ରଧାନଙ୍କ ନିଧନ ଖବର ପାଇ ପୂର୍ବତନ ସୈନିକ ସଂଘର ସଦସ୍ୟମାନେ ଆଜି ତାଙ୍କର ନୂତନ ଘର ଅନୂଆପଡାରେ ତାଙ୍କର ପାର୍ଥିବ ଶରୀରରେ ଜାତିୟ ପତାକା, ଫୁଲର ରିଡ୍ ଅର୍ପଣ କରି ଏବଂ ସାଲୁୟଟ ପ୍ରଦାନ କରି ସୁ ସମ୍ମାନର ସହିତ ଅନ୍ତିମ ବିଦାୟ ଦେଇଛନ୍ତି। ସେ ଦେଶ ପାଇଁ ୨୦ ବର୍ଷ ସୈନିକ ଭାବରେ ନିଜର ମୂଲ୍ୟବାନ ସେବା ଦେଇ ଅବସର ପ୍ରାପ୍ତ ପରେ ନୂତନ ଘର ଅନୂଆପଡାରେ ରହୁଥିଲେ। ସେ ଜଣେ ମେଳାପୀ, ସମାଜ ସେବି, ପରୋପକାରୀ ଏବଂ ପ୍ରକୃତି ପ୍ରେମି ଅବସର ପ୍ରାପ୍ତ ସୈନିକ ଥିଲେ। ତାଙ୍କର ଏହି ଅଚାନକ ବିୟୋଗରେ ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡା ଜିଲ୍ଲାର ସଂଗଠନର ସଦସ୍ୟମାନେ ମର୍ମାହତ। ତାଙ୍କର ସେଷ କୃତ୍ୟରେ ପୂର୍ବତନ ସୈନିକ ସଂଘ କେନ୍ଦ୍ରାପଡା ଜିଲ୍ଲାର ପ୍ରେସିଡେ ଭେଟେରାନ କ୍ୟାପଟେନ ଅଭୟ କୁମାର ଲେଙ୍କା, ଭେଟେରାନ ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ର, ଭେଟେରାନ ଭାଇସ ପ୍ରେସିଡେ ଯେ.ଡବ୍ଲୁ.ଓ ପ୍ରଦିପ ପାତ୍ର ,ସହ ସମ୍ପାଦକ ଭେଟେରାନ ସଜେ ଅକ୍ଷୟ କୁମାର ସାହୁ, କୋଷାଧ୍ୟକ୍ଷ ଭେଟେରାନ ଏମ.ଡବ୍ଲୁ.ଓ ମନୋଜ କୁମାର ବାରିକ, ବରିଷ୍ଠ ସଦସ୍ୟ ଭେଟେରାନ ନାଏକ ସୁଶାନ୍ତ କୁମାର ସ୍ୱାଇଁ, ବରିଷ୍ଠ ସଦସ୍ୟ ଭେଟେରାନ ସୁବେଦାର ମେଜର ପ୍ରଦିପ କୁମାର ସାହୁ, ବରିଷ୍ଠ ସଦସ୍ୟ ସୁବେଦାର ଗୌରାଙ୍ଗ ଚରଣ ସ୍ୱାଇଁ, ଭେଟେରାନ ହାବିଲଦାର ସଚିକାନ୍ତ ରଥ, ଭେଟେରାନ ନାଏବ ସୁବେଦାର ହରେକୃଷ୍ଣ ସାମଲଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତିମାନେ ସାମିଲ ହୋଇ ଥିଲେ ।

## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇବ କିମ୍ସ

**ବୈଶିଙ୍ଗା, ୮।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଡସାହି ନିର୍ବାଚନ ମଣ୍ଡଳୀରେ ବେତନଟୀ, ବାରିପଦା ଓ ବଡ଼ସାହି ବ୍ଲକ ଅଞ୍ଚଳରେ ବସବାସ କରୁଥିବା ତଥା ସମାଜରେ ଉପେକ୍ଷିତ ହୋଇ ରହୁଥିବା ଗରିବ ଆଦିବାସୀ ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଭଗବାନ ପାଲଟିଥିବା ବେତନଟୀ ଥାନା ତଥା ବାରିପଦା ବ୍ଲକର ଖଡ଼ିଶୋଳ ପଞ୍ଚାୟତର କୁଞ୍ଜିଶୋଳ ମାଟିର ପୁଅ ତଥା ସ୍ୱର୍ଗତ ଭାଗବତ ମୁର୍ମୁ ଓ ପାର୍ବତୀ ମୁର୍ମୁଙ୍କ ବଡପୁଅ ପ୍ରାକ୍ତନ ଜାମୁ କାଶ୍ମୀର ଉପ ରାଜ୍ୟପାଳ, ପ୍ରାକ୍ତନ ସି ଏ ଜି ଓ ମହାପ୍ରଭୁ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ ଗିରିଶ ଚନ୍ଦ୍ର ମୁର୍ମୁ, ଶୁଭ୍ରା -ପ୍ରିୟମ୍ବଦା ଫାଉଣ୍ଡେସନର ମୁଖ୍ୟ ମୁର୍ମୁ ଓ କିମ୍ସ କିଟସର ପ୍ରତିଷ୍ଠାତା ସମାଜସେବୀ ଡ. ଅଚ୍ୟୁତ ସାମନ୍ତଙ୍କ ମିଳିତ ଉଦ୍ୟମରେ ବହୁ ଆକାଂକ୍ଷିତ, ଦୀର୍ଘ ଦିନର ସ୍ୱପ୍ନ ସଫଳ ହୋଇଛି । ରବିବାର ଭଲ ରାସ୍ତା ନଥିବା, ଘନ ଜଙ୍ଗଲ ମଧ୍ୟରେ ଥିବା ଏକ ଆଦିବାସୀ ଗାଁରେ ଉତ୍ତମ ଚିକିତ୍ସାଳୟ ନିର୍ମାଣ କରି ରବିବାର ସାଧାରଣ ଜନତାଙ୍କ ନିମନ୍ତେ ଉତ୍ସର୍ଗୀକୃତ କରିଛନ୍ତି । ଏହି ଉଦଘାଟନୀ ଉତ୍ସବରେ ଶ୍ରୀ ମୁର୍ମୁ, ଡ. ସାମନ୍ତ ଙ୍କ ସମେତ ବାରିପଦା ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ଯୋଗଦାନ କରି ଗ୍ରାମାଞ୍ଚଳର ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବାରୁ ସେମାନେ ନିଜକୁ ଧନ୍ୟ ମନେ କରିବା ସହିତ ଲୋକେ ଯଦି ଉତ୍ତମ ସେବା ପାଇପାରିବେ ତାହାହେଲେ ସେହି ସେବାହିଁ ସେମାନଙ୍କ ଉଦେଶ୍ୟ ପୂରଣ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଲୋକମାନେ ମାଗଣାରେ ଏହି ସ୍ୱାସ୍ଥ୍ୟସେବା ପାଇପାରିବେ, ଚିକିତ୍ସା ନିମନ୍ତେ କଟକ, ଭୁବନେଶ୍ୱର ଓ ଅନ୍ୟାନ୍ୟ ଦୂର ସ୍ଥାନ ମାନଙ୍କୁ ଚିକିତ୍ସା ନିମନ୍ତେ ଆଉ ଯିବାକୁ ପଡିବନାହିଁ କି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡିବ ନାହିଁ ବୋଲି ଉଦଘାଟନ ଉତ୍ସବରେ ଅତିଥି ଗଣ ମତ ରଖିଥିଲେ । ବିଭିନ୍ନ ସମୟରେ କିମ୍ସରୁ ଅଭିଜ୍ଞ ବିଶେଷଜ୍ଞ ମାନେ ଆସିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯିବ ବୋଲି କିମ୍ସର ସଦସ୍ୟ ହରିଶ ଚୌଧୁରୀ ପ୍ରକାଶ କରିବା ସହ ଦୁଇ ସମାଜସେବୀଙ୍କ ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦିଲ୍ଲୀପ କୁମାର ମୁର୍ମୁ ପରିଚାଳନା କରିଥିଲେ । ଏହି ଅବସରରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା କରାଯିବା ସହ କିମ୍ସର ବିଶେଷଜ୍ଞମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ । ସରକାରୀ ଡାକ୍ତରଖାନାମାନଙ୍କରେ ବିଶେଷ ଭାବେ ବେତନଟୀ ଓ ବାରିପଦା ଡାକ୍ତରଖାନାରେ ରୋଗୀମାନଙ୍କୁ କଟକ ରେଫର କରୁଥିବାରୁ ଏହି ସେବା କିମ୍ସ - ଶୁଭ୍ରା ଗ୍ରାମୀଣ ଡାକ୍ତରଖାନା ପୂରଣ କରିବ ବୋଲି ମତ ପ୍ରକାଶ ପାଇଥିଲା । ଆଜିର ଏହି ଉଦଘାଟନୀ ଉତ୍ସବରେ ଏକ ହଜାରରୁ ଉର୍ଦ୍ଧ୍ୱ ରୋଗି ଓ ସାଧାରଣ ଲୋକ ଯୋଗଦେଇଥିଲେ ।

## ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାଲିଆ ସ୍ଥିତ ଗଛ ମଙ୍ଗଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଆଦର୍ଶ ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କୁ ବିଦ୍ୟାଳୟ ପରିସରରେ ବିଦାୟ କାଳୀନ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଏବଂ ବଡ଼ପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନ୍ମଥ ପାତ୍ର ମୁଖ୍ୟ ବକ୍ତା ଏବଂ ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ନାୟକ, ପ୍ରଦୀପ ସାମନ୍ତରାୟ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗଦାନ ପୂର୍ବକ ଗୋବର୍ଦ୍ଧନ ସ୍ୱାଇଁଙ୍କ ନିଷ୍ଠାପର ଶିକ୍ଷାଦାନ ଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିରୁପମା ଜେନା ସ୍ୱାଗତ ସଙ୍ଗୀତ ଗାଇଥିଲେ। ପ୍ରଧାନ ଶିକ୍ଷକ ବିମଳ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁଧୀର ଜେନା ଏବଂ ପ୍ରତିଷ୍ଠାତାଙ୍କ ସୁପୁତ୍ର ସୁବାସ ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରଥ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ମହେଶ୍ୱର ସ୍ୱାଇଁଙ୍କ ପ୍ରତିମୂର୍ତ୍ତୀକୁ ଉନ୍ମୋଚିତ କରିବା ପରେ ପରେ ଅତିଥିମାନଙ୍କ ସହିତ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅବସର ପ୍ରାପ୍ତ ଶିକ୍ଷକ ଗୋବର୍ଦ୍ଧନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ଦମୟନ୍ତୀ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍ତର ବାଲେଶ୍ୱରରେ ଧାନ ବିକ୍ରିରେ ସମସ୍ୟା

**ଜଳେଶ୍ୱର, ୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର, ଭୋଗରାଇ ଓ ବାଲିଆପାଳ ବ୍ଲକକୁ ନେଇ ଜଳେଶ୍ୱର କୃଷି ଜିଲ୍ଲା ଗଠିତ । ଚଳିତ ବର୍ଷ ଖରିଫ ଋତୁରେ ଏହି ୩ଟି ବ୍ଲକରେ ମୋଟ ୫୪ ହଜାର ୯୪୧ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ପ୍ରାୟ ୨୫ ଲକ୍ଷ କ୍ୱିଣ୍ଟାଲ୍ ଧାନ ଅମଳ ହେବାର ଆକଳନ କରାଯାଇଛି । କିନ୍ତୁ ଖାଦ୍ୟ ବାବଦକୁ ଶସ୍ୟ ରଖିବା ଓ ସରକାରୀ ଭାବେ ବିକିବା ପରେ ମଧ୍ୟ ବଳକା ଧାନ ଅଭାବି ବିକ୍ରି ସମସ୍ୟା ଘେରରେ ରହିଛି । ମଣ୍ଡି ଖୋଲିବା ବିଳମ୍ବ ଓ ବିକ୍ରୟ ଜନିତ ଜଟିଳ ସମସ୍ୟାର ଚାଷୀ ସମ୍ମୁଖୀନ ହେବା ନିଶ୍ଚିତ । ସରକାରୀ ମଣ୍ଡିରେ ଏହି ତିନି ବ୍ଲକର ପ୍ରାୟ ୬.୫ ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯିବାର ସମ୍ଭାବନା ରହିଛି । ଏଥିଲାଗି ଚଳିତ ବର୍ଷ ମୋଟ ୩୩୯୮୯ ଜଣ ଚାଷୀ ପଞ୍ଜିକରଣ କରିସାରିଛନ୍ତି । ନିଜର ଖାଦ୍ୟ ବାବଦକୁ ପ୍ରାୟ ୮.୫ ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀ ସାଇତି ରଖିବାକୁ ଥିବା ବେଳେ ଅବଶିଷ୍ଟ ୧୦ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରିକୁ ନେଇ ଚାଷୀକୁଳ ଆଶା ଆଶଙ୍କା ରେ ଗତି କରୁଛନ୍ତି । ଏହି ବଳକା ଧାନକୁ ସ୍ୱଳ୍ପ ଦାମ୍ ରେ ଲୁଟିନେବା ପାଇଁ ପଶ୍ଚିମ ବଙ୍ଗର



ଦଲାଲମାନେ ସୀମାନ୍ତ ଅଞ୍ଚଳର ବେପାରୀଙ୍କୁ ହାତବାରିସି କରିଛନ୍ତି । କେତେକ ଖଟି ମାଲିକଙ୍କ ଜରିଆରେ ସ୍ୱଳ୍ପ ମୂଲ୍ୟରେ କିଣିବା ପାଇଁ ପସରା ମେଲାଇ ଅଗ୍ରିମ ଟଙ୍କା ମଧ୍ୟ ଦେଉଛନ୍ତି । ସମସ୍ତ ପୁଞ୍ଜି ଖଟାଇ ଧାନ ଫଳାଇଥିଲେ ମଧ୍ୟ ଅମଳ ଖର୍ଚ୍ଚ ଓ ଧାର, କରଜ ଅର୍ଥ ପରିଶୋଧ ଲାଗି ଅପେକ୍ଷାକୃତ କମ୍ ଦର, କ୍ୱିଣ୍ଟାଲ୍ ପିଛା ୧୬/୧୭ ଶହ ଟଙ୍କାରେ ବିକିବାକୁ ବାଧ ହେଉଛନ୍ତି । ଏକ ଚେନ୍ ଜରିଆରେ ସୀମାନ୍ତ ଅଞ୍ଚଳରୁ ଟ୍ରକ୍ ଟ୍ରକ୍ ଧାନ ସଂଗ୍ରହ କରି ବଡ଼ ବ୍ୟବସାୟୀଙ୍କ ମାଧ୍ୟମରେ ବାଂଲାଦେଶକୁ ପଠାଇ ବେଶ୍ ମାଲେମାଲ ହେଉଛନ୍ତି । କାରଣ ଖାଦ୍ୟାଭାବ ଦୂର ପାଇଁ ବାଂଲାଦେଶ ପ୍ରଚୁର ଧାନ ବାହାରୁ ଆମଦାନୀ କରୁଥିବାବେଳେ ସେଠାରେ ଧାନର ମୂଲ୍ୟ ମଧ୍ୟ ଅଧିକ ରହିଛି । ଚଳିତ ବର୍ଷ ଜଳେଶ୍ୱର ବ୍ଲକ-୧୯୮୫୫ ହେକ୍ଟର, ଭୋଗରାଇ ବ୍ଲକ-୧୯୬୮୨ ହେକ୍ଟର ଓ ବାଲିଆପାଳ ବ୍ଲକ-୧୫୪୦୪ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ଏବେ ଖରିଫ ଧାନ ଅମଳ ପ୍ରାୟତଃ ଶେଷ ହେବାକୁ ବସିଲାଣି । ପ୍ରତିକୂଳ ପାଗ ଓ ୬ ଥର ବନ୍ୟା ସଙ୍ଗେ ଚାଷ ହୋଇଥିବା ମୋଟ ୫୪୯୪୧ ହେକ୍ଟର ଜମିରୁ ୨୫ ଲକ୍ଷ କ୍ୱିଣ୍ଟାଲ ଧାନ ଅମଳ ହେବାର ସମ୍ଭାବନା ରହିଛି । କେତେକ କଟକଣା ଯୋଗୁଁ ବହୁ ଭାଗ ଚାଷୀ ପଞ୍ଜିକରଣ କରିବାରୁ ବଞ୍ଚିତ ହୋଇଛନ୍ତି । ଏହି ୩ଟି ବ୍ଲକରେ ୫୪ଟି ପ୍ୟାକ୍ସ ଓ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୬୨ଟି ମଣ୍ଡିରୁ ଧାନ ସଂଗ୍ରହ କରାଯିବାକୁ ବେଳେ ପଶ୍ଚିମବଙ୍ଗ ସୀମା ଅଞ୍ଚଳରେ ପ୍ରାୟ ୨ ଶହରୁ ଅଧିକ ଘରୋଇ ଧାନ ଖଟି ଏବେ ସକ୍ରିୟ ରହିଛି । ସେମାନଙ୍କ ମଧ୍ୟରୁ ମାତ୍ର ୯୦ଟି ସରକାରୀ ଲାଇସେନ୍ସ ପ୍ରାପ୍ତ ଥିବା ବେଳେ ସେ ସେମାନେ ପଶ୍ଚିମବଙ୍ଗର ଦଲାଲମାନଙ୍କ ମାଧ୍ୟମରେ କ୍ୱିଣ୍ଟାଲ ପ୍ରତି ୧୬/୧୭ ଶହ ଟଙ୍କାରେ ଲୁଟି ନେଉଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁସାରେ କେତେକ ଖଟି ମାଲିକଙ୍କ ପଶ୍ଚିମବଙ୍ଗକୁ ଧାନ ଯାଇପାରୁ ନାହିଁ । ତେଣୁ ଚୋରାରେ ଧାନ ପଶ୍ଚିମବଙ୍ଗକୁ ଯାଉଥିବାର ମିଛ କଥା କହି ଶାଗ, ମାଛ ଦରରେ ଚାଷୀଙ୍କ ଠାରୁ ଧାନ କ୍ରୟ କରୁଛନ୍ତି । ଏହା ସହିତ ବିଭିନ୍ନ କଣ୍ଟାକୁ ହାତ କରି ବେପାରୀମାନେ ଓଜନ ମାପରେ ନିରିହ ଚାଷୀଙ୍କୁ ଠକେଇ କରିବା ଅଭିଯୋଗ ମଧ୍ୟ ହୋଇଥାଏ । ନେଇ ମଧ୍ୟ ଅଦ୍ୟାବଧି ଚାଷୀଙ୍କୁ ଟୋକନ ନ ମିଳିବା ଓ ଧାନ ମଣ୍ଡି ଖୋଲିବା ଲାଗି କୌଣସି ସଠିକ୍ ତାରିଖ ଧାର୍ଯ୍ୟ ନ ହେବା ଯୋଗୁଁ ଚାଷୀକୁଳର ଚିନ୍ତା ବଢ଼ିଯାଇଛିଛ ଲଘୁଚାପ ଆଶଙ୍କା ମଧ୍ୟରେ ବଳକା ଧାନ ବିକ୍ରୟ ଲାଗି ଖୋଲା ଆକାଶ ତଳେ ଅମଳ ହୋଇ ପଡ଼ିଛି । ସରକାର ବର୍ଦ୍ଧିତ ସହାୟକ ମୂଲ୍ୟ ଦେଉଥିବା ବେଳେ, କୃଷକ ମାନଙ୍କୁ ଶୋଷଣ ମୁକ୍ତ କରିବା ଲାଗି ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇ ପଡ଼ିଛି । ଏହା ସହ ସୀମାନ୍ତ ସଡକରେ ଗତ ବର୍ଷ ଭଳି ଏନଫୋର୍ସମେଣ୍ଟ ଟିମ୍‌ର ପ୍ରହାର, ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ଦାବି ହେଉଛି । ଯାହାଫଳରେ ବଙ୍ଗ ଦଲାଲଙ୍କ ଲୋଲୁପ ଦୃଷ୍ଟିରୁ ଚାଷୀମାନଙ୍କୁ ସୁରକ୍ଷା ଦେବା ଆପାତତଃ ସମ୍ଭବ ହେବ । ତେଣୁ ସରକାର ଚାଷୀଙ୍କୁ ବଙ୍ଗ ଦଲାଲଙ୍କ ଶୋଷଣରୁ ମୁକ୍ତ ରଖିବା ଲାଗି ସେମାନଙ୍କ ସମସ୍ତ ଧାନ ଯଥା ଶିଘ୍ର କିଣିବା ରେ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୯ ଡିସେମ୍ବର ୨୦୨୫ ● ମଙ୍ଗଳବାର

## ସମ୍ବଳ ଅଭାବରୁ କାର୍ଯ୍ୟାଦେଶ ଧରି ବସିଛନ୍ତି ସରୋଜିନୀ

**ଦଶପଲ୍ଲା:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଅଗଷ୍ଟ ମାସରେ ସ୍ୱାକ୍ଷର ହୋଇ ଥିଲେବି ସେପ୍ଟେମ୍ବର ମାସ ୧ତାରିଖ ଦିନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ କରିବାକୁ କାର୍ଯ୍ୟାଦେଶ ପାଇଲେ ସରୋଜିନୀ ଓଝା । ସ୍ୱାମୀ ଲମ୍ବୋଦର ଓଝାଙ୍କ ମୃତ୍ୟୁ ପରେ ତାଙ୍କର ଦଶପଲ୍ଲା ଏନଏସି ଅନ୍ତର୍ଗତ ମହୁଲିଆ ଗ୍ରାମରେ ଥିବା ୦୪ ଡ଼ିସିମିଲି ଜାଗାରେ ପଇସା ଅଭାବରୁ ଝାଟିମାଟି ଘରଟିଏ କରି ରହିଆସୁଛନ୍ତି । ଘରଟିଏ ପାଇଁ ୪ ବର୍ଷ ହେଲା ଏନଏସିରେ ଗୁହାରି କରିକରି କେହି ଶୁଣିଲେନି । ୨୦୨୪ ବର୍ଷା ପବନରେ ସେ ମାଟି ଘରଟି ମଧ୍ୟ ଭାଙ୍ଗିଗଲା । ସେବେଠୁ ପାଲ ଗୁଡେଇ ତା'ଭିତରେ ପୁଅଟିକୁ ଧରି ରହୁଛନ୍ତି ସରୋଜିନୀ । ବହୁ ଦୌଡ଼ା ଦଉଡି ପରେ ଏବେ ପ୍ରଧାନମନ୍ତ୍ରୀ ଆବାସ ଘରଟିଏ ମିଳିଛି । ହେଲେ ଏବେ ବାଧକ ସାଜୁଛି ପଇସା । ଯାହାକୁ କହୁଛନ୍ତି ଘରଟି କରିଦେବାକୁ, ସେ କହୁଛନ୍ତି ଏତିକି ପଇସାରେ ଘର ହବନି । କଣ କରିବେ ବୋଲି ଚିନ୍ତାରେ ସରୋଜିନୀ । ସରକାରଙ୍କ ଅନୁଦାନ ବ୍ୟତୀତ ଆଉ ଅଧିକ ବ୍ୟୟ କରିବାକୁ ତାଙ୍କ ପାଖରେ ପଇସା ନାହିଁ । ଏସମ୍ପର୍କରେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଛନ୍ତି ହିତାଧିକାରୀ । ତେବେ ତାଙ୍କୁ କେହି କେହି ସାହାଯ୍ୟ କଲେ ସେ ଏବଂ ତାଙ୍କ ପୁଅ ଟିକେ ଭଲରେ ରହି ପାରନ୍ତେ ବୋଲି ଆଶା କରୁଛନ୍ତି ସରୋଜିନୀ । ଦେଖାଯାଉ କେହି ଦୟା କରୁଛନ୍ତି କି ନାହିଁ !

## ଟିକେଟ କଳାବଜାର କରି ୪ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ୯ ମଂଗଳବାର ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ବାରବାଟୀ ଷ୍ଟାଡ଼ିୟମରେ ଟି-୨୦ ମ୍ୟାଚ ଖେଳାଯିବ । ଏବେ ମ୍ୟାଚ ପାଇଁ ଟିକେଟ କଳାବଜାର ଯୋରଦାର ହେଉଛି । କିଛି ଯୁବକ ୩ ରୁ ୪ ଗୁଣା ଦରରେ ଟିକେଟ ବିକ୍ରି କରୁଥିବା ଅଭିଯୋଗ ହୋଇଛି । ଏ ନେଇ ପୋଲିସକୁ ଖବର ମିଳିବା ପରେ ଯାଂଚ ଯୋରଦାର କରାଯାଇଛି । ଏହି କ୍ରମରେ ପୋଲିସ ହାତରେ ଟିକେଟ କଳାବଜାର କରୁଥିବା ଅଭିଯୋଗରେ ୪ ଜଣ ଯୁବକ ଧରା ପଡ଼ିଛନ୍ତି । ଏହି ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ୨୧ଟି ଟିକେଟ ଜବତ କରିଛି । ପରେ ୪ ଅଭିଯୁକ୍ତଙ୍କୁ ନୋଟିସ ଦେଇ ଛଡ଼ାଯାଇଛି । ଗତ ୧ ତାରିଖରେ ଅନଲାଇନ ଟିକେଟ ଓ ୫ ତାରିଖରେ କାଉଣ୍ଟରରେ ଟିକେଟ ବିକ୍ରି ଶେଷ ହୋଇଥିଲା । ଟିକେଟ ନପାଇ ହଜାର ହଜାର କ୍ରିକେଟ ପ୍ରେମୀ ନିରାଶ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି କିଛି ବ୍ଲାକର ଟିକେଟ କଳାବଜାରୀ ଆରମ୍ଭ କରିଦେଇଛନ୍ତି । ଏହି ବ୍ଲାକରମାନେ ମୂଳ ରେଟର ୩ରୁ ୪ ଗୁଣା ଦରରେ ଗ୍ୟାଲେରର ଟିକେଟ ବ୍ଲାକ କରୁଛନ୍ତି । ସେହିପରି ଅନ୍ୟ ଦାମୀ ଟିକେଟକୁ ମଧ୍ୟ ଅଧିକ ଦାମରେ ବିକ୍ରି କରାଯାଉଛି । ଏ ନେଇ ପୋଲିସ ସୂଚନା ପାଇବା ପରେ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ କଳାବଜାରୀଙ୍କ ଉପରେ ନଜର ରଖାଯାଇଥିଲା । ଠୋସ୍ ସୂଚନା ମିଳିବା ପରେ ବିଡ଼ାନାସୀ ଥାନା ପୋଲିସ ଓ ଦରଘା ବଜାର ଥାନା ପୋଲିସ ଚଢ଼ାଉ କରି ମୋଟ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିଲା । ବିଡ଼ାନାସୀ ପୋଲିସ ୨ ଜଣକୁ ଓ ଦରଘା ବଜାର ଥାନା ପୋଲିସ ୨ ଜଣକୁ ଗିରଫ କରିବା ସହ ମୋଟ ୨୧ଟି ଟିକେଟ ଜବତ କରିଛି । ଆଗକୁ ମଧ୍ୟ ଟିକେଟ କଳାବଜାରୀ କରୁଥିବା ଯୁବକଙ୍କ ଉପରେ ଚଢ଼ାଉ ଜାରି ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।



## ମେସିନ୍ ସାହାଯ୍ୟରେ ୬ ଫୁଟ ଉପରକୁ ଉଠିଲା ଘର

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବୟାଳିଶମୌଜା ଅନ୍ତର୍ଗତ ବେଂଟକାର ସ୍ଥିତ ମା ଶାରଳା ଗଜଲକ୍ଷ୍ମୀ ପୂଜା ମଣ୍ଡପ ଘରଟି ମାଟି ସହିତ ସମତୁଲ ହୋଇଯାଇଥିବାରୁ ଏହାକୁ ଭୂମିଠାରୁ ଛଅ ଫୁଟ ଉପରକୁ ଉଠାଯାଇଛି । ଛତିଶଗଡ ଅଂଚଳର କୁଶଳି କାରୀଗରଙ୍କୁ ନେଇ ଏହି ଘରଟିକୁ ଉପରକୁ ଉଠାଯାଇଛି । ବୟାଳିଶମୌଜାରେ ଏହିପରି ଘରର କୌଣସି କ୍ଷତି ନହୋଇ ମାଟି ଉପରକୁ ଉଠିବା ପ୍ରଥମ ଘଟଣା ହୋଇଥିବାରୁ ଏହି କାର୍ଯ୍ୟ ଚାଲୁ ରହିଥିବା ବେଳେ ବହୁତ ଭିଡ ଦେଖାଯାଇଥିଲା । ପୂଜା କମିଟି ତରଫରୁ ସଂପୃକ୍ତ କାରୀଗର ମାନଙ୍କୁ ଧନ୍ୟବାଦ ଦିଆଯାଇଛି ।

## ସୋଆରେ ବିଶ୍ୱ ମୃତ୍ତିକା ଦିବସ




**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲଚରାଲ ସାଇନସେସ୍ (ଆଇଏଏସ୍)ର ମୃତ୍ତିକା ବିଭାଗ ପକ୍ଷରୁ ଶୁକ୍ରବାର ଦିନ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ସୁସ୍ଥ ମାଟି ହିଁ ସୁସ୍ଥ ସହରର ଭିତିଭୂମି ଓ ସୁସ୍ଥ ଜୀବନର ଆଧାର । ଅସ୍ୱାସ୍ଥ୍ୟକର ମାଟି ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆମ ଜୀବନକୁ ପ୍ରଭାବିତ କରେ ବୋଲି ବିଶ୍ୱ ମୃତ୍ତିକା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କୃଷି ବିଜ୍ଞାନୀ ତଥା ମୁଖ୍ୟମନ୍ତ୍ରୀ ମକା ମିଶନର ସ୍ୱତନ୍ତ୍ର ସଦସ୍ୟ ଡ. ରାଜେଶ ଦାସ ଯୋଗ ଦେଇ ମାଟି ଅସୁସ୍ଥ ହେବାର କାରଣ ଓ ଜୀବନ ଉପରେ ଏହାର ପ୍ରଭାବ ସଂପର୍କରେ ଆଲୋକପାତ କରିଥିଲେ ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଏହି ଦିବସ ଛାତ୍ରଛାତ୍ରୀମାନେ ପାଳନ କରି ଏହାର ଗୁରୁତ୍ୱ ଉପଲବ୍ଧି କରିବା ଜରୁରୀ ବୋଲି କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଏବଂ ପେସ ଫାଉଣ୍ଡେସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ସମ୍ବିତ ତ୍ରିପାଠୀ ଯୋଗ ଦେଇଥିଲେ । ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ ।

ମୃତ୍ତିକା ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଗୌରହରି ସାନ୍ତା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ର ଧନ୍ୟବାଦ ଦେଇଥିଲେ । ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଓ ଡ. ଈପ୍ସିତା ପଟ୍ଟନାୟକ ମଂଚ ସଂଯୋଜନା କରିଥିଲେ । ଏହି ଅବସରରେ ଏକ ବୈଜ୍ଞାନିକ ମୁଖପତ୍ର ସମେତ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଲିଖିତ ନମୁନା ମାଟି ସଂଗ୍ରହ ଏବଂ ମୃତ୍ତିକା ବିଜ୍ଞାନ ବିଭାଗ ଦ୍ୱାରା ପ୍ରକାଶିତ ଫସଲରେ ସମନ୍ୱିତ ଖାଦ୍ୟ ସାର ପରିଚାଳନା ପୁସ୍ତିକା ଉନ୍ମୋଚିତ ହୋଇଥିଲା । ରାଜ୍ୟରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗ ଦେଇଥିଲେ ଏବଂ ସେମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବଂଟନ କରାଯାଇଥିଲା । ସାଂସ୍କୃତିକ ଶାଖା କ୍ରିଆଟିଭୋ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ଏହି ଅବସରରେ ପ୍ରଫେସର ଆଶିଷ ଦାସ, ପ୍ରଫେସର ପି କେ ଦାସ, ଡ. ପ୍ରକାଶ ରଂଜନ ବେହେରା, ଡ. ସମନ୍ୱିତା ମହାନ୍ତି, ଡ. ଭୁବନାନନ୍ଦ ଅଧିକାରୀ, ମାନସ ଦାସ, ବିକାଶ ରଂଜନ ରଥ, ଶୁଭ୍ରାଂଶୁ, ବିଶ୍ୱଜିତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏକ କ୍ଷୁଦ୍ର ନାଟିକା ମଧ୍ୟ ପ୍ରସ୍ତୁତ ମଧ୍ୟ କରାଯାଇଥିଲା । ବିଭିନ୍ନ ପ୍ରକାର ଆଲୋଚନା ବୈଜ୍ଞାନିକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ କରାଯାଇଥିଲା ।

## ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କୁ ସମାନ ଗୁରୁତ୍ୱ ଦିଆଯିବା ପାଇଁ ଦାବି

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ଥାନୀୟ ଜୟୀ ରାଜଗୁରୁ ଟାଉନହଲ ପରିସର ମଧ୍ୟରେ ଜୟୀ ରାଜଗୁରୁ ସ୍ମୃତି ସଂସଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୨୨୦ତମ ଶହୀଦ ଜୟୀ ରାଜଗୁରୁ ବଳିଦାନ ଦିବସ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଐତିହାସିକ ପ୍ରଫେସର ନାରାୟଣ ରାଓ ଆନୁଷ୍ଠାନିକ ଉଦଘାଟନ କରିବା ପରେ ସଂସଦର ସଭାପତି ଶିକ୍ଷାବିତ୍ ଡକ୍ଟର ଧିରେନ୍ଦ୍ର ନନ୍ଦ ତାଙ୍କ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡ. ନନ୍ଦ କହିଲେ ରାଜ୍ୟ ସରକାରଙ୍କ ତରଫରୁ ସାରା ଦେଶରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟରୁ ଐତିହାସିକମାନଙ୍କୁ ନେଇ ହୋଇଯାଇଥିବା ୨୦୧୭ ମସିହାର ଜାତୀୟ ସ୍ତରୀୟ ସେମିନାରର ସଂକଳିତ ତଥ୍ୟ ଅନୁସାରେ ପାଇକ ବିଦ୍ରୋହ ୧୮୦୪ରୁ ଶହୀଦ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଆରମ୍ଭ ହୋଇ ୧୮୧୭ରେ ଏହା ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ବ୍ୟାପକ ରୂପ ଧାରଣ କରିଥିଲା । ତେଣୁ ପାଇକ ବିଦ୍ରୋହ ୧୮୦୪ ମସିହାରୁ ଆରମ୍ଭ ବୋଲି ସରକାରୀ ସ୍ୱୀକୃତୀ ମିଳିବା ଉଚିତ ଏବଂ ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କୁ ସମାନ ଭାବରେ ଗୁରୁତ୍ୱ ଦିଆଯିବା ଉଚିତ । ନଚେତ ଏହା ପାଇକ ସଂସ୍କୃତି ତଥା ଓଡିଆ ଜାତି ପ୍ରତି ଅସମ୍ମାନ ହେବ । ମୁଖ୍ୟ ଅତିଥି ପ୍ରଫେସର ରାଓ କହିଲେ ଖୋର୍ଦ୍ଧା ମାଟିର ବୀର ପାଇକଙ୍କ ବୀରତ୍ୱ ଯୋଗୁଁ ଇତିହାସରେ ଖୋର୍ଦ୍ଧାର ସ୍ଥାନ ସ୍ୱତନ୍ତ୍ର । ଏହି ମାଟିରୁ ଆରମ୍ଭ ହୋଇଥିଲା ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସଶସ୍ତ୍ର ଗଣ ବିପ୍ଳବ । ଏହି ମାଟିର ପାଇକ ବୀରମାନଙ୍କର ନାମ ସବୁବେଳେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ମୁଖ୍ୟ ବକ୍ତା ଭାବରେ ଡକ୍ଟର ଜନ୍ମେଞ୍ଜୟ ଚୌଧୁରୀ ଜୟୀ ରାଜଗୁରୁଙ୍କ ଦେଶପ୍ରେମ ଓ ବଳିଦାନ ୧୮୫୭ ମସିହା ସିପାହୀ ବିଦ୍ରୋହର ମଙ୍ଗଳ ପାଣ୍ଡେଙ୍କ ତୁଳନାରେ ଯଥେଷ୍ଟ ଅଧିକ । ପାଇକ ଆନ୍ଦୋଳନର ମୂଳଦୁଆ ପକାଇବା କ୍ଷେତ୍ରରେ ଜୟୀରାଜଗୁରୁଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସ୍ୱତନ୍ତ୍ର ଅତିଥି ଭାବରେ ଦୈନିକ ସମାଲୋଚନା ଓ ବଡ ଖବରର ସଂପାଦକ ଅର୍ଦ୍ଧେନ୍ଦୁ ଦାସ ଯୋଗଦେଇ କହିଲେ ଏବେ ଆମେ ସମସ୍ତେ ଓଡିଆ ଅସ୍ମିତା ଉପରେ ଲଢେଇ କରୁଛେ । ଓଡିଆଙ୍କ ଜନଜୀବନ ଉପରେ ଅଣଓଡିଆଙ୍କ ମାତ୍ରାଧିକ ପ୍ରଭାବ ବିରୋଧରେ ୨୦୨୧ରୁ ଆରମ୍ଭ ହୋଇଥିବା ଏହି ଲଢେଇ ୨୦୨୪ରେ ଶେଷ ହୋଇଥିଲା ଏବଂ ଓଡିଆ ସ୍ୱାଭିମାନ ଓ ଅସ୍ମିତାର ବିଜୟ ହୋଇଥିଲା । କିନ୍ତୁ ଏହି ରାଜ୍ୟରେ ପ୍ରଥମ ଓଡିଆ ଅସ୍ମିତାର ଲଢେଇ ଆଜକୁ ୨୨୨ ବର୍ଷ ତଳେ ଅମର ଶହୀଦ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ହୋଇଥିଲା ଗୋରା ଜାତି ଆଗରେ ମୁଣ୍ଡ ନ ନୁଆଁଇବାର ବଜ୍ର ଶପଥ ହିଁ ୧୮୦୪ ମସିହାରେ ଆରମ୍ଭ ହୋଇଥିବା ପାଇକ ସଂଗ୍ରାମକୁ ଜନ୍ମ ଦେଇଥିଲା, ଯାହାକି ଆଜି ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ବୋଲି ବିବେଚନା କରାଯାଉଛି । ସମ୍ମାନିତ ଅତିଥି ଭାବରେ ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ସମ୍ମାନୀତ ବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର, ନିତ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଶିକ୍ଷକ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଧ୍ୟାପକ ଦେବାନନ୍ଦ ନାୟକ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅମର ଶହୀଦ୍ ବାନାମ୍ବର ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ମରଣୋତର 'ଅମର ଶହୀଦ୍ ସମ୍ମାନ' ତାଙ୍କର ଦାୟାଦ ନିକୁଞ୍ଜ କିଶୋର ପଟ୍ଟନାୟକଙ୍କୁ, ସ୍ୱାଧୀନତା ସଂଗ୍ରାମୀ କୁଦନ ରାମଙ୍କ ଉଦ୍ଦେଶ୍ୟରେ ମରଣୋତର 'ସ୍ୱାଧିନତା ସଂଗ୍ରାମୀ ସମ୍ମାନ' ତାଙ୍କର ଦାୟାଦ ଶୁରେଶ ରାମଙ୍କୁ ଏବଂ ପାଇକ ସଂସ୍କୃତିର ପୁନର୍ଜାଗରଣ ପାଇଁ ପ୍ରଧ୍ୟାପକ ଦେବାନନ୍ଦ ନାୟକଙ୍କୁ 'ଜୟୀ ରାଜଗୁରୁ ସମ୍ମାନ-୨୦୨୫'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ସ୍ମୃତି ସଂସଦର ସଂପାଦକ ଶକ୍ତି ଶଙ୍କର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଶେଷରେ ବରିଷ୍ଠ ସଭ୍ୟ ଡି ନାଗେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ ଏବଂ ସୁପ୍ରିତା ଉଥାନସିଂହ ସ୍ୱାଗତ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ, ଓଡିଶୀ, ସମ୍ବଲପୁରୀ, ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷେଣ ଜିତେନ୍ଦ୍ର ବାରିକଙ୍କ ସହଯୋଗରେ କରାଯାଇଥିଲା । ପାଇକ ସର୍ଦ୍ଦାର ସୁବାସ ଜେନାଙ୍କ ସହ ଯୋଗକ୍ରମେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ପାଇକ ଆଖଡା ଦଳମାନଙ୍କ ପାଇକ ରଣ କୌଶଳ ପ୍ରଦର୍ଶନ ସହିତ ନଗର ପରିକ୍ରମା କରିଥିଲେ । ପ୍ରାତଃ ସମୟରେ ଗଡ ଖୋର୍ଦ୍ଧାସ୍ଥିତ ପଂଚପାଇକଙ୍କ ପ୍ରତିମୂର୍ତିରେ ସଂସଦର ବରିଷ୍ଠ ସଭ୍ୟ ସତ୍ୟ ସୁନ୍ଦର ରଣାଙ୍କ ନେତୃତ୍ୱରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପକ ଗୋପାଳକୃଷ୍ଣ ଦାସ, ମନ୍ଦିରା ରାୟ ଚୂଡ଼ାମଣି, ନରହରି ନନ୍ଦ, କବି ବିକ୍ରମ ଚମ୍ପତି, ସରୋଜ ପାଲଟାସିଂହ ପମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନିଆଁ ଲାଗି ୮୦ରୁ ଅଧିକ ଦୋକାନ ପାଉଁଶ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଫଳ ମାର୍କେଟ୍‌ରେ ନିଆଁ ଲାଗି ୮୦ରୁ ଅଧିକ ଦୋକାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଆଜି ଦିନ ୩.୪୦ ବେଳେ ବଲାଙ୍ଗିର ପୁରାତନ ସରକାରୀ ବସଷ୍ଟାଣ୍ଡକୁ ଲାଗିଥିବା ଫଳ ବଜାରରେ ହଠାତ୍ ଅଗ୍ନିକାଣ୍ଡ ଘଟି ଏଠାରେ ଥିବା ୮୦ଟି ଦୋକାନ ନିଆଁ ଲାଗି ବିପୁଳ କ୍ଷୟକ୍ଷତି ଘଟିଛି । ଏହି ଅଗ୍ନିକାଣ୍ଡ ଖବର ପାଇ ଦମକଳ ବାହୀନି ଆସି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡ କିପରି ଘଟିଲା ତାର ସଠିକ ତଥ୍ୟ ଜଣାପଡିନାହି । ଉପରେ ଯାଇଥିବା ବିଦ୍ୟୁତ ତାରରୁ ସ୍ପାର୍କ ହୋଇ ଅଗ୍ନିକାଣ୍ଡ ଘଟିଛି କି ଅଳିଆରୁ ନିଆଁ ଲାଗିଛି କେହି ସଠିକ୍ କହିପାରୁ ନାହାଁନ୍ତି । ବିଳମ୍ବରେ ଦମକଳ ଗାଡି ଆସିବା ବେଳକୁ ନିଆଁ ଖେଳି ଯାଇଥିଲା । ଘଟଣା ସ୍ଥଳକୁ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ସଦର ଏସ୍‌ଡିପିଓ, ଟାଉନ ଇନ୍‌ସପେକ୍ଟର ଆସି ସାହାଯ୍ୟ କରିବା ସହିତ ସମବେଦନା ଜଣାଇଥିଲେ । ପୌରାଧକ୍ଷ ଲୀଳା ସାହୁ ଘଟଣା ସ୍ଥଳରେ ପହଂଚି ସମବେଦନା ଜଣାଇବା ସହ ସାହାଯ୍ୟ ଯୋଗାଇବା ପ୍ରତିଶ୍ରୁତି ଦେଇଥିଲେ । ନିଆଁ ଲିଭା କାମ ସରିବା ପରେ ଦୋକାନୀମାନେ ରାସ୍ତା ଅବରୋଧ କରି କ୍ଷତି ପୂରଣ ଦାବି କରିଛନ୍ତି । ଏହି ଘଟଣା ପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି । ୧୦ କୋଟିରୁ ଅଧିକ ଜିନିଷ ଦୋକାନ ଆସବାସ ପତ୍ର ଜଳି ପୋଡି ପାଉଁଶ ହୋଇଥିବା କହିଛନ୍ତି ଦୋକାନୀମାନେ ।

## ଅଘଟଣକୁ ଅପେକ୍ଷା କରିଛି ରାସ୍ତା କଡର ଗାତ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**



ବୟାଳିଶମୌଜା ମୁଖ୍ୟରାସ୍ତା ସଂପ୍ରସାରଣ ବେଳେ ବେଂଟକାର କନକଦୁର୍ଗା ମନ୍ଦିର ନିକଟରେ ରାସ୍ତା ଉପରେ ଥିବା ଏକ ପୋଲକୁ ୮ଫୁଟ ସଂପ୍ରସାରଣ କରାଯାଇଥିଲା । ଏହି ସଂପ୍ରସାରଣ ବେଳେ ପୁରୁଣା ପୋଲଠାରୁ ନୂତନ ପୋଲ ମଧ୍ୟରେ ୫ଫୁଟ ଗଭୀରର ଗାତ ସୃଷ୍ଟି ହୋଇଥିଲା । ରାସ୍ତା ନିର୍ମାଣ କରୁଥିବା ଠିକାଦାର ଏହି ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଚାରିଟି ଯାକ ଗାତକୁ ଭର୍ତ୍ତି ନକରି ସେହିପରି ଛାଡିଦେଇଥିଲେ । ଏହିଠାରେ ରାସ୍ତା ବଙ୍କାଣି ଥିବାରୁ ଏବଂ ଗାତଗୁଡିକ ରାସ୍ତାକୁ ଲାଗିକି ରହୁଥିବାରୁ ଅନେକ ସମୟରେ ପଥଚାରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ସ୍କୁଲ ପିଲାମାନେ ଏହି ଗାତରେ ପଡି ଅନେକଥର ଖଣ୍ଡିଆଖାବରା ହୋଇ ଘରକୁ ଯାଉଛନ୍ତି । ରାସ୍ତା ନିର୍ମାଣକୁ ବର୍ଷେ ପୁରିବାକୁ ବସିଲାଣି । କିନ୍ତୁ ନା ଠିକାଦାର ନା ବିଭାଗୀୟ ଅଧିକାରୀ ଏ ନେଇ କୌଣସି ବିଭାଗୀୟ ପଦକ୍ଷେପ ନେଇନାହାନ୍ତି । ଏନେଇ ଗ୍ରାମବାସୀମାନେ ସେହି ସମୟରେ ଠିକାଦାରଙ୍କ ଦୃଷ୍ଟି ଆକର୍ଷଣ କରି ଅଭିଯୋଗ କରିଥିଲେ । ମାତ୍ର କୌଣସି ସୁଫଳ ମିଳିପାରିଲା ନାହିଁ । ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ କରିଲା ପରେ ବିଭାଗ କୌଣସି ପଦକ୍ଷେପ ନେଉନାହିଁ । ସତେ ଯେପରି ବିଭାଗ ଏକ ବଡ ଅଘଟଣକୁ ଅପେକ୍ଷା କରିଛି । ତେବେ ଏହି ଗାତଟିକୁ ପୋତି ଧନଜୀବନ କ୍ଷତିକୁ ରୋକିବାକୁ ବେଂଟକାର ଗ୍ରାମବାସୀଙ୍କ ସହିତ କାଳୀ ପ୍ରସନ୍ନ ଶତପଥି, ପ୍ରବୋଧ କୁମାର ନନ୍ଦ, ସୁଜିତ ପତି, ରାକେଶ ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

## ଚାରିଛକ ପ୍ରେସ କ୍ଲବର ବନ୍ଧୁ ମିଳନ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ଚାରିଛକ ପ୍ରେସ କ୍ଲବର ଏକ ବନ୍ଧୁମିଳନ ଉତ୍ସବ ଅସ୍ତରଙ୍ଗ ନିକଟସ୍ଥ ଗଙ୍ଗାଦେବୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲବର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ କୁମାର ମିତ୍ର, ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ ଦଳାଇ, ପ୍ରାକ୍ତନ ପ୍ରାଧ୍ୟାପକ ପଂଚାନନ ସାହୁ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, କାହ୍ନୁ ଚରଣ ବେହେରା, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ବନବିହାରୀ ଦାଶ, ଶିଶିର କୁମାର ନାୟକ, ଅର୍ଜୁନ ପାତ୍ର, ଅଧିନ ପାତ୍ର, ପ୍ରଶନ୍ନ ଦାଶ, ହିମାଂଶୁ ଶେଖର ଦାଶ, ଜୟନ୍ତ କୁମାର ସେଠୀ, ଗଦାଧର ସେଠ, ଗଙ୍ଗାଧର କର, କୈଳାଶ ଚନ୍ଦ୍ର କର, ମହେନ୍ଦ୍ର କୁମାର ନାୟକ, ସଭାପତି ପ୍ରଫୁଲ୍ଲ କୁମାର କର, ଉପ-ସଭାପତି ବସନ୍ତ କୁମାର ଦାସ, ସଂପାଦକ ଡଃ କେଦାରନାଥ ସାହୁ, ସଂଗଠନ ସଂପାଦକ ବିଜୟ କୁମାର ବେହେରା, ସହ-ସଂପାଦକ ସନ୍ତୋଷ କୁମାର ଦାସ, ସହ-ସଂପାଦକ ସୁବାସ ଚନ୍ଦ୍ର ସାହୁ, କ୍ୟାସିୟର ସୌମ୍ୟ ରଜଂନ ତ୍ରିପାଠୀ, ମିଡିଆସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ବରିଷ୍ଠ ସାମ୍ବାଦିକ ସଂଜୟ ପତି, ନାରାୟଣ ବେହେରା, ବସନ୍ତ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ କୁମାର ସାହୁ, ଅଚ୍ୟୁତାନନ୍ଦ ମିଶ୍ର, ଶଶୀକାନ୍ତ ତ୍ରିପାଠୀ, ଦେବାଶିଷ ନାୟକ, ରାଜେଶ କୁମାର ଲେଙ୍କା, ପ୍ରଶାନ୍ତ ସାହୁ, ବିନୋଦ ପ୍ରଧାନଙ୍କ ସମେତ ସମସ୍ତ ଉପଦେଷ୍ଟା ଓ ସଦସ୍ୟ ଯୋଗଦେଇଥିଲେ । ବୋଟରେ ବୁଲିବା ସହ ଭୋଜିଭାତ ଖାଇ ଖୁସି ମନାଇଥିଲେ । ମାତ୍ର ଦୁଃଖ ଓ ପରିତାପର ବିଷୟ ଉକ୍ତ ପୀଠକୁ ଯାଆସ କରିବାକୁ ଭଲ ରାସ୍ତାଟିଏ ନାହିଁ, ପର୍ଯ୍ୟଟକମାନଙ୍କ ଗାଡି ରଖିବା ପାଇଁ ଭଲ ପାର୍କିଂ ସ୍ଥଳଟିଏ ମଧ୍ୟ ନାହିଁ । ଯାହା ଫଳରେ ଉକ୍ତ ପୀଠକୁ ବହୁ କମ ସଂଖ୍ୟାର ପର୍ଯ୍ୟଟକ ଆସୁଛନ୍ତି । ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ପୀଠକୁ ପର୍ଯ୍ୟଟନଙ୍କ ଯାତାୟାତ ପାଇଁ ଭଲ ରାସ୍ତା ଓ ପାର୍କିଂସ୍ଥଳ ନିର୍ମାଣ କରିବା ପାଇଁ ପ୍ରେସକ୍ଲବର ସଦସ୍ୟମାନେ ଦାବି କରିଛନ୍ତି ।

## ଜନ ଅଭିଯୋଗ ଶୁଣାଣି

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୫୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୪ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୩ଟି, ଆବାସ ସମ୍ପର୍କୀୟ ୧୧ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୦ଟି, ପୋଲିସ ସହାୟତା ପାଇବା ପାଇଁ ଗୋଟିଏ, ପେନସନ ପାଇବା ପାଇଁ ଗୋଟିଏ ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା, ସାଗର କୁମାର ନନ୍ଦ, ତହସିଲଦାର, ବାଲିକୁଦା ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

## ଅସ୍ତରଙ୍ଗରେ ଜିଲ୍ଲା ପ୍ରଶାସନର ଜନଶୁଣାଣି

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**



ପୁରୀ ଜିଲ୍ଲା ପ୍ରଶାସନ ତରଫରୁ ସୋମବାର ଦିନ ଅସ୍ତରଙ୍ଗ ବ୍ଲକ ସଭା ଗୃହରେ ୧୫ଟି ପଞ୍ଚାୟତକୁ ନେଇ ଜନ ଶୁଣାଣି ବା ଅଭିଯୋଗ ପ୍ରକୋଷ୍ଠ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏହାର ନେତୃତ୍ୱ ନେଇଥିଲେ । ଏହି ଶୁଣାଣୀ ଶିବିରରେ ୨୦୦ଟି ଅଭିଯୋଗ ବିଚାର ପାଇଁ ପଡିଥିବାବେଳେ ରାସ୍ତା, ଭତ୍ତା, ରାସନ କାର୍ଡ, ଇନ୍ଦିରା ଆବାସ, ପାନୀୟଜଳ, ବିଶେଷ କରି ବିଭିନ୍ନ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଅଭିଯୋଗ ମିଳିଥିଲା । ସମୟ ଅତିବାହିତ ହୋଇଯାଇଥିବାରୁ କେତେକ ହିତାଧିକାରୀ ତାଙ୍କର ଅଭିଯୋଗ ପତ୍ର ଦାଖଲ କରି ନପାରି ଫେରିଯାଇଥିବାର ଦେଖିବାକୁ ମିଳିଥିଲା । ଏହି ଶୁଣାଣି କାର୍ଯ୍ୟକ୍ରମରେ, ସିଡିଏମଓ ଅକ୍ଷୟ କୁମାର ଶତପଥୀ, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ବିଡ଼ିଓ ସସ୍ମିତା ବେହେରା, ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ନିମାପଡା ଏସଡିପିଓ, ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ଭାଗ ନେଇଥିବା ବେଳେ, ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ । ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ଅସ୍ତରଙ୍ଗ ପ୍ରେସ୍ କ୍ଲବ୍ ଓ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘର ସଭାପତି ଶରତ କୁମାର ପରିଡ଼ା, ସମ୍ପାଦକ ବୃନ୍ଦାବନ ବିଶ୍ୱାଳ ସୋସିଆଲ ମିଡ଼ିଆର ସଂଯୋଜକ ଅଲେଖ ବିଶ୍ୱାଳ ସହ ସମସ୍ତ କର୍ମକର୍ତ୍ତା ସଦସ୍ୟ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଶରତ ବେହେରାଙ୍କୁ ଦାବିପତ୍ର ଦେଇଥିଲେ । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବହୁ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଅନଧିକୃତ ବିକ୍ରେତାଙ୍କ ବିରୁଦ୍ଧରେ ସ୍ୱତନ୍ତ୍ର ଅଭିଯାନ

**ଖୋର୍ଦ୍ଧା ରୋଡ୍:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପରିସୀମା ମଧ୍ୟରେ ବିଭିନ୍ନ ଷ୍ଟେସନ ଏବଂ ଟ୍ରେନରେ ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଥିବା ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକଳାପକୁ ବନ୍ଦ କରିବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ଭାରତୀୟ ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ କଡ଼ାକଡ଼ି ଭାବରେ ପାଳନ କରି ଯାତ୍ରୀ ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ଲକ୍ଷ୍ୟ ଅଟେ । ଅନଧିକୃତ ବିକ୍ରେତାଙ୍କ କାର୍ଯ୍ୟକଳାପ ଚିହ୍ନଟ କରିବା ପାଇଁ ବାଣିଜ୍ୟିକ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବରେ ନିୟୋଜିତ କରାଯାଇଛି । ସେମାନଙ୍କ ସହିତ, ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳ ପୋଲିସ କର୍ମଚାରୀମାନେ (ଯେଉଁମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପଯୁକ୍ତ ଭାବରେ ଅଧିକାରପ୍ରାପ୍ତ) ମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ଅଭିଯାନରେ ଅଂଶଗ୍ରହଣ କରୁଛନ୍ତି । ଅନଧିକୃତ ବିକ୍ରେତା ପରିଚ୍ଛନ୍ନତା ପ୍ରତି ବାଧା ସୃଷ୍ଟି କରିବା ସହ ବିକ୍ରି କରୁଥିବା ଦ୍ରବ୍ୟର ଅଧିକ ମୂଲ୍ୟ ଓ ଗୁଣବତ୍ତା ଏବଂ ସମ୍ଭାବ୍ୟ ସୁରକ୍ଷା ସମସ୍ୟା ସମେତ ଅନେକ ଚିନ୍ତା ସୃଷ୍ଟି କରିଥାନ୍ତି । ରେଳ ଆଇନ ଅନୁଯାୟୀ, ଅପରାଧୀମାନେ ଦଣ୍ଡ ଏବଂ ଜରିମାନା ସହ ଦଣ୍ଡିତ ହୋଇପାରିବେ । ଏହି ଅଭିଯାନକୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ନିଜେ ତଦାରଖ କରୁଛନ୍ତି ଯାହା ସମଗ୍ର ରେଳମଣ୍ଡଳରେ କଠୋର ଏବଂ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରୁଛି ।

## ରୋଟାରୀ କ୍ଲବ ଭୁବନେଶ୍ୱର ୟୁନିକ ଦ୍ୱାରା ବୟସ୍କଙ୍କ ପାଇଁ ଆଲୋଚନା ଚକ୍ର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ୟୁନିକ୍ ରବିବାର ଦିନ 'ସୁନ୍ଦର ବୟସର ଯାତ୍ରାକୁ ଆଲିଙ୍ଗନ' ଶୀର୍ଷକ ଏକ ଦିନିକିଆ ଆଲୋଚନାଚକ୍ରର ସଫଳତାର ସହିତ ଆୟୋଜନ କରିଥିଲା, ଯେଉଁଥିରେ ବରିଷ୍ଠ ନାଗରିକ ସମ୍ପ୍ରଦାୟର ବହୁମୁଖୀ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞ, ଚିନ୍ତନ ନେତା ଏବଂ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଏକତ୍ର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଏକ ପ୍ରେରଣାଦାୟକ ଉଦଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ପରେ ମାନସିକ ସ୍ୱାସ୍ଥ୍ୟ, ସୁସ୍ଥ ବାର୍ଦ୍ଧକ୍ୟ, ଡିଜିଟାଲ୍ ସୁରକ୍ଷା, ପୁଷ୍ଟିସାର, ଆଧ୍ୟାତ୍ମିକତା ଏବଂ ବରିଷ୍ଠ ସଶକ୍ତିକରଣ ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ କ୍ରମିକ ଅନ୍ତଃଦୃଷ୍ଟିପୂର୍ଣ୍ଣ ବୈଷୟିକ ଏବଂ ସାଂସ୍କୃତିକ ବିଭାଗ ଅନୁଷ୍ଠିତ ହୋଇଥିଲା ।

ଉପସ୍ଥାପନା ସମାରୋହ କ୍ଲବର ସଭାପତି ରୋଟାରିଆନ୍ ସଂଘମିତ୍ରା ରଥ ସ୍ୱାଗତ ଭାଷଣ ଦେଇଥିଲେ । ଏହା ପରେ ଆର୍ଯ୍ୟ ପାଣିଗ୍ରାହୀ, ଅଧ୍ୟକ୍ଷା ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ସୁଧୀର କୁମାର ବେହେରା, ସଚିବ ଆନୁଷ୍ଠାନିକ ଭାବରେ କନକ୍ଲେଭର ବିଷୟବସ୍ତୁ ସ୍ଥିର କରିଥିଲେ ।

ମୁଖ୍ୟବକ୍ତା କୃପାସିନ୍ଧୁ ସାହୁ ଏକ ଆକର୍ଷଣୀୟ ଭାଷଣ ଦେଇଥିଲେ ଏବଂ କ୍ଲବ ଦ୍ୱାରା ତାଙ୍କୁ ଆଦର୍ଶ ସେବା ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ସମ୍ମାନିତ ମୁଖ୍ୟ ଅତିଥି ଜଷ୍ଟିସ୍ ଲକ୍ଷ୍ମୀକାନ୍ତ ମହାପାତ୍ର, ବରିଷ୍ଠ ନାଗରିକଙ୍କ ପ୍ରତି ମର୍ଯ୍ୟାଦା, ଅଧିକାର ଏବଂ ସାମାଜିକ ଦାୟିତ୍ୱ ଉପରେ ମୂଲ୍ୟବାନ ଅନ୍ତଃଦୃଷ୍ଟି ପ୍ରଦାନ କରି ସଭାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ କ୍ଲବର ସଫଳତା ଏବଂ ପଦକ୍ଷେପଗୁଡ଼ିକୁ ଉନ୍ମୋଚନ କରିଥିବା ଏକ ସ୍ମାରକୀ ପ୍ରକାଶ କରାଯାଇଥିଲା । ଟେକ୍ନିକାଲ୍ ଅଧିବେଶନଗୁଡ଼ିକ ଏସସିବିର ମାନସିକ ସ୍ୱାସ୍ଥ୍ୟ-ପ୍ରତିଷ୍ଠାର ପ୍ରଫେସର ଡାକ୍ତର ସାରଦା ପ୍ରସନ୍ନ ସ୍ୱାଇଁ, ଯିଏ ବୟସ୍କମାନଙ୍କ ମାନସିକ ସ୍ୱାସ୍ଥ୍ୟ ଆବଶ୍ୟକତା ଉପରେ କ୍ଲିନିକାଲ୍ ଦୃଷ୍ଟିକୋଣ ବାଣ୍ଟିଥିଲେ । ଏହା ପରେ ଡ୍ରିମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥ ସାଇନ୍ସ ଆଣ୍ଡ ହସ୍ପିଟାଲର ପ୍ରଫେସର ଡକ୍ଟର ଅର୍ପିତା ପ୍ରିୟଦର୍ଶିନୀ, 'ନିର୍ଭୟ ବାର୍ଦ୍ଧକ୍ୟ' ଏବଂ ଆତ୍ମବିଶ୍ୱାସ ଏବଂ ସକାରାତ୍ମକତା ସହିତ ପରବର୍ତ୍ତୀ ଜୀବନକୁ ଗ୍ରହଣ କରିବାର ଉପାୟ ଉପରେ ବକ୍ତବ୍ୟ ରଖିଥିଲେ ।

ଏୟାର କମୋଡୋର ନିରଞ୍ଜନ କୁମାର ପାର୍ହି 'ସୁରକ୍ଷିତ ରୁହନ୍ତୁ- ଅନଲାଇନ୍: ଆଜିର ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ମାର୍ଟ ମାର୍ଗଦର୍ଶିକା' ଶୀର୍ଷକ ଅନଲାଇନ୍ ସୁରକ୍ଷା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଉପସ୍ଥାପନ କରିଥିଲେ । ପ୍ରକୃତିବିତ୍ ଏବଂ ପାରମ୍ପରିକ ଭାରତୀୟ ଔଷଧ ବିଶେଷଜ୍ଞ ଶ୍ରୀମତୀ ସ୍ୱରୂପା ସେନାପତି, 'ଆୟୁର୍ବେଦ ସହିତ ସୁନ୍ଦର ବାର୍ଦ୍ଧକ୍ୟ' ବିଷୟରେ ଦର୍ଶକଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହାପରେ ବ୍ରହ୍ମା କୁମାରୀଙ୍କ ଭଉଣୀ ଦେବେଶ ନନ୍ଦିନୀ, ବୟସ୍କ କଲ୍ୟାଣରେ ଆଧ୍ୟାତ୍ମିକତାର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ରାୟପୁରରୁ 'ଯାଦୁକରୀ ଅଜୁବା' ଏକ ସ୍ୱତନ୍ତ୍ର ଯାଦୁକରୀ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷଣୀୟ ପ୍ରଦର୍ଶନ ସହିତ ମୁଗ୍ଧ କରିଥିଲା ।

କାର୍ଯ୍ୟକ୍ରମଟି ପ୍ରକାଶ ଚନ୍ଦ୍ର ଦାସଙ୍କ ଦ୍ୱାରା ଏକ ସ୍ପଷ୍ଟ ଉପସଂହାର ଏବଂ ଦେବୀଦତ୍ତ ଦାସ ଦ୍ୱାରା ଧନ୍ୟବାଦ ଅର୍ପଣ ସହିତ ଶେଷ ହୋଇଥିଲା । ଡକ୍ଟର ସୁଭେନ୍ଦୁ ଦାସ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଯେତେବେଳେ ଦିବ୍ୟରଞ୍ଜନ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

ସମ୍ମିଳନୀଟି ଆର୍ସିବି ୟୁନିକ୍‌ର ସଚେତନତା, କରୁଣା ଏବଂ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ବୃଦ୍ଧ ସମ୍ପ୍ରଦାୟର ସେବା କରିବା ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିଥିଲା । କ୍ଲବ ଆଗାମୀ ବର୍ଷରେ ବରିଷ୍ଠ କଲ୍ୟାଣ, ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ଅନ୍ତର୍ଭୁକ୍ତ ସେବା ପ୍ରକଳ୍ପ ଉପରେ ଏହାର ନିରନ୍ତର ଧ୍ୟାନ ଘୋଷଣା କରିଛି । ସଭାରେ ରୋଟାରୀଆନ ମିନତି ମହାପାତ୍ର, ନିରଜ ନୟନ ଦତ୍ତ, ଲକ୍ଷ୍ମୀକାନ୍ତ ପାଳିତ, ପ୍ରଫେସର ଅନନ୍ତ କିଶୋର ଜେନା, ଡ ସରୋଜ କୁମାର ତ୍ରିପାଠୀ, ଶିଶିର କୁମାର ପଟ୍ଟନାୟକ, କୋଷାଧକ୍ଷ ରାମକୃଷ୍ଣ ସାଇ, ବୃନ୍ଦାବନ ମଲ୍ଲିକ, ସୌଭାଗ୍ୟ କୁମାର ଭୂୟାଁ, ଅସୀମା ପଣ୍ଡା, ସୀମା ଅଗ୍ରୱାଲ ପ୍ରମୁଖ ଯୋଗଦାନ କରିଥିଲେ ।

## ପୋସ୍ ଆକ୍ଟ ସଚେତନତା




**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପୋସ ଆକ୍ଟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକଙ୍କ ସହଯୋଗ କ୍ରମେ ବିଶ୍ୱବିଦ୍ୟାଳୟର ଗଣେଶ ହଲଠାରେ ଏକ ସଭା ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ 'ଲିପିକା' ଏନଜିଓର ନିର୍ଦ୍ଦେଶିକା ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ରଂଜିତା ଦାସ । ନିଜ ବକ୍ତବ୍ୟରେ ସେ ଆଇସିସିର ଗଠନ ତଥା କାର୍ଯ୍ୟଧାରା ସମ୍ପର୍କରେ ଯଥାଯଥ ପରାମର୍ଶ ଦେବା ସହ 'ପୋସ୍ ଆକ୍ଟ' ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିବା ସହ ଛାତ୍ରଛାତ୍ରୀଙ୍କୁ ସଚେତନ ହେବା ପାଇଁ ଆହ୍ୱାନ ଦେଇଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ଆଇସିସିର ଅଧ୍ୟକ୍ଷା ଡ. ଉଷାରାଣୀ ରଥ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଚାସୀନ ଉପ କୁଳସଚିବ ତଥା ଆଇସିସିର ବରିଷ୍ଠ ସଦସ୍ୟ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ନିଜ ବକ୍ତବ୍ୟରେ ଛାତ୍ରୀ ତଥା ମହିଳା କର୍ମଚାରୀମାନଙ୍କୁ ନିର୍ଭୀକ ହେବା ନିମନ୍ତେ ପରାମର୍ଶ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ପୋସ୍ ଆକ୍ଟ ସମ୍ପର୍କରେ ଅନେକ ପ୍ରଶ୍ନ ଅତିଥିଙ୍କୁ ପଚାରି ସନ୍ଦେହ ମୋଚନ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଆଇସିସିର ସମସ୍ତ ସଦସ୍ୟ, ଅଧ୍ୟାପକ, ଅଧ୍ୟାପିକା ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

### AFFIDAVIT

By virtue of an affidavit before the Executive Magistrate, Kendrapara on dated 01.08.2025 I Swamy Divya Swarupanmanda Saraswati (Sri Maa) , C/O Guru Swamy Chidananda Saraswati, At- Shivananda Ashram, Village - Garapur, P.O. - Kapaleswar, P.S.- Kendrapara Sadar, Dist- Kendrapara, declare that I have changed my name from Brahmacharini Divyasorupa Chaitanya to Swamy Divya Swarupananda Saraswati (Sri Maa). Henceforth I shall be known as Swamy Divya Swarupananda Saraswati (Sri Maa) for all future purposes.

Sd/-
Swamy Divya Swarupananda Saraswati (Sri Maa)

### AFFIDAVIT

By virtue of an affidavit sworn before The Executive Magistrate, Sukinda, Jajpur, Date: 08/12/2025, I, Hemanta Mahanta, resident of Vill- Sapuapada, Madhapur Po- Sukinda, Ps- Sukinda, Block- Sukinda, Dist- Jajpur, Pin- 755018, Odisha declare that I have changed name of my son from Suvakanra Mahanta to Subhankar Mahanta. Henceforth, he shall be known as Subhankar Mahanta for all purposes.

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 9th December, 2025 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ଡବାରୁ ଶାଶୁ ସରିଯାଇଛନ୍ତି

### ହେଲ୍ଥ ଟନିକ୍



ନବବିବାହିତା ପୁତ୍ରବଧୂ ସେଦିନ ଶଶୁରଙ୍କୁ କହିଲା– ବାପା, ଆପଣ ଆଜି ବଜାରକୁ ଯେତେବେଳେ ଯିବେ ମନେକରି ଲବଙ୍ଗ ଆଣିବେ ।

ଶଶୁର ଏ କଥା ଶୁଣିବା ମାତ୍ରେ ଅଳ୍ପ ଟିକେ ହସିଲେ । ତା'ପରେ ବୋହୂକୁ ତାଗିଦ୍ କରିଦେଇ କହିଲେ– ଶୁଣ୍ ମା, ବୋହୂମାନେ ଶାଶୁଙ୍କ ନାଁ ଧରନ୍ତି ନାହିଁ । ତୋ ଶାଶୂ ନାଁ ଲବଙ୍ଗ । ଏବେଠୁ ଆଉ ଲବଙ୍ଗ କହିବୁନି ।

କିଛିଦିନ ପରେ ଶଶୁର ବଜାରକୁ ବାହାରିଛନ୍ତି । ବୋହୂ ଆସି ତାଙ୍କୁ କହିଲା– ବାପା, ଡବାରୁ ଶାଶୁ ସରି ଯାଇଛନ୍ତି । ଫେରିଲା ବେଳେ ବଜାରରୁ କିଛି ଶାଶୁ ନେଇକି ଫେରିବେ ।

# ଆଜି ବାରବାଟୀ ଟି-୨୦ ଲଢ଼େଇ

**କଟକ,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ମଙ୍ଗଳବାର ଟି-୨୦ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ। ଏଥିପାଇଁ ବାରବାଟୀ ପଡ଼ିଆ ସଂପୂର୍ଣ୍ଣ ପ୍ରସ୍ତୁତ ରହିଛି । କେବଳ ମୁକାବିଲାକୁ ଅପେକ୍ଷା । ୪୦ହଜାରରୁ ଅଧିକ ଦର୍ଶକଙ୍କ ଉପସ୍ଥିତିରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଯୋରଦାର ଲଢ଼େଇ ହେବ । ଏହାପୂର୍ବରୁ ସୋମବାର ଭାରତ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳୀମାନେ ବାରବାଟୀରେ ଅଭ୍ୟାସ କରିଛନ୍ତି । ମଂଗଳବାର ମହାମୁକାବିଲା ପାଇଁ ଟିମ ଇଣ୍ଡିଆର ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଉପଅଧିନାୟକ ଶୁଭମନ ଗିର୍, ଓପନିଂ ବ୍ୟାଟ୍ସମ୍ୟାନ୍ ଅଭିଷେକ ଶର୍ମା, ତ୍ରିଲୋକ ବର୍ମା, ଶିବମ ଦୁବେ, ଅକ୍ଷର ପଟେଲ, ସଂଜୁ ସାମସଙ୍ଗ, ଯଶପ୍ରୀତ ବୁମ୍ରା, କୁଳଦୀପ ଯାଦବ ଓ ଅନ୍ୟ ଖେଳାଳୀମାନେ ସୋମବାର ବାରବାଟୀରେ ଅଭ୍ୟାସ କରିଥିଲେ । ରନିଂ ଓ ବ୍ୟାୟାମ ସହିତ ଝାଳ ବୁହାଇ ଷ୍ଟାଡ଼ିୟମର ସ୍ଥିତିକୁ ଅତି ନିକଟରୁ ଖେଳାଳୀମାନେ ପରଖିଥିଲେ । ଅପରାହ୍ନ ସାଢ଼େ ୧ ଟାରୁ ୪.୩୦ ଯାଏ ଟିମ ଇଣ୍ଡିଆର ଖେଳାଳୀମାନେ ବାରବାଟୀ ପଡ଼ିଆରେ ଯୋରଦାର ଅଭ୍ୟାସ କରିଥିଲେ । ଅଭ୍ୟାସ ପୂର୍ବରୁ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସାମ୍ବାଦିକ ସମ୍ମିଳନୀରେ ଏକ ବଡ଼ ସୂଚନା ଦେଇଛନ୍ତି । ଗିର୍ ଫିଟ ହୋଇ ଦଳକୁ ଫେରିଛନ୍ତି । ତେଣୁ ସେ ଦଳରେ ନିଜ ସ୍ଥାନ ପକ୍କା କରି ବାରବାଟୀରେ ଖେଳିବେ ବୋଲି ଅଧିନାୟକ ସୂର୍ଯ୍ୟକୁମାର ସୂଚନା ଦେଇଛନ୍ତି ।

ଟି-୨୦ ଫରମାଟରେ ଆସନ୍ତା ବିଶ୍ୱକପ ପ୍ରସ୍ତୁତିକୁ ନେଇ ଅଧିନାୟକ ସୂର୍ଯ୍ୟ କୁମାର ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି । ପରୀକ୍ଷା ଆରମ୍ଭର ଶେଷ ୪ ଦିନ ପୂର୍ବରୁ ସବୁ ପାଠ ପଢ଼ାଯାଏ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି । ତେଣୁ ଦଳ ୨୦୨୪ ଟି-୨୦ ବିଶ୍ୱକପ ପରଠାରୁ ପ୍ରସ୍ତୁତି ଆରମ୍ଭ କରିସାରିଛି । ଟିମ କମ୍ବିନେସନରେ ବେଶି କିଛି ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର ସୂଚନା ଦେଇଛନ୍ତି । ଗତ ୫ ରୁ ୬ଟି ସିରିଜରେ ପରିବର୍ତ୍ତନ କରିନୁ, ଆଗକୁ ବି ଦଳରେ ବେଶି ଅଦଳବଦଳ କରିବୁ ନାହିଁ ବୋଲି ଅଧିନାୟକ କହିଛନ୍ତି । ଏହାଛଡ଼ା ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି, ଗିଲ୍ ଫିଟ ହୋଇ ଫେରିଛନ୍ତି । ତେଣୁ ସେ ତାଙ୍କ ସ୍ଥାନରେ ଖେଳିବେ । ସଂଜୁ ସାମସଙ୍ଗ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛନ୍ତି । ପାଣ୍ଡ୍ୟା ଓ ଦୁବେ ଦୁହେଁ ଅଲରାଉଣ୍ଡର ତେଣୁ କାହାକୁ କାହା ସହିତ ତୁଳନା କରିବା ଠିକ ନୁହେଁ । ବାରବାଟୀରେ ଘରୋଇ ମ୍ୟାଚ ଖେଳିବାର ଅନୁଭୂତି ରହିଛି ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି ।

ସେହିପରି ଦକ୍ଷିଣ ଆଫ୍ରିକା ଦଳ ସନ୍ଧ୍ୟା ୫ଟା ୩୦ ରୁ ୮ଟା ୩୦ ଯାଏ ବାରବାଟୀରେ ଅଭ୍ୟାସ କରିଥିଲେ । ଦକ୍ଷିଣ ଆଫ୍ରିକା କ୍ୟାପଟେନ ମାକରାମ ଡି ବ୍ରୁଇସ, ଟନିଡି ଯୋରଜୀ, ରେଜା ହେଣ୍ଡ୍ରିକ୍ସ, ଡେଭିଡ଼ ମିଲର, ମାର୍କୋ ଯାନସେନ, କ୍ୱିଣ୍ଟନ ଡି କକ୍, କେଶବ ମହାରାଜ ଓ ଅନ୍ୟାନ୍ୟ ଖେଳାଳୀମାନେ ବାରବାଟୀରେ ଯୋରଦାର ଅଭ୍ୟାସ କରିଥିଲେ । ଅଭ୍ୟାସ ପୂର୍ବରୁ ବାରବାଟୀରେ ଦକ୍ଷିଣ ଆଫ୍ରିକା ଅଧିନାୟକ ମାକରମ ପ୍ରେସ ମିଟ କରିଥିଲେ । ଦକ୍ଷିଣ ଆଫ୍ରିକା ଅଧିନାୟକ ମାକରମ କହିଛନ୍ତି, ଆମେ ଭଲ ପ୍ରଦର୍ଶନ କରିବୁ । ବିଗତ ମ୍ୟାଚ ଗୁଡ଼ିକ ଆମକୁ ଭଲ ଅନୁଭୂତି ଦେଇଛି । ଦିନିକିଆ ସିରିଜରେ ଆମେ ଭଲ ଖେଳିଛୁ । ଟି-୨୦ ସିରିଜରେ ମଧ୍ୟ ଭଲ ପ୍ରଦର୍ଶନ କରିବୁ ବୋଲି ଅଧିନାୟକ ମାକରମ କହିଛନ୍ତି ।

ସୂଚନାଯୋଗ୍ୟ, ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଆନ୍ତର୍ଜାତୀୟ ଟି-୨୦ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖ ମଂଗଳବାର ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ । ସନ୍ଧ୍ୟା ୭ଟା ରେ ଏହି ମ୍ୟାଚ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି । ଟସ୍ ଅଧଘଣ୍ଟା ପୂର୍ବରୁ ଅର୍ଥାତ ସନ୍ଧ୍ୟା ସାଢ଼େ ୬ଟା ହେବ । ମ୍ୟାଚ ରାତି ପ୍ରାୟ ୧୧ଟା ରେ ଶେଷ ହେବ । ମ୍ୟାଚ ସୁରକ୍ଷା ଦାୟିତ୍ୱରେ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ଅଧିକାରୀ ମୃତୟନ ହେବେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଷ୍ଟାଡ଼ିୟମ ପରିସରରେ ଏସଓଜି କମାଣ୍ଡ ମୃତୟନ ରହିବେ । ଏସଓଜି ଯବାନ ସମସ୍ତ ଗତିବିଧି ଉପରେ ନଜର ରଖିବେ । ପାଖାପାଖି ୨୦୦ଫୁଟ ଉଚ୍ଚରୁ ଏସଓଜି ଯବାନମାନେ ସମସ୍ତ ଗତିବିଧି ଉପରେ ନଜର ରଖିବେ । ବାରବାଟୀ ଟି-୨୦ ମ୍ୟାଚ ପାଇଁ ୬ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି ।



# ନବଜୋତ କୌର କଂଗ୍ରେସରୁ ନିଲମ୍ବିତ

**ନୂଆଦିଲ୍ଲୀ,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତନ କ୍ରିକେଟର ତଥା କଂଗ୍ରେସ ନେତା ନବଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ଡକ୍ଟର ନବଜୋତ କୌରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି । ପଞ୍ଜାବ କଂଗ୍ରେସ ରାଜ୍ୟ ସଭାପତି ଅମରିନ୍ଦର ସିଂହ ରାଜା କହିଛନ୍ତି ଯେ, ଡକ୍ଟର ନବଜୋତ କୌର ସିଦ୍ଧୁଙ୍କୁ ଦଳର ପ୍ରାଥମିକ ସଦସ୍ୟତାରୁ ତୁରନ୍ତ ନିଲମ୍ବିତ କରାଯାଇଛି । ନବଜୋତ କୌରଙ୍କ ୫୦୦ କୋଟି ଟଙ୍କାର ମନ୍ତବ୍ୟ ବିବାଦ ସୃଷ୍ଟି କରିଛି ।

ଦୁଇ ଦିନ ପୂର୍ବରୁ ନବଜୋତ କୌର କହିଥିଲେ ଯେ ଯଦି ସିଦ୍ଧୁଙ୍କୁ ମୁଖ୍ୟମନ୍ତ୍ରୀ ଚେହେରା କରାଯାଏ, ତେବେ ସେ ଦଳରେ ସକ୍ରିୟ ହେବେ । ଆମେ ଫଳାଫଳ ଦେଇପାରିବୁ ଏବଂ ପଞ୍ଜାବକୁ ଏକ ସୁନାର ରାଜ୍ୟ କରିପାରିବୁ ବୋଲି ସେ କହିଥିଲେ । କଂଗ୍ରେସ ଦଳ ଭିତରେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତେ ମୁଖ୍ୟମନ୍ତ୍ରୀ ହେବା ପାଇଁ ପ୍ରତିଯୋଗିତା କରୁଛନ୍ତି । ସେମାନେ ଦଳକୁ ପରାସ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଆମ ପାଖରେ ଟଙ୍କା ନାହିଁ ଏବଂ ଯିଏ ୫୦୦ କୋଟି ଟଙ୍କା ଥିବା ବ୍ରିଫକେସ୍ ଦିଏ, ତାଙ୍କୁ ମୁଖ୍ୟମନ୍ତ୍ରୀ ଫେସ୍ କରାଯାଏ ବୋଲି ନବଜୋତ କୌର ଶନିବାର ପଞ୍ଜାବ ରାଜ୍ୟପାଳଙ୍କୁ ଭେଟିବା ପରେ ଏହି ମନ୍ତବ୍ୟ ଦେଇଥିଲେ ।

ନବଜୋତ କୌରଙ୍କ ଦାବି ପରେ, ପଞ୍ଜାବ ବିଜେପି ରାଜ୍ୟ ସଭାପତି ସୁନୀଲ ଜାଖର ମଧ୍ୟ କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ଜାଖର କହିଛନ୍ତି ଯେ, କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ଅନେକ ମାନଦଣ୍ଡ ଅଛି । ଏହି ମାନଦଣ୍ଡ ମଧ୍ୟରୁ ଗୋଟିଏ ହେଉଛି ଶିଖ ହେବା ଦରକାର । ସିଦ୍ଧୁ ଏହି ମାନଦଣ୍ଡ ପୂରଣ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହାରେ କ୍ୟାପଟେନ ଅମରିନ୍ଦର ସିଂହଙ୍କ ଇସ୍ତଫା ପରେ, ସୁନୀଲ ଜାଖର ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ ଥିଲେ । ସେହି ସମୟରେ ଅମ୍ବିକା ସୋନି ପଞ୍ଜାବର ମୁଖ୍ୟମନ୍ତ୍ରୀ ଭାବରେ ଜଣେ ହିନ୍ଦୁଙ୍କୁ ନିଯୁକ୍ତି ଦେବା ଉପରେ ଆପତ୍ତି କରିଥିଲେ । କ୍ୟାପଟେନ ଅମରିନ୍ଦର ସିଂହ ଏବଂ ସୁନୀଲ ଜାଖର କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଛନ୍ତି ।

# ପଛୁଆ ବର୍ଗଙ୍କ ପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ଜରୁରୀ

**ଭୁବନେଶ୍ୱର,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟରେ ପଛୁଆବର୍ଗଙ୍କ ସଂରକ୍ଷଣକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବିଧାନସଭା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ବିଧାନସଭାରେ ତାଙ୍କ କକ୍ଷରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଓଡ଼ିଶାର ସମୁଦାୟ ଜନସଂଖ୍ୟାର ପ୍ରାୟ ୯୪ ପ୍ରତିଶତ ପଛୁଆବର୍ଗ (ଓବିସି ଓ ଏସ୍ଇବିସି ୫୪ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତି ୪୦ ପ୍ରତିଶତ) ଅଟନ୍ତି । ସମ୍ବିଧାନର ୧୬୪ (୧) ଧାରା ଅନୁଯାୟୀ ଓଡ଼ିଶାର ଉକ୍ତ ବର୍ଗଙ୍କୁ ବିଶେଷ ସଂରକ୍ଷଣ ସୁବିଧା ଦେବାପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇଆସିଛନ୍ତି । ଏ ବିଷୟକୁ ଅତ୍ୟନ୍ତ ଗୁରୁତ୍ୱର ସହ ବିଚାରକୁ ନେଇ ଓଡ଼ିଶା ବିଧାନସଭା, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଅନୁରୋଧ କରିଛନ୍ତି ।

୬ ତାରିଖରେ ବାବା ସାହେବ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ "ସାମାଜିକ ନ୍ୟାୟ ଓ ଓଡିଶା" ସମାବେଶରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଯେ ଓଡିଶା ବିଧାନସଭା ରାଜ୍ୟ ସରକାରଙ୍କୁ ସମ୍ବିଧାନର ଅନୁଚ୍ଛେଦ ୧୫ (୪) ଓ ୧୬ (୪) ଅନୁଯାୟୀ ସୁପାରିସ କରୁଛି ଯେ ରାଜ୍ୟର ଓବିସି/ ଏସଇବିସି ଏବଂ ଅନୁସୂଚିତ ଜାତି - ଅନୁସୁଚିତ ଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ ମେଡିକାଲ / ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ତୁରନ୍ତ ଲାଗୁ କରିବା ସଂଗେ ସଂଗେ ଏହି ସଂଖ୍ୟାନୁପାତିକ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନର ନବମ ସୂଚୀରେ ସାମିଲ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରନ୍ତୁ । ଏଥିନିମନ୍ତେ ରାଜ୍ୟ ସରକାର ବିଧାନସଭାରେ ଏକ ସରକାରୀ ପ୍ରସ୍ତାବ ଆଗତ କରିବା ସହ ତାକୁ ସର୍ବଦଳୀୟ ସମର୍ଥନରେ ଗୃହୀତ କରି କେନ୍ଦ୍ର ସରକାରଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାନସଭାର ଚଳିତ ଅଧିବେଶନରେ ଗୃହୀତ କରାଇବାକୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି । ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବିଧାୟକ ଅଶୋକ ଦାସ, ବିଧାୟକ ସିଏସ ରାଜନ ଏକ୍କା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ପିସିସି ଗଣମାଧ୍ୟମ ଅଧକ୍ଷ ଅରବିନ୍ଦ ଦାସ ସାମିଲ ହୋଇ ବାଚସ୍ପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଓଡିଶାର ଋଣ ଭାର ୧ ଲକ୍ଷ ୨୬ହଜାର କୋଟି

**ଭୁବନେଶ୍ୱର,୮।୧୨: ତଥ୍ୟ**

ଓଡିଶାର ଋଣ ଭାରତ ଚଳିତବର୍ଷ ଅକ୍ଟୋବର ଶେଷ ସୁଦ୍ଧା ୧ଲକ୍ଷ ୨୬ହଜାର କୋଟି ଟଙ୍କାକୁ ଟପିଯାଇଛି । ୨୦୧୩-୧୪ ମାର୍ଚ୍ଚ ମାସ ଶେଷସୁଦ୍ଧା ଏହା ୩୮,୬୬୬ କୋଟି ଟଙ୍କା ରହିଥିଲା ।

ରାଜ୍ୟର ଋଣଭାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ମୋଟ ଋଣ ଭାରତ ୧,୨୦,୭୧୦କୋଟି ଟଙ୍କା ଥିଲା । ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ ର ଅକ୍ଟୋବର ଶେଷ ସୁଦ୍ଧା ଏହା ୧,୨୬,୭୯୯ କୋଟି ଟଙ୍କାରେ ପହଞ୍ଚିଛି ।

ରାଜ୍ୟ ସରକାର ଋଣ ଭାର ହ୍ରାସ କରିବାପାଇଁ ସରକାର ରାଜସ୍ୱ ବଳକା ସୃଷ୍ଟିକରି ଋଣ ଉପରେ ଥିବା ନିର୍ଭରଶୀଳତାକୁ ହ୍ରାସ କରିଛନ୍ତି । ଜୀତୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ କୌଣସି ଋଣ ଅଣାଯାଉନଥିବାବେଳେ ୫୦ ବର୍ଷର ସୁଧ ବିହୀନ ଋଣକୁ ପ୍ରାଥମିକତା ଦେଇ ବିଭିନ୍ନ ବିଭାଗରେ ସଂସ୍କାର ଅଣାଯାଉଛି । ଏହାଦ୍ୱାରା ପ୍ରତିବର୍ଷ ସୁଧ ଦେୟର ଭାର ହ୍ରାସ ପାଉଛି ।

ନାବାର୍ଡ, କାମ୍ପା, ଓ ଓମ୍ବାଡକରୁ କମ୍ ସୁଧ ଯୁକ୍ତ ଋଣ ଅଣାଯାଉଛି । ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିଶ୍ ତଥା ରାଜ୍ୟ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଅଧିନିୟମ ୨୦୦୫ ଅନୁଯାୟୀ ରାଜ୍ୟର ଋଣ ଭାରତ ରାଜ୍ୟର ସକଳ ଘରୋଇ ଉତ୍ପାଦ (ଜିଏସ୍ଡିପି)ର ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବା ଆବଶ୍ୟକ । ଏହା ବ୍ୟତିତ ସୁଧ ଦେୟ ଓ ମୋଟ୍ ରାଜସ୍ୱର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ସୀମିତ ରହିବ । ତେବେ ରାଜ୍ୟର ଋଣଭାର ଓ ରାଜ୍ୟର ଜିଏସ୍ଡିପିର ଅନୁପାତ ୨୦୨୪-୨୫ ଶେଷରେ ୧୨.୭୨ ପ୍ରତିଶତ ଏବଂ ସୁଧ ଦେୟ ଓ ରାଜ୍ୟର ମୋଟ୍ ରାଜସ୍ୱର ଅନୁପାତ ଏହି ବର୍ଷରେ ୨.୮୭ ପ୍ରତିଶତ ରହିଛି, ଯାହାକି ଧାର୍ଯ୍ୟ ସୀମାଠାରୁ ଯଥେଷ୍ଟ କମ୍ ଅଟେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

# ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନକୁ ଓଷ୍ଟାର ସମର୍ଥନ

**କଟକ,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରର ଗାନ୍ଧିମାର୍ଗରେ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଧାରଣାକୁ ଓଡ଼ିଶାର ସର୍ବବୃହତ ଗଣ ସଙ୍ଗଠନ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୈତିକ ସମର୍ଥନ ଜଣାଇଛି ।

ସୂଚନାଥାଉକି, ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଇଦଫା ଦାବିରେ ଶୀତ କାକରରେ ରାଜଧାନୀର ରାଜରାସ୍ତାରେ ପଡ଼ି ରହିଛନ୍ତି । ୨୦୦୧ରୁ ଏପର୍ଯ୍ୟନ୍ତ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ (ଏନ୍‌ପିଏସ୍ ବର୍ଗ)ଙ୍କ ଠିକା ଅବଧିକୁ ନିୟମିତ ମାନ୍ୟତା ସହ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ, ପଦ ଅପଗ୍ରେଡ଼ କରି ଲେବୁଲ ୨ ଏବଂ ୩୫,୪୦୦ ଟଙ୍କା ହାରରେ ୪୨୦୦ ଟଙ୍କା ଗ୍ରେଡ଼ପେ ଅନୁଯାୟୀ ଦରମା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି । ପୂର୍ବ ଘୋଷଣା ଅନୁଯାୟୀ ପ୍ରାଥମିକ ଶିକ୍ଷକ ମହାସଂଘ(ଏନ୍‌ପିଏସ୍) ଆହ୍ୱାନରେ ହଜାର ହଜାର ଶିକ୍ଷକ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସ୍କୁଲ ଫେରିବେ ନାହିଁ ବୋଲି ଯେଉଁ ଚେତାବନୀ ଦେଇଛନ୍ତି ତାହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପୂର୍ଣ୍ଣଭାବରେ ସମର୍ଥନ କରୁଛି । ଦେଶର ବାଇଶିଗୋଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ୩୫,୪୦୦ ଟଙ୍କା ଓ ତା'ଠାରୁ ଅଧିକ ଏବଂ ୪୨୦୦ ଟଙ୍କା ଗ୍ରେଡ଼ପେ ହାରରେ ଦରମା ମିଳୁଛି । ମାତ୍ର ଓଡ଼ିଶା ସରକାର ସର୍ବନିମ୍ନ ଦରମା ୫୨୦୦ ଟଙ୍କା ଓ ୨୨୦୦ ଟଙ୍କା ଗ୍ରେଡ଼ ପେ ଅନୁଯାୟୀ ଦରମା ଦେଉଛନ୍ତି । ୨୦୧୭ରୁ ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ ସିଟିରୁ ଯୁକ୍ତ ୨ ସିଟିକୁ ଉନ୍ନୀତ କରାଯାଇଥିଲେ ମଧ୍ୟ ପଦବୀ ଅପଗ୍ରେଡ଼ କରି ଯୁକ୍ତ ୨ ସିଟି ହାରରେ ଦରମା ପ୍ରଦାନ କରାଯାଉ ନାହିଁ । ରାଜ୍ୟ ସରକାରଙ୍କ ଅଧୀନରେ ଅନ୍ୟ ବିଭାଗରେ ଯୁକ୍ତ ୨ ସିଟି ଯୋଗ୍ୟତାଧାରୀଙ୍କ ଦରମା ୨୯,୪୦୦ ଓ ୨୮୦୦ ଗ୍ରେଡ଼ ପେ ହାରରେ ଦରମା ପ୍ରଦାନ ସହିତ ୧୦ ବର୍ଷ କାର୍ଯ୍ୟକାଳ ସମାପ୍ତି ପରେ ୪୨୦୦ ଗ୍ରେଡ଼ ପେ ଅନୁଯାୟୀ ଦରମା ଦିଆଯାଉଛି । ପ୍ରାଥମିକ ଶିକ୍ଷକଙ୍କ କ୍ଷେତ୍ରରେ ସମାନ କାମକୁ ସମାନ ଦରମା ନୀତି ଉଲ୍ଲଙ୍ଘନ ହେଉଛି । ଏହି ଦାବୀ ଯଥାର୍ଥ ଓ ଯୁକ୍ତିଯୁକ୍ତ । ତୃଣମୂଳସ୍ତରରେ ଯେଉଁମାନେ ଅଗଣିତ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଗଢ଼ିବାରେ ପ୍ରତ୍ୟକ୍ଷ ସହାୟତା ପ୍ରଦାନ କରନ୍ତି ସେମାନଙ୍କର ଏହି ଯଥାର୍ଥ ଦାବୀ ପ୍ରତି ସରକାର ଅଣଦେଖା କରିବା ସେମାନଙ୍କ ପ୍ରତି ଚରମ ଅନ୍ୟାୟ । ଏହାକୁ ଦୃଷ୍ଟିରେ ରଖି ସରକାର ସକରାତ୍ମକ ଦୃଷ୍ଟି ଭଙ୍ଗୀ ନେଇ ସେମାନଙ୍କ ସହିତ ତୁରନ୍ତ ଆଲୋଚନା କରନ୍ତୁ ଏବଂ ସେମାନଙ୍କର ଦାବୀଗୁଡ଼ିକୁ ପୂରଣ କରନ୍ତୁ ବୋଲି ଏକ ପ୍ରେସ୍ ବିବୃତି ଜରିଆରେ ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ଭିଜିଲାନ୍ସ ହାତରେ...

୫୨୩/୨୫ ଏକ ମାମଲା ରୁଜୁ କରାଯାଇଥିଲା । ତଦନ୍ତ ଦାୟିତ୍ୱ ଏଏସ୍ଆଇ ନନ୍ଦ କିଶୋର ଦାସ ନେଇଥିବା ବେଳେ ଦୋଳ ଗୋବିନ୍ଦ ସାହୁଙ୍କୁ ସପକ୍ଷରେ ମାମଲାରେ ସାହାଯ୍ୟ କରିବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଦୋଳ ଗୋବିନ୍ଦ ୧୦ ହଜାର ଟଙ୍କା ଦେବା ପାଇଁ ଅସମର୍ଥ ପ୍ରକାଶ କରି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ପୂର୍ବ ପ୍ରସ୍ତୁତ ଅନୁଯାୟୀ ସନ୍ଧ୍ୟା ସମୟରେ ଦୋଳ ଗୋବିନ୍ଦ ୫ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ ଏଏସ୍ଆଇ ନନ୍ଦ କିଶୋର ଦାସଙ୍କୁ ଟଙ୍କା ସହ ମାଡ଼ି ବସିଥିଲେ । ଏହି ଚଢ଼ଉରେ ଭିଜିଲାନ୍ସ ଡିଏସ୍ପି ସୁଶୀଲ ଏକ୍କା, ଡିଏସ୍ପି ସୁଲୋଚନା ନାୟକ, ଇନ୍ସପେକ୍ଟର ବିଜୟ କୁମାର ସେଠୀ, ଇନ୍ସପେକ୍ଟର ଜ୍ୟୋତି ଶଙ୍କର ସାହୁ, ଇନ୍ସପେକ୍ଟର ସଂଘମିତ୍ରା ଦାସ, ଇନ୍ସପେକ୍ଟର ସରୋଜ କୁମାର ସେଠୀ, ଏଏସ୍ଆଇ ଶ୍ରୀକାନ୍ତ ନାୟକ, ଏଏସ୍ଆଇ ସୁବାଶିଷ ବେହେରା, ବିଶ୍ୱଜିତ ଦାସ ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ । ଏହି ଚଢ଼ଉରେ ଭିଜିଲାନ୍ସ କଟକ, କେନ୍ଦ୍ରାପଡ଼ା ଓ ଯାଜପୁରର ଅଧିକାରୀ ସାମିଲ ହୋଇଥିଲେ । ଏକା ସଙ୍ଗେ ତିନୋଟି ସ୍ଥାନରେ ଚଢ଼ଉ ହୋଇଥିବା ସୂଚନା ମିଳିଛି । ଏ ନେଇ ଭିଜିଲାନ୍ସ ପକ୍ଷରୁ ୩୪/୨୫ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ଏଏସ୍ଆଇ ଶ୍ରୀ ଦାସଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ପଚରାଉଚରା କରାଯାଉଛି ।

### ଅତିରିକ୍ତ ବ୍ୟୟମଞ୍ଜୁରୀ...

ସମ୍ମୁଖୀନ ହୋଇଥିଲା କିନ୍ତୁ ପରେ ଆର୍ଥିକ ସ୍ଥିରତା ହାସଲ କରିଥିଲା । ସେ ବର୍ତ୍ତମାନର ସରକାରଙ୍କୁ ହସ୍ତାନ୍ତରିତ ଏକ ଦୃଢ଼ ଅର୍ଥନୀତିକୁ ଭୁଲ ପରିଚାଳନା କରିବାର ଅଭିଯୋଗ ଆଣିଛନ୍ତି ଏବଂ ଜିଏସଟି ସଂଗ୍ରହ ହ୍ରାସ ଏବଂ ଖଣି ରାଜସ୍ୱ ହ୍ରାସକୁ ଉଲ୍ଲେଖ କରିଛନ୍ତି ।

କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡାମ ସରକାରଙ୍କ ପାଣ୍ଠି ବ୍ୟବହାର କରିବାର କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ । ସେ କହିଥିଲେ ଯେ ବାର୍ଷିକ ବଜେଟ୍ କମ୍ ଖର୍ଚ୍ଚ ହୋଇଛି ଏବଂ ପରିପୂରକ ବଜେଟ୍ କିପରି ପରିଚାଳନା କରାଯିବ ସେ ବିଷୟରେ ସନ୍ଦେହ ସୃଷ୍ଟି କରିଛି । ସେ ଡାକ୍ତର ଏବଂ ଶିକ୍ଷକଙ୍କ ଅଭାବକୁ ଇଙ୍ଗିତ କରି ଦାବି କରିଥିଲେ ଯେ ଖଣି ପ୍ରକଳ୍ପଗୁଡ଼ିକ ସେମାନଙ୍କୁ ଅଧିକାରରୁ ବଞ୍ଚିତ କରୁଥିବା ବେଳେ ଆଦିବାସୀଙ୍କ ଅଧିକାରକୁ ଅଣଦେଖା କରାଯାଉଛି । ଏହାପରେ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

### ସନ୍ଦିଗ୍ଧ ଚୀନ୍ ନାଗରିକ...

କରିଛନ୍ତି ଏବଂ ତାଙ୍କୁ ଚୀନ୍ ଫେରାଇବା ହିଁ ଏକମାତ୍ର ବିକଳ୍ପ । ଏବେ ସୁରକ୍ଷା ଏଜେନ୍ସି ତାଙ୍କୁ ପଚରା ଉଚରା କରୁଛି ଏବଂ ମୋବାଇଲ୍ ଡାଟାରୁ ଅଧ ତଥ୍ୟ ଯୋଗାଡ କରୁଛି ।

### ଚିଲିକାକୁ ବିପତ୍ତି...

ଚାହିଦା ମେଣ୍ଟାଇବାପାଇଁ ହ୍ରଦରେ ସଂଖ୍ୟାଧିକ ଡିଜେଲ ଚାଳିତ ଡଙ୍ଗା ବ୍ୟବହୃତ ହେଉଥିବାରୁ ଏହା ମଧ୍ୟ ଚିଲିକାର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ଉଭୟ ପର୍ଯ୍ୟଟନ ଓ ମାଛଧରା ପାଇଁ ବ୍ୟବହୃତ ଡଙ୍ଗାଗୁଡିକୁ ବ୍ୟାଟେରୀଚାଳିତ କରିବାଲାଗି ବାରମ୍ବାର କୁହାଯାଉଥିଲେ ମଧ୍ୟ ଏଯାବତ୍ ସଂଖ୍ୟାଧିକ ଡଙ୍ଗା ଡିଜେଲ ଚାଳିତ । ଏହି ଡଙ୍ଗାର ଶବ୍ଦ ଯୋଗୁଁ ବି ଚିଲିକାକୁ ଆସୁଥିବା ପକ୍ଷୀ, ଡଲଫିନ୍ ଆଦିଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି ।

ଚିଲିକା ଆର୍ନ୍ତଜାତିକ ସ୍ତରରେ ଓଡିଶାର ପରିଚିତି ହୋଇଥିବା ଏବଂ ରାଜସୋର କନଭେନସନରେ ଏହା ସ୍ଥାନ ପାଇଥିବା ଦୃଷ୍ଟିରୁ ପରିବେଶ, ମୃତ୍ତିକା ଅବକ୍ଷୟ ଓ ଅନ୍ୟାନ୍ୟଯେଉଁ ସମସ୍ୟା ଏହି ହ୍ରଦ ପାଇଁ ରହିଛି ତାହାର ନିରାକରଣ ଲାଗି ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ସହ କାମ କରାଯିବା ଉପରେ ପରିବେଶବିତ୍‌ମାନେ ଗୁରୁତ୍ୱ ଦେଉଛନ୍ତି ।

### ଅଚଳାବସ୍ଥାର ପ୍ରକୃତ...

ଆଲୋଚନା କରିସାରିଛନ୍ତି କାରଣ ଏହା କ୍ରୁ ସୂଚୀରେ ସମସ୍ୟା ସୃଷ୍ଟି କରୁଛି ।

ଇଣ୍ଡିଗୋ ଦାବି କରିଛି ଯେ ଏହା ଯାତ୍ରୀମାନଙ୍କୁ ସମୟାନୁସାରେ ସୂଚନା ପଠାଇଛି ଏବଂ ଡିଜିସିଏ ନିୟମ ଅନୁଯାୟୀ ଖାଦ୍ୟ, ହୋଟେଲ ରହଣି ଏବଂ ସ୍ଥାନୀୟ ପରିବହନ ପାଇଁ ବ୍ୟବସ୍ଥା ଯୋଗାଇଛି । ଅଧିକାଂଶ ଯାତ୍ରୀଙ୍କ ପାଇଁ ଫେରସ୍ତ ତୁରନ୍ତ ପ୍ରକ୍ରିୟାକରଣ କରାଯାଇଥିଲା । ସୂତ୍ର ଅନୁଯାୟୀ, ବିମାନ ଚଳାଚଳ ମନ୍ତ୍ରଣାଳୟର ଅଧିକାରୀମାନେ ଏବଂ ଡିଜିସିଏ ମଙ୍ଗଳବାର ସକାଳ ୧୧ଟାରେ ଇଣ୍ଡିଗୋର ସିଇଓ ପିଟର ଏଲବର୍ସଙ୍କୁ ସାକ୍ଷାତ କରି ତାଙ୍କୁ ପଚରାଉଚରା କରିବେ । ଏହା ପରେ, ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଡିସେମ୍ବର ୯ ଦିନ ମଧ୍ୟାହ୍ନ ୧୨ଟାରେ ଲୋକସଭାରେ ଏକ ବିବୃତ୍ତି ଦେବେ ।

### ପଲି ପ୍ୟାକିଂ...

ଜଣାପଡ଼ିନଥିଲେ ହେଁ ସର୍ଟ ସରକିଟରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି । କ୍ଷୟକ୍ଷତିର ଆକଳନ ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଇ ନଥିବା ସୂଚନା ମିଳିଛି ।

# ରାଷ୍ଟ୍ର ନିର୍ମାଣ ପାଇଁ ଭିଜନ ଏବଂ ଦୂରଦୃଷ୍ଟିର ଆବଶ୍ୟକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୮।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୧୭ହଜାର ୪୪୦କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ହୋଇଛି । ଏହି ଅବସରରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଚଳିତ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଗୃହରେ ଉପସ୍ଥାପନ କରିଥିଲି । ଗତ ଆଠ ମାସରେ ଆମର ସରକାର ବଜେଟରେ ଥିବା ପ୍ରାବଧାନ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରୁଛନ୍ତି । ଆମ ବଜେଟର ଚାରିଗୋଟି ମୁଖ୍ୟ ଉପାଦାନ ଉପରେ ପର୍ଯ୍ୟବେଶିତ ଥିଲା ଜୀବନ ଜୀବିକାର ଉନ୍ନତି, ଭିତ୍ତିଭୂମିର ବିକାଶ, ସାମାଜିକ ସୁରକ୍ଷା ଓ ସମାଜ ମଙ୍ଗଳ ଏବଂ ଓଡିଶା ଅସ୍ମିତା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୭ ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବ୍ୟୟ ମଧ୍ୟରୁ କେବଳ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩ ହଜାର ୭୧୬ କୋଟି ଟଙ୍କା ଖର୍ଚ୍ଚ ହେବ । ବାର୍ଷିକ ବଜେଟ କେବଳ ବର୍ଷକର ଆୟ-ବ୍ୟୟର ହିସାବ ନୁହେଁ । ଆମ ସରକାର ରାଜ୍ୟ ଗଠନରେ ବିଶ୍ୱାସ କରେ, ଏହି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣ କେବଳ ଗୋଟିଏ କି ଦୁଇଟି ବଜେଟରେ ହେବା ସମ୍ଭବ ନୁହେଁ । ଏଥିପାଇଁ ଏକ ଭିଜନ ଏବଂ ଦୁରଦୃଷ୍ଟିର ଆବଶ୍ୟକ ।

ତେଣୁ, ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡିଶା' ର ନିର୍ମାଣ ଏବଂ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଓଡିଶାର ଅବଦାନ । ଏହି ସ୍ୱପ୍ନକୁ ସାକାର କରିବାପାଇଁ ସବୁଠାରୁ ବଡ ଅବଦାନ ରହିବ ଭିତ୍ତିଭୂମି ନିର୍ମାଣ । ଯେତେ ଅଧିକ ଭିତ୍ତିଭୂମି ନିର୍ମାଣ ହେବ ସେତିକି ଅଧିକ ରୋଜଗାର ସୃଷ୍ଟି ହେବ, ସେତେ ଅଧିକ ଆର୍ଥିକ ଅଭିବୃଦ୍ଧି ହେବ ।

ତେବେ ଓଡିଶା ମହାଲେଖାକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୫ ଅକ୍ଟୋବର ପର୍ଯ୍ୟନ୍ତ ରାଜ୍ୟର ରାଜସ୍ୱ ବଳକା (୧.୩ ପ୍ରତିଶତ) ସ୍ଥିତି ବଜାୟ ଥିବାବେଳେ, ଋଣ ଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୧୧.୯ ପ୍ରତିଶତ ରହିଅଛି ଏବଂ ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୨.୨ ପ୍ରତିଶତରେ ସୀମିତ ରହିଛି । ଏଥି ସହିତ ଅକ୍ଟୋବର, ୨୦୨୫ ଶେଷ ସୁଦ୍ଧା ରାଜ୍ୟର ମୁଣ୍ଡପିଛା ଋଣଭାର (କେବଳ ୨୬ ହଜାର ୯ ଶହ ୭୮ ଟଙ୍କା ରହିଅଛି, ଯାହାକି ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଯଥେଷ୍ଟ କମ୍ ଅଟେ ।

ଖାଦ୍ୟ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ୪ ହଜାର ୩୨୯ କୋଟି ଟଙ୍କା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୨ ହଜାର କୋଟି ଟଙ୍କା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧ ହଜାର ୧୫୯ କୋଟି ଟଙ୍କା, କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ ୧ ହଜାର ୬୭୩ କୋଟି ଟଙ୍କା, ମହିଳା ଓ ଶିଶୁ କଲ୍ୟାଣ ତଥା ମିଶନ ଶକ୍ତି ପାଇଁ ୧ ହଜାର ୫୫୭ କୋଟି ଟଙ୍କାର ପ୍ରାବଧାନ କରାଯାଇଛି । ତେଣୁ ସାଧାରଣ ଲୋକ, ବିଶେଷ ଭାବେ କୃଷକ, ମହିଳା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆମ ସରକାରର ପ୍ରତିବଦ୍ଧତାର ପ୍ରମାଣ । ଆମ ସରକାର ଆସିବା ପରେ ୩୭ ହଜାରରୁ ଅଧିକ ସରକାରୀ ପଦପଦବୀ ପୂରଣ କରିଛି । ଆସନ୍ତା ଚାରିମାସରେ ପ୍ରାୟ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସୂଚନା ଦେଇଥିଲେ ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ